

ଝାଡ଼ଖଣ୍ଡ ନିର୍ବାଚନରେ ମହେନ୍ଦ୍ର ସିଂ ଧୋନିଙ୍କୁ ବଡ଼ ଦାୟିତ୍ୱ

ପୃଷ୍ଠା ୬


# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 213 | ଭାଗ ୩୨ | ସଂଖ୍ୟା ୨୧୩ Bhubaneswar | Sunday 27 October 2024 | Page 8 Rs. 4.00 ଭୁବନେଶ୍ୱର | ରବିବାର ୨୭ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଶିବାନୀଙ୍କୁ ମିଳିଲା ଆବାସ ଯୋଜନାରେ ଘର



**ଭୁବନେଶ୍ୱର,୨୬।୧୦:** ବାତ୍ୟା ସମୟରେ ଅସହାୟ ଓ ବିପନ୍ନଙ୍କ ପାଇଁ ସାହାରା ସାଜିଥିଲେ ଆଶାକର୍ମୀ । ଆଜି ଶିବାନୀଙ୍କ ଘରେ ପହଞ୍ଚି ସରକାର ବଢ଼ାଇଲେ ସହାୟତାର ହାତ। ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ପରେ ଆଜି କେନ୍ଦ୍ରାପଡ଼ା ରାଜନଗରର ଆଶାକର୍ମୀ ଶିବାନୀଙ୍କ ମଣ୍ଡଳଙ୍କ ଘରକୁ ବିଡିଓ ନିଜେ ଯାଇ ଶିବାନୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୱାର୍କ ଅର୍ଡର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ବାତ୍ୟା 'ଦାନା' ଆସିବା ପୂର୍ବରୁ ବୃଦ୍ଧ, ବୃଦ୍ଧା ଓ ଗର୍ଭବତୀ ମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ଓ ରିଲିଫ କ୍ୟାମ୍ପରେ ପହଞ୍ଚାଇବାରେ ଶିବାନୀହେଳା କରି ନଥିଲେ। ତଳିଆ ଅଞ୍ଚଳରେ ରହୁଥିବା ବୃଦ୍ଧା ଓ ଗର୍ଭବତୀଙ୍କୁ ନିଜ କାନ୍ଧରେ ବୋହି ଆଶ୍ରୟସ୍ଥଳୀରେ ପହଞ୍ଚାଇବାରେ ହେଳା କରି ନ ଥିଲେ ଶୀବାନି। ଅସହାୟଙ୍କ ପାଇଁ ପାଲଟିଥିଲେ ଦେବଦୂତ । ତାଙ୍କର ଏଭଳି କାର୍ଯ୍ୟ ପାଇଁ ଚାରିଆଡୁ ଶୁଭେଚ୍ଛାର ଶୁଅ ଛୁଟିଥିବା ବେଳେ ତୁରନ୍ତ ଆବାସ ଘର ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରେ ଆଜି ବିଡିଓ ନିଜେ ଶିବାନୀଙ୍କ ଘରେ ପହଞ୍ଚି ତାଙ୍କୁ ଆବାସ ଯୋଜନାର ୱାର୍କଅର୍ଡର ଦେଇଛନ୍ତି ।

## ସାହସିକତା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ମାନସଙ୍କୁ ପ୍ରଶଂସା



**ରାଜନଗର,୨୬।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳରେ 'ଦାନା'ର ତାଣ୍ଡବ ସମୟରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ମାନସ ମଳିକ ସାହସିକତା ଦେଖାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ମାନସ ଡେରା ପଞ୍ଚାୟତ କାଠୁଆଗଣ୍ଡ ଗ୍ରାମରେ ପହଞ୍ଚି ଅସୁସ୍ଥ ଥିବା ଜନୈକା ମହିଳାଙ୍କୁ ପ୍ରବଳ ବର୍ଷା ସତ୍ତ୍ୱେ ସେସବୁକୁ ବେଖାତିର କରି ୧୦୮ ଗାଡ଼ିକୁ ରାସ୍ତା ଉପରେ ରଖି ଅସୁସ୍ଥ ମହିଳାଙ୍କୁ କାନ୍ଧେଇ ଆଣି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଫଳରେ ମହିଳା ଜଣଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ନୂଆ ଜୀବନ ଦେଇଥିବା ମାନସ ଏବେ ସବୁଠି ପ୍ରଶଂସାର ପାତ୍ର ହୋଇଛନ୍ତି। ମାନସଙ୍କ ଏତାଦୃଶ୍ୟ ସେବା କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଭୂୟସୀ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମାନସଙ୍କ ଏପରି କାର୍ଯ୍ୟ ପାଇଁ ମୁଁ ତାଙ୍କୁ ସାଧୁବାଦ ଜଣାଉଛି।

## ମୋହନ ମନ୍ତ୍ର

# ନିର୍ଭୟରେ ରୁହନ୍ତୁ, ସରକାର ସଜାଗ



- ୯୨%ରୁ ଅଧିକ ଘରକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ
- ବାଲେଶ୍ୱର ଓ ମୟୂରଭଞ୍ଜକୁ ଅତିରିକ୍ତ ପାୱାର ବୋଟ୍
- ବନ୍ୟା ପାଇଁ ୧୦ ହଜାର ଲୋକ ସ୍ଥାନାନ୍ତର

**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସକାଳେ ଓ ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଦୁଇ ଥର ସମୀକ୍ଷା କରି ବାତ୍ୟା ପରବର୍ତ୍ତୀ ପରିସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଛନ୍ତି। ପୁନରୁଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ପରେ ସନ୍ଧ୍ୟାରେ ଗଣ ମାଧ୍ୟମ ଜରିଆରେ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ବ୍ୟତ୍ୟା ପରିସ୍ଥିତି ସ୍ୱାଭାବିକ ହୋଇଛି। ସମସ୍ତେ ସୁରକ୍ଷିତ ଅଛନ୍ତି। ଆପଣମାନେ ସମସ୍ତେ ନିର୍ଭୟରେ ରୁହନ୍ତୁ। ଆମ ଟିମ୍ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ବାତ୍ୟା ଆଶ୍ରୟସ୍ଥଳକୁ ସମୁଦାୟ ୮ ଲକ୍ଷ ୯ ହଜାର ୫୧୩ ଲୋକମାନଙ୍କୁ ଅଣାଯାଇଥିଲା। ସ୍ଥିତି ସ୍ୱାଭାବିକ ହେବାପରେ ଲୋକମାନେ ନିଜ ଘରକୁ ଫେରିଛନ୍ତି । ବର୍ତ୍ତମାନ ମାତ୍ର ୧ ଲକ୍ଷ ୧୦ ହଜାର ୭୭୦ ଜଣ ଆଶ୍ରୟସ୍ଥଳୀରେ ଅଛନ୍ତି। ଯେଉଁ ଅଞ୍ଚଳରେ ପାଣି ଜମି ରହିଛି, ସେଠାରେ ଲୋକମାନେ ଏ ପର୍ଯ୍ୟନ୍ତ ଅଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ସେମାନେ ରହି ପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ବାତ୍ୟା ଯୋଗୁ ସମୁଦାୟ ୨୨.୮୪ ଲକ୍ଷ ପରିବାରକୁ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଥିଲା । ତନ୍ମଧ୍ୟରୁ ଆଜି ସନ୍ଧ୍ୟା ୭ ଟା ୩୦ ସୁଦ୍ଧା ୯୨ ପ୍ରତିଶତରୁ ଅଧିକ ପରିବାରକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯାଇଛି।

ବାତ୍ୟା ଦାନା ଦ୍ୱାରା କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ଅଧିକ ପ୍ରଭାବିତ ହୋଇଥିଲା । ଏହିସବୁ ଜିଲ୍ଲା ଗୁଡିକରେ ଗଛ ପଡି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିଥିଲା । କେନ୍ଦ୍ରାପଡାରେ ବର୍ତ୍ତମାନ ସ୍ଥିତି ପ୍ରାୟତଃ ସ୍ୱାଭାବିକ ଅଛି। ବର୍ତ୍ତମାନ ସୁଦ୍ଧା ବାତ୍ୟା ଦ୍ୱାରା ➪ପୃଷ୍ଠା-୬

## ଆଜି ବାତ୍ୟାଞ୍ଚଳ ଦେଖିବେ ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ):** ଆଜି ବାତ୍ୟାଞ୍ଚଳ ବୁଲିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁଖ୍ୟମନ୍ତ୍ରୀ ପ୍ରଭାବିତ ଜିଲାରେ ସକାଳ ୧୧ଟା ୩୫ରୁ ପ୍ରାୟ ୨ ଘଣ୍ଟା ଧରି ଆକାଶ ମାର୍ଗରୁ ପରିଦର୍ଶନ କରି ବାତ୍ୟା ବିଭୀଷିକା ଓ କ୍ଷୟକ୍ଷତିର ସ୍ଥିତି ପରଖିବେ। ଏହାପରେ ଅପରାହ୍ନରେ ଲୋକସେବା ଭବନରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ।

ବାତ୍ୟା 'ଦାନା' ମଧ୍ୟରେ ଭିତରକନିକା ଓ ଧାମରା ମଧ୍ୟବର୍ତ୍ତୀ ଅଞ୍ଚଳରେ ଲ୍ୟାଣ୍ଡଫଲ୍ ହୋଇଛି। ବାତ୍ୟା ମୁକାବିଲାରେ ଆମେ ସମ୍ପୂର୍ଣ୍ଣ ସଫଳତା ହାସଲ କରିଛୁ। ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ଆମେ ଆମର 'ଜିରୋ କାଜୁଆଲ୍ଟି' ଲକ୍ଷ୍ୟ ହାସଲ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ➪ପୃଷ୍ଠା-୬

# ବାଲେଶ୍ୱରରେ ବନ୍ୟା ସ୍ଥିତି

- ଉଛୁଳିଲା ବୁଢ଼ାବଳଙ୍ଗ, ସୋନ ଓ କାଂଶବାଂଶ
- ୧୦ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

**ବାଲେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ପ୍ରବଳ ବର୍ଷା ହୋଇଥିବାରୁ ଯୋଗୁ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପୁଜିଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ପାଣି ଉଛୁଳିବାରେ ଲାଗିଛି। ପରିସ୍ଥିତି ଧୀରେ ଧୀରେ ଅଣାୟତ୍ତ ହେବାକୁ ଲାଗିଛି। ପାଣି ପ୍ରଖର ସ୍ରୋତରେ ପ୍ରବାହିତ ହେବାରୁ ବାଲେଶ୍ୱର ଜିଲ୍ଲାର ୧୦ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

ବୁଢ଼ାବଳଙ୍ଗ ଓ ସୋନ ନଦୀରେ ପ୍ରବଳ ମାତ୍ରାରେ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ବାଲେଶ୍ୱର ଜିଲ୍ଲାର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ନୀଳିଗିରି ଓ ରେମୁଣାର ବେଗୁନିଆ, କାଂଶ, କାଠପୋଲ, କଲ୍ୟାଣପୁର ଆଦି ଗାଁ ବନ୍ୟା ଘେରରେ ➪ପୃଷ୍ଠା-୬



### ବନ୍ୟା ସମ୍ଭାବନା ନାହିଁ: ମନ୍ତ୍ରୀ

**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ବାତ୍ୟା ଦାନା ପରେ ବନ୍ୟା ସ୍ଥିତି ଗମ୍ଭୀର ହେବା ନେଇ ଅଶଙ୍କା କରାଯାଉଛି। ହେଲେ ଏହାକୁ ଖଣ୍ଡନ କରିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଶନିବାର ସେ କହିଛନ୍ତି କିଛି କିଛି ଅଞ୍ଚଳରେ ପାଣି ଜମିଥିବା ଖବର ଆସିଛି। ହେଲେ ବନ୍ୟା ସ୍ଥିତି ହୋଇନି। ତେଣୁ ଭୟକରିବାର କୌଣସି ଆବଶ୍ୟକତା ନାହିଁ। ପ୍ରବଳ ବର୍ଷା କାରଣରୁ ବୁଢ଼ାବଳଙ୍ଗରେ ପାଣି ବଢ଼ିଛି, ହେଲେ ବର୍ତ୍ତମାନ ସୁଦ୍ଧା ବିପଦ ସଂକେତ ଟପିନି। ସରକାର ସମଗ୍ର ସ୍ଥିତି ଉପରେ ନଜର ରଖିଛନ୍ତି। ବର୍ଷା କମିବା ଯାଏଁ ଲୋକମାନେ ଟିକେ ହାଇରାଣ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

# ଆପଣଙ୍କ ସେବା ଆମ ଦାୟିତ୍ୱ



### ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ପ୍ରଭୁ ଜଗନ୍ନାଥଙ୍କ, ଅପାର କରୁଣାରୁ, ଆମ ରାଜ୍ୟ ଉପରୁ, ଏତେବଡ ବିପତ୍ତି ହଟି ଗଲା। ବାତ୍ୟା ଦାନା ପ୍ରଭାବରୁ କେହି ମୃତାହତ ହୋଇନାହାନ୍ତି। ସରକାରଙ୍କ 'ଜିରୋ କାଜୁଆଲଟି' ନୀତିକୁ ସଫଳତାର ସହିତ କାର୍ଯ୍ୟକାରୀ କରିଥିବାରୁ, ମନ୍ତ୍ରୀପରିଷଦର ସମସ୍ତ ସଦସ୍ୟ, ସଦସ୍ୟା, ସାଂସଦ, ବିଧାୟକ, ବିଧାୟିକା, ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତରିକତାର ସହିତ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ସୁରକ୍ଷିତ କରି, ସେମାନଙ୍କୁ ➪ପୃଷ୍ଠା-୬

# ବିପନ୍ନଙ୍କୁ ଦୁର୍ବ୍ୟବହାର: ୬ ଅଫିସର ସସପେଣ୍ଡ

- ଠିକ୍ ରୂପେ କର୍ତ୍ତବ୍ୟ ପାଳନ କଲେ ପୁରସ୍କାର
- ଘର ସଂପୂର୍ଣ୍ଣ ଭାଙ୍ଗିଥିବା ପରିବାର ଆଶ୍ରୟସ୍ଥଳୀରେ ରହିବେ



**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ବାତ୍ୟା ସମୟରେ ବିପନ୍ନଙ୍କୁ ଅପମାନିତ କରିଥିବା ୬ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ଏପରି ଅଭିଯୋଗ ଆସିଲେ କାହାକୁ ବି ଛଡ଼ା ଯିବନି ବୋଲି ଚେତାଇ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି,'ଦାନା' ମୁକାବିଲା ନିମନ୍ତେ ତୃଣମୂଳ ସ୍ତରରେ ମୁତୟନ ହୋଇଥିଲେ ଅଧିକାରୀ। ବିପନ୍ନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେବା ସହ ସ୍ଥିତିର ପରିଚାଳନା ନିମନ୍ତେ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ୬ ଅଧିକାରୀ ନିଜ ଦାୟିତ୍ୱରେ ଖିଲାପ କରିବା ସହ ଲୋକଙ୍କୁ ଦୁର୍ବ୍ୟବହାର ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗ ହୋଇଥିଲା। ରାଜ୍ୟ ସରକାର ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ସେମାନଙ୍କୁ ନିଲମ୍ବନ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ପିଇଓ, ଜଣେ ଆରଆଇ ଅନ୍ତର୍ଭୁକ୍ତ। ସମସ୍ତ ନିଲମ୍ବିତ ଅଧିକାରୀ କେନ୍ଦ୍ରାପଡାରେ କାର୍ଯ୍ୟରତ। ସେମାନେ ହେଉଛନ୍ତି ଆଳି ପଞ୍ଚାୟତ ସମିତିର ପିଇଓ ସନ୍ଧ୍ୟା ପ୍ରଧାନ, ଗଦରପୁର ପଞ୍ଚାୟତ ସମିତିର ପିଇଓ ଜସ୍ମିନ ସୋରେନ, ପିଇଓ ସଞ୍ଜୟ ପ୍ରଧାନ, ରାଜନଗର ପଞ୍ଚାୟତ ସମିତିର ପିଇଓ ଅଶୋକ ପ୍ରଧାନ, ପିଇଓ ବିଜୟ କୁମାର ସେଠୀ ଓ ରାଜନଗର ତହସିଲର ଆରଆଇ ବିଜୟ କୁମାର ଜେନା । ଆଉ କିଛି ଅଧିକାରୀଙ୍କ ବିରୋଧରେ ମଧ୍ୟ ଆସିଛି କାର୍ଯ୍ୟରେ ଅବହେଳା ଅଭିଯୋଗ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁମାନେ ଭଲ କାର୍ଯ୍ୟ କରିଛନ୍ତି ପୁରସ୍କୃତ ହେବେ । ଆଉ କିଛି ➪ପୃଷ୍ଠା-୬

# କୋରେଇକୁ ପର କଲେ ଦାସ ପରିବାର



ବାତ୍ୟା ପ୍ରପୀଡିତ ଯାଜପୁରବାସୀଙ୍କୁ ରିଲିଫ ବାଣ୍ଟିଥିବାବେଳେ କୋରେଇ ବାସୀଙ୍କ ନିକଟରେ ପହଞ୍ଚିନଥିଲେ ଦାସ ପରିବାର । ଏହାକୁ ନେଇ ଏବେ ଚର୍ଚ୍ଚା ।

**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ଭୋଟ ଦେଲେ ନିଜର । ଭୋଟ ନଦେଲେ ସାତ ପର । ବାତ୍ୟା ଦାନା ଏହା ପ୍ରମାଣ କରିଦେଇଛି ଯାଜପୁରରେ । ଭୋଟ ଦେଇନଥିବା ଲୋକଙ୍କୁ ସାତ ପର କରିଦେଇଛନ୍ତି ଦାସ ପରିବାର ।

ଚାରି ମାସ ପୂର୍ବେ ନିର୍ବାଚନ ସମୟରେ କୋରେଇକୁ କହୁଥିଲେ ଏ ମାଟି ମୋର । ମୋ ପରିବାରର। ମୋ ସ୍ୱାମୀଙ୍କର ଥିଲା କର୍ମକ୍ଷେତ୍ର । ଏଭଳି କଥା କହି ଭୋଟ ମାଗିଥିଲେ ସ୍ୱର୍ଗତ ଅଶୋକ ଦାସଙ୍କ ପତ୍ନୀ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କ ମା' ସଂଧ୍ୟା ଦାସ । ହେଲେ ବାତ୍ୟାବେଳେ ସ୍ୱାମୀଙ୍କ କର୍ମକ୍ଷେତ୍ର କୋରେଇର ଲୋକଙ୍କୁ ଭୁଲିଗଲେ । ରାଜନୀତିରେ ଯେ ଏଭଳି ହୋଇପାରେ ଓ ସ୍ୱର୍ଗତ ଅଶୋକ ଦାସଙ୍କ ପରିବାର ଏହା କରିପାରନ୍ତି ତାହାକୁ ଅନେକ ବିଶ୍ୱାସ ବି କରିପାରୁ ନାହାନ୍ତି । ହେଲେ ଯାଜପୁର ଛାଡି ସମ୍ବଲପୁର ଯାଇଥିବା ପ୍ରଣବ ଓ ଶେଷ ମୂହୂର୍ତ୍ତରେ ଗଡ ରକ୍ଷାପାଇଁ ପରିଣତ ବୟସରେ କୋରେଇରୁ ପ୍ରାର୍ଥୀ ହୋଇଥିବା ସଂଧ୍ୟା ଦାସ ବାତ୍ୟା ସମୟରେ ଯେଭଳି ପାତର ଅନ୍ତର ମନୋଭାବ ପ୍ରଦର୍ଶନ କଲେ ତାହାକୁ ଲୋକେ ସହଜରେ ହଜମ କରିପାରୁ ନାହାନ୍ତି । ବାତ୍ୟା ସହାୟତା ରାଜନୀତିରୁ ଉର୍ଦ୍ଧ୍ୱରେ ଓ ଏହା ଭିତରକୁ ଅଶୋକ ଦାସଙ୍କ ପରିବାର ରାଜନୀତି ପୂରାଇବାର ନଥିଲା ବୋଲି ଅନେକ ମତ ଦେଉଛନ୍ତି ।

## ଟ୍ରେଣ୍ଡିଂ ନ୍ୟୁଜ୍

- ଜମ୍ମୁ କାଶ୍ମୀରର କୁଲଗାମ୍ ଜିଲ୍ଲା ଡିଏଚ୍ ପୁରାରେ ଏକ ଦସାନା ଗାଡ଼ି ଓଲଟି ଜଣେ ଯବାନ ସହିଦ ଓ ଏକାଧିକ ଆହତ।
- ମହାରାଷ୍ଟ୍ର ବିଧାନସଭା ପାଇଁ ଏନ୍‌ସିପି (ଶରଦ) ଗୋଷ୍ଠୀ ପକ୍ଷରୁ ୨୨ ଜଣିଆ ଦ୍ୱିତୀୟ ତାଲିକା ପ୍ରକାଶ।
- ଇରାନ ଉପରେ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍ ପରେ ସିରିଆ, ଇରାକ ଓ ଇରାନରେ ବିମାନ ଚଳାଚଳ ବନ୍ଦ।
- ଦୀପାବଳୀ ପୂର୍ବରୁ ଭାରତରେ ପାମୋଲିନ ୩୭% ଓ ସୋରିଷ ତେଲ ଦର ୨୯% ବୃଦ୍ଧି।
- 'କୋଲ୍‌ଡ ପ୍ଲେ' ଓ 'ଦିଲ୍ ଲୁମିନାଟି' କନ୍‌ସର୍ଟ ଟିକେଟ ବିକ୍ରିରେ କଳାବଜାରୀ ଅଭିଯୋଗର ହେବା ପରେ ଇଡି ପକ୍ଷରୁ ୫ ରାଜ୍ୟର ୧୩ ସ୍ଥାନରେ ରେଡ୍।
- ଖଲିସ୍ତାନୀ ଆତଙ୍କୀ ହରଦୀପସିଂହ ନିଜ୍ଜରର ମୃତ୍ୟୁ ପ୍ରମାଣପତ୍ର ଏନ୍‌ଆଇଏକୁ ଦେବା ପାଇଁ କାନାଡ଼ା ସରକାର ଅରାଜି।
- ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ। ମତଦାନ ପାଇଁ ସଚେତନ କରାଇବା ଲାଗି ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକ୍ରମର ଅଂଶ ହେବେ ମାହି।
- ବିଭିନ୍ନ ଦାବି ନେଇ ପଞ୍ଜାବରେ କୃଷକଙ୍କ ବିକ୍ଷୋଭ ସମାବେଶ। ଯାନବାହନ ଚଳାଚଳ ପ୍ରଭାବିତ।

# ସନ୍ୟାସୀଙ୍କ ପ୍ରମ୍ପଟିଂରେ ନାଚୁଛନ୍ତି ବିଜେଡି ନେତା

- ସମ୍ମୁଖକୁ ଆସିବାକୁ ଡର ଗୋଡାଉଛି
- ବିଜେଡିକୁ ବୁଡାଇ ଦେବେ ଟିମ୍ ସନ୍ୟାସୀ
- ନବୀନଙ୍କ କ୍ଷମତା ପ୍ରତ୍ୟାବର୍ତ୍ତନ ଆଶା ଧୂଳିସାତ୍

**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ଭଣ୍ଡ ସନ୍ୟାସୀ ଓ ତାଙ୍କ ଟିମ୍ ପରଦା ପଛରେ ରହି ଦେଉଥିବା ନିର୍ଦ୍ଦେଶନାରେ ଏବେ ବିଜୁ ଜନତା ଦଳ ଚାଲିଥିବା ନେଇ ଆଲୋଚନା ହେଉଛି । ବୟସ୍କଙ୍କ ଠାରୁ ଯୁବନେତା ପର୍ଯ୍ୟନ୍ତ ସମସ୍ତେ ପ୍ରମ୍ପଟିଂ ଶୁଣି କାର୍ଯ୍ୟ କରୁଛନ୍ତି । ଯାହାକୁ ଯେମିତି ନିର୍ଦ୍ଦେଶ ଆସୁଛି ସିଏ ସେମିତି ଅଭିନୟ କରୁଛି । ହେଲେ ସବୁକିଛି କରୁଥିବା ସନ୍ୟାସୀ କିମ୍ବା ତାଙ୍କ ଟିମ୍ ସଦସ୍ୟମାନେ ସାମ୍ନାକୁ ଆସିବାକୁ ନାରାଜ । ମନରେ ଥିବା ଭୟ ଯୋଗୁଁ ଏମାନେ ଆଗକୁ ଆସୁନାହାନ୍ତି।

ରାଜଧାନୀ ଛାଡି ସନ୍ୟାସୀ ହୋଇଯାଇଥିବା ଭି କେ ପାଣ୍ଡିଆନଙ୍କ ସମେତ ତାଙ୍କ ଟିମ୍‌ର ମନୋଜ ବାବୁ, ଅସିତ ବାବୁ, ଭିନିଲ ବାବୁ, ସୁରେଶ ବାବୁ ଓ ରବି ବାବୁ ପ୍ରମୁଖ ଏବେ ବି ସକ୍ରିୟ। ସମସ୍ତେ ପରଦା ପଛରେ ରହି ଗୋଟି ଚଳାଉଛନ୍ତି। ବିଜେଡିକୁ ନିୟନ୍ତ୍ରଣ କରୁଛନ୍ତି। ଦଳ ସଭାପତିଙ୍କ ମୁହଁରେ ସବୁକଥା କୁହାଇବା ସହିତ ନିର୍ଦ୍ଦେଶ ଦେଉଛନ୍ତି । ଯାହା ସେମାନେ କହୁଛନ୍ତି ବା କରୁଛନ୍ତି ସେହି ଅନୁଯାୟୀ ଦଳ ଚାଲିଛି।

ତେବେ ରାଜ୍ୟବାସୀ ଏହାକୁ ପସନ୍ଦ କରୁନାହାନ୍ତି। ଯେଉଁ କାରବାର ପାଇଁ ଲୋକେ ନବୀନଙ୍କୁ କ୍ଷମତାରୁ ତଡିଥିଲେ ଏବେ ବି ବିଜେଡିରେ ସେହି କାରବାର ଚାଲିଛି । ସନ୍ୟାସୀଙ୍କୁ ସେତେବେଳେ ଯେମିତି ନାପସନ୍ଦ କରୁଥିଲେ ଏବେ ବି ସେମିତି ନାପସନ୍ଦ କରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ସନ୍ୟାସୀ ବାହାରେ କୁଆଡେ ଦର୍ଶନ ଦେଉନାହାନ୍ତି । ଶଙ୍ଖଭବନ ଭିତରେ ବିଜେଡିର ପରାଜୟରେ ଜର୍ଜରିତ ଯୁବନେତାମାନେ ଯେଭଳି ରକ୍ତଚାଉଳ ଚୋବାଉଛନ୍ତି ଯଦି ସେମାନଙ୍କ ହାବୁଡରେ ସନ୍ୟାସୀ ପଡିଯିବେ ତେବେ ଅବସ୍ଥା ଭୟଙ୍କର ହୋଇଯିବ ବୋଲି ବିଜେଡିର ଗୋଟିଏ ଗୋଷ୍ଠି କହୁଛନ୍ତି।

ଏବେ ସନ୍ୟାସୀ ଓ ତାଙ୍କ ଟିମ୍ ନିଜର ସୁରକ୍ଷା ପାଇଁ ନବୀନଙ୍କୁ ଏବେ ବି ଚଉକି ଫେରିବାର ପାଠ ପଢାଉଛନ୍ତି। ଯେମିତି ହେଉ ନବୀନ କ୍ଷମତାକୁ ଫେରିବେ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ବୋଲି ବୁଝାଉଛନ୍ତି । ସେହି ଅନୁଯାୟୀ ରଣନୀତି ପ୍ରସ୍ତୁତ ହେଉଛି । ନବୀନଙ୍କ ପ୍ରତି ପୂର୍ବଭଳି ସମର୍ଥନ ଅତୁଟ ରହିଥିବା ଦର୍ଶାଇବାପାଇଁ ଲୋକ ବୁହା ହେଉଛନ୍ତି ଓ ନାଚଗୀତ ସହିତ ଫଟୋ ଉଠା ଓ ଭିଡିଓ ରେକର୍ଡିଂ ଆଦି ଚାଲିଛି । ନବୀନଙ୍କ ଚାରିପଟେ ସନ୍ୟାସୀଙ୍କ ଟିମ୍ ଜଗି ରହୁଛନ୍ତି।

ତେବେ ପରଦା ପଛର ଏହି ଖେଳକୁ କିନ୍ତୁ ଓଡିଆମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ବିଜେଡିର କିଛି ବରିଷ୍ଠ ନେତା ଏବେ ସିଧା ସିଧା ସନ୍ୟାସୀଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି । ଅମର, ପ୍ରସନ୍ନ, ବଦ୍ରି, ଭୂପିନ୍ଦରଙ୍କ ଭଳି ନେତାମାନେ କହିଲେଣି ପରଦା ପଛର ଏହି ଖେଳ ବନ୍ଦ ନହେଲେ ବିଜେଡି ➪ପୃଷ୍ଠା-୬

## ଲେଖାଙ୍କ ଚକ୍ଷମାରେ ସମସ୍ତେ ନୀଳବର୍ଣ୍ଣ ଶୃଗାଳ



- ବାତ୍ୟାରେ ବି ରାଜନୀତି କରୁଛି ବିଜେଡି
- ଲୋକଙ୍କୁ ସହାୟତା ବଦଳରେ ସରକାରଙ୍କୁ ଗାଳି

ନିର୍ବାଚନ ଅବ୍ୟବହିତ ପୂର୍ବରୁ ବିଜେଡିରେ ଯୋଗଦେଇଥିବା ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ କେବଳ ନୀଳବର୍ଣ୍ଣ ଶୃଗାଳମାନେ ହିଁ ଦିଶୁଛନ୍ତି। ସେ ପିନ୍ଧିଥିବା ନୀଳ ଚକ୍ଷମାରେ ଲୋକଙ୍କ ପାଇଁ ଦିନ ରାତି କାମ କରୁଥିବା ନେତା କିମ୍ବା ଅଫିସର କେହି ହେଲେ ଦିଶୁ ନାହାନ୍ତି। ଆଜି ଲେଖାଶ୍ରୀଙ୍କର ସାମ୍ବାଦିକ ସମ୍ମିଳନୀ ପରେ ସାଧାରଣରେ ଏହି ଆଲୋଚନା ଆରମ୍ଭ ହୋଇଛି । ବାତ୍ୟା ମାଡରୁ ଲୋକଙ୍କୁ ଉଦ୍ଧାର ଚାଲିଥିବାବେଳେ ବିଜେଡିର ଏହି ନୂଆ ନେତ୍ରୀ ସାମ୍ବାଦିକ ସମ୍ମିଳନୀ କରି ବିଜେପି ସରକାରଙ୍କୁ ସମାଲୋଚନା କରିବା ସହିତ ଶ୍ୱେତପତ୍ର ଜାରି ପାଇଁ ଦାବି କରିଛନ୍ତି। ହେଲେ ଯେଉଁ ଭବନରେ ବସି ସିଏ ଏହି ଦାବି କରୁଛନ୍ତି ଚାରିମାସ ପୂର୍ବେ ସେହି ଭବନର ମୁଖିଆଙ୍କୁ ନୀଳବର୍ଣ୍ଣ ଶୃଗାଳ ସହିତ ତୁଳନା କରି ମନଇଚ୍ଛା ଗାଳି ଦେଉଥିଲେ । ନୀଳ ଚକ୍ଷମା ପିନ୍ଧିବା ପରେ ଏବେ ତାଙ୍କୁ ସମସ୍ତେ ନୀଳବର୍ଣ୍ଣ ଶୃଗାଳ ଭଳି ଦିଶୁଥିବା କୁହାଯାଉଛି। ବିଜେପି ଦଳର ଆଗଧାଡିରେ ଥିବାବେଳେ ଲେଖାଶ୍ରୀ ସିଧାସଳଖ ବିଜେଡି ସଭାପତି ନବୀନଙ୍କୁ ନିଶାଣ କରି ସିଏ ଦାଗୀ ନେତାମାନଙ୍କୁ ସାଙ୍ଗରେ ରଖିଥିବା କହିଥିଲେ। ସମାଲୋଚନାର ଏଭଳି ସ୍ତରକୁ ଯାଇଥିଲେ ଯେ ତାମିଲ ଅମଲା ବାବୁଙ୍କ ପାଦ ତଳେ ହାଡ ଖଣ୍ଡିଏ ପାଇଁ ବିଜେଡିର ନିର୍ବାଚିତ ପ୍ରତିନିଧିମାନେ ଓଡିଆ ➪ପୃଷ୍ଠା-୬

# ସମ୍ ହସ୍ପିଟାଲରେ ମଲିକ୍ୟୁଲାର ପରୀକ୍ଷଣ

## ଜେନୋମିକ୍ସକୁ ନେଇ ସିଏମ୍ଇ ଆୟୋଜିତ




**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** କର୍କଟ ରୋଗର ନିର୍ଣ୍ଣୟ, ପୂର୍ବାନୁମାନ ଓ ଚିକିତ୍ସା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ବହନ କରୁଥିବା ମଲିକ୍ୟୁଲାର ହେମାଟୋଲଜି କ୍ଷେତ୍ରରେ ବର୍ତ୍ତମାନ ଘଟୁଥିବା ଉନ୍ନତି ସଂପର୍କରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଠାରେ ଏକ ବିଶେଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

'ମଲିକ୍ୟୁଲାର ହେମାଟୋଲଜି- ଦି ଫ୍ୟୁଚର ୱି ଆର୍ ଲିଭିଂ ଇନ୍' ଶୀର୍ଷକ ଏହି କଂଟିନ୍ୟୁଇଂ ମେଡିକାଲ୍ ଏଜୁକେସନ୍ (ସିଏମ୍ଇ) କାର୍ଯ୍ୟକ୍ରମ ଗତ ବୁଧବାର ଦିନ ହାଇବ୍ରିଡ୍ ମୋଡ୍ରେ ଆୟୋଜିତ ହୋଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଡାକ୍ତର ଓ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ ।

ସିଏମ୍ଇରେ ଯୋଗ ଦେଇଥିବା ବିଶେଷଜ୍ଞମାନେ ମୁଖ୍ୟତଃ ଆଡ୍ଭାନ୍ସଡ ମଲିକ୍ୟୁଲାର ଟେଷ୍ଟ ସମେତ ପଲିମେରାସ ଚେନ୍ ରିଆକ୍ସନ୍ (ପିସିଆର୍), ଫ୍ଲୁରୋସେନ୍ସ ଇନ୍ ସିଟୁ ହାଇବ୍ରିଡାଇଜେସନ୍ (ଫିସ୍) ସାଇଟୋଜେନେଟିକ୍ସ, ସାଙ୍ଗେର ସିକ୍ୱେନ୍ସିଂ ଏବଂ ନେକ୍ସଟ ଜେନେରେସନ୍ ସିକ୍ୱେନ୍ସିଂ (ଏନ୍ଜିଏସ୍) ଭଳି ପ୍ରକ୍ରିୟା ଯାହାକି ହେମାଟୋଲୋଜି, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ରୋଗ କ୍ଷେତ୍ରରେ ରୋଗୀ ସେବାର ମେରୁଦଣ୍ଡ ପାଲଟିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ ।

କର୍କଟ ରୋଗର ପରୀକ୍ଷଣ, ପୂର୍ବାନୁମାନ ଏବଂ ଚିକିତ୍ସା ବିଷୟରେ ନିଷ୍ପତ୍ତି ନେବା ଦିଗରେ ମଲିକ୍ୟୁଲାର ହେମାଟୋଲଜି ଅନେକ ସହାୟକ ହେଉଛି ବୋଲି ହେମାଟୋଲୋଜି ରିସର୍ଚ୍ଚ ଫାଉଣ୍ଡେସନ୍ର ପ୍ରତିଷ୍ଠାତା ପ୍ରଫେସର (ଡାକ୍ତର) ହରପ୍ରସାଦ ପତି ଏହି ସିଏମ୍ଇରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ।

# ସୁଧୁରୁନି ଇସ୍କନ / ଅଦିନିଆ ରଥ ଯାତ୍ରା ଆୟୋଜନକୁ ବିରୋଧ

**ପୁରୀ,୨୬।୧୦(ସଂଚାର ବ୍ୟୁରୋ):** ବିଧି, ପରମ୍ପରା ଓ ଶାସ୍ତ୍ର ଅନୁଯାୟୀ ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଣୁ ମହାପ୍ରଭୁଙ୍କୁ ଭଲ ପାଉଥିବା ଏବଂ ଭକ୍ତି କରୁଥିବା ପ୍ରତ୍ୟେକ ଭକ୍ତ ଏହି ପରମ୍ପରାକୁ ସମ୍ମାନ ଦେବା ଉଚିତ। ଆମେରିକାର ହ୍ୟୁଷ୍ଟନ ସହରରେ ଆଗାମୀ ନଭେମ୍ବର ୯ ତାରିଖରେ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି ଇସ୍କନ। କେବଳ ସେତିକି ନୁହେଁ ନଭେମ୍ବର ୩ ତାରିଖରେ ମଧ୍ୟ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଆୟୋଜନ କରିବ ଇସ୍କନ। ଏନେଇ ସୋସିଆଲ ମିଡିଆରେ ଇସ୍କନ ପକ୍ଷରୁ ସୂଚନା ଦିଆଯିବା ପରେ ଜଗନ୍ନାଥ ପ୍ରେମୀ ଏବଂ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରାକୁ ଉଲ୍ଲଂଘନ କରାଯାଇ ଅଦିନିଆ ରଥଯାତ୍ରା ଆୟୋଜନ ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ ବୋଲି ବରିଷ୍ଠ ସେବାୟତ କହିଛନ୍ତି।

ମହାପ୍ରଭୁଙ୍କର ପରମ୍ପରା, ସୁରକ୍ଷା ଏବଂ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଇସ୍କନ ବାରମ୍ବାର ଅଦିନିଆ ରଥଯାତ୍ରା ଆୟୋଜନ କରୁଥିବା ବେଳେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଥିବା ବରିଷ୍ଠ ଅଧିକାରୀ ମାନେ ଏନେଇ କୌଣସି ପଦକ୍ଷେପ ନନେବା ଭକ୍ତ ଓ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବାରମ୍ବାର ଜଗନ୍ନାଥ ପ୍ରେମୀଙ୍କ ବିରୋଧ ସତ୍ତ୍ୱେ ଏହାକୁ ଖାତିର କରୁନି ଇସ୍କନ। ମହାପ୍ରଭୁଙ୍କ ପରମ୍ପରାକୁ ପ୍ରଚାର ପ୍ରସାର ଆଳରେ ବିକୃତ କରିବା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଉଛି। ଗଜପତି ମହାରାଜା ମଧ୍ୟ ଅଦିନିଆ ରଥଯାତ୍ରା ଆୟୋଜନକୁ ନାପସନ୍ଦ କରିଛନ୍ତି। କେବଳ ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ମଧ୍ୟରେ ଯେକୌଣସି ଅନୁଷ୍ଠାନ ବିଦେଶରେ ରଥଯାତ୍ରା ଆୟୋଜନ କରିପାରିବେ ବୋଲି ପୂର୍ବରୁ ଗଜପତି ମହାରାଜା ମତ ରଖି ସାରିଛନ୍ତି। ତେବେ ଅଦିନିଆ ରଥଯାତ୍ରା ମହାପ୍ରଭୁଙ୍କ ପରମ୍ପରାକୁ କୁଠାରାଘାତ ବୋଲି ଗଜପତି ମହାରାଜା ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ଆମେରିକାରେ ଅଦିନିଆ ରଥଯାତ୍ରାକୁ ନେଇ ବିଭିନ୍ନ ମହଲରେ ତୀବ୍ର ବିରୋଧ ପ୍ରକାଶ ପାଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଚୁପ୍ ବସିବା ଭକ୍ତ ଏବଂ ସେବାୟତଙ୍କୁ ବିସ୍ମିତ କରିଛି।

# ସାଂସଦ ବୈଜୟନ୍ତଙ୍କ ରାଜନଗର ଗସ୍ତ



**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ବାତ୍ୟା 'ଦାନା' କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକାରେ ଲ୍ୟାଣ୍ଡଫଲ୍ କରିଥିବାରୁ ଏହି ଜିଲ୍ଲା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟତଃ ରାଜନଗର ଅଞ୍ଚଳ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ବହୁ ଘରଦ୍ୱାର ଭାଙ୍ଗି ଯାଇଥିବା ବେଳେ ଲୋକେ ବିପନ୍ନ ହୋଇ ଜୀବନ କାଟୁଛନ୍ତି । ଏପରି ସ୍ଥିତିରେ ଲୋକଙ୍କ ସମସ୍ୟା ବୁଝିବାକୁ ଆଜି କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରିଛନ୍ତି ସାଂସଦ ବୈଜୟନ୍ତ ପଣ୍ଡା।ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ରାଜନଗର ଅଞ୍ଚଳ ଗସ୍ତ କରି ଲୋକଙ୍କ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି । ବାତ୍ୟା ଦାନା ପ୍ରଭାବରେ ରାଜନଗର ଅଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଥିବା ବେଳେ କ୍ଷତିଗ୍ରସ୍ତଙ୍କୁ ଭେଟିଛନ୍ତି ବୈଜୟନ୍ତ ପଣ୍ଡା। ଆଜି ସେ ରାଜନଗରରେ ଅନେକ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କୀତ ଭିଡିଓ ସେ ନିଜ ଏକ୍ସରେ ବି ପୋଷ୍ଟ କରିଛନ୍ତି। ବାତ୍ୟା 'ଦାନା' ଯୋଗୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ ଅଞ୍ଚଳ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଗାଁରେ ଥିବା ଚାଳ ଛପର ଘରର ଛପର ଉଡ଼ି ଯାଇଛି। ବହୁ ବଡ଼ ବଡ଼ ଗଛ ଓ ଇଲେକ୍ଟ୍ରି ଖୁଣ୍ଟ ଧରାଶାୟୀ ହୋଇଛି। ଫଳରେ ବହୁ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ଯାଇଛି।

## ଟ୍ୱିନ୍ ସିଟି କ୍ରାଇମ୍

# ୪ ଲୁଟେରା ଗିରଫ; ୫ ମୋବାଇଲ ଜବତ

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ଏକ ନିର୍ମାଣଧିନ କୋଠାରୁ କିଛି ଶ୍ରମିକ ବିଶ୍ରାମ ନେଉଥିବା ସମୟରେ ସେମାନଙ୍କ ମୋବାଇଲ ଚୋରି। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୪ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୫ଟି ଚୋରା ମୋବାଇଲ ମଧ୍ୟ ଜବତ କରାଯାଇଛି। ପରେ ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ୪ ଅଭିଯୁକ୍ତ ହେଲେ, ଗଣ୍ଡମୁଣ୍ଡା ଲେନ୍-୪ର ନାରାୟଣ ହରିଚନ୍ଦନ, କର୍ଣ୍ଣ ମହାରଣା, ଡୁମୁଡୁମାର କର୍ଣ୍ଣ ମଣ୍ଡଳ ଓ ଜାଁଳାର ସନ୍ତୋଷ କୁମାର ଭୋଇ। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ଶେଖ ଫିରୋଜ ଏକ କଣ୍ଟ୍ରାକ୍ଟର ହୋଇଥିବା ବେଳେ, କିଛି ମଜୁରିଆଙ୍କୁ ନେଇ ଆଇଟିଆର କଲେଜ ନିକଟରେ କନଷ୍ଟ୍ରକ୍ସନ କାର୍ଯ୍ୟ କରନ୍ତି। ଗତ ୨୦ ତାରିଖ ଅଭିଯୋଗକାରୀଙ୍କ ପୁଅ ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା କିଛି କର୍ମଚାରୀ ରାତିରେ ବିଶ୍ରାମ ନେଉଥିବା ବେଳେ, ଏହାର ସୁଯୋଗ ନେଇ କିଛି ଅଜଣା ଯୁବକ ସେଠାକୁ ଆସି ସେମାନଙ୍କ ନକଟରୁ ୨ଟି ମୋବାଇଲ ଫୋନ ଚୋରି କରି ନେଇଯାଇଥିଲେ। ଏହି ସମୟରେ ଅଭିଯୋଗକାରୀଙ୍କ ପୁଅ ନିଦରୁ ଉଠି ଦେଖିବାକୁ ପାଇଥିଲେ କିଛି ଯୁବକ ମୋବାଇଲ ଚୋରି କରି ଦୌଡ଼ି ପଳାଉଥିବାର। ଏନେଇ ଅଭିଯୋଗକାରୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ସିସିଟିଭି କ୍ୟାମେରାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଜି ୪ ଜଣ ଲୁଟେରାଙ୍କୁ ଗିରଫ କରାଯାଇଛି। ତଲାସି ବେଳେ ସେମାନଙ୍କ ଠାରୁ ୫ଟି ଚୋରା ମୋବାଇଲ ଜବତ କରାଯାଇଛି।

# ପାର୍ସଲ ପାଇଁ ଯାଇଥିବା ମହିଳାଙ୍କୁ ଅସଦାଚରଣ; ୩ ଗିରଫ

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ଫ୍ଲିପକାର୍ଟ ସପିଂ ଆପ ଯୋଗେ ଏକ ମୋବାଇଲ ଫୋନ୍ ଅର୍ଡର କରିଥିବା ବେଳେ ଠିକ ସମୟରେ ଡେଲିଭର ନ ହେବାରୁ ମୋବାଇଲ ଆଣିବାକୁ ଏନଟେଏକ୍ସ ଟ୍ରାନ୍ସପୋର୍ଟେସନ ସର୍ଭିସ କମ୍ପାନୀକୁ ଯାଇଥିଲେ ଯୁବତୀ। ସେଠାରେ ତାଙ୍କୁ ପାର୍ସଲ ଦେବା ବଦଳରେ ୩ ଜଣ କର୍ମଚାରୀ ହଇରାଣ କରିବା ସହ ଟଣା ଓଟୋରା କରି ଅସଦାଚରଣ କରିବା ସହ ଏକ ରୁମରେ ବନ୍ଦ କରି ରଖିଥିଲେ। ଏହି ଖବର ପାଇ ଇନଫୋସିଟି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିବା ସହ ୩ ଜଣ କର୍ମଚାରୀଙ୍କୁ ଗିରଫ କରିଛି। ପରେ ଯୁବତୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁକରି ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ, ଚନ୍ଦକା ଅଞ୍ଚଳର ଚିନ୍ମୟ ଶ୍ରୀ ଚନ୍ଦନ, ସହିଦନଗର ଅଞ୍ଚଳର ବିବେକାନନ୍ଦ ପରିଡ଼ା ଓ ଡୁମୁଡୁମା ସତ୍ୟନଗରର ଜ୍ୟୋତିରଞ୍ଜନ ସାହୁ। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଜଣକ ନୟାପଲ୍ଲୀ ଆଇଆରସି ଭିଲେଜ ଅଞ୍ଚଳରେ ରୁହନ୍ତି। ସେ ଗତ ୨୨ ତାରିଖରେ ଫ୍ଲିପକାର୍ଟ ସପିଂ ଆପ ଯୋଗେ ଏକ ମୋବାଇଲ ଫୋନ ଅର୍ଡର କରିଥିଲେ ଏବଂ ଏଥି ନିମନ୍ତେ ସେ ଅଗ୍ରୀମ ୭ ହଜାର ୨୦୦ ଟଙ୍କା ମଧ୍ୟ ପୈଠ କରିଥିଲେ। ଉକ୍ତ ମୋବାଇଲ ପାର୍ସଲଟି ଗତ ୨୫ ତାରିଖ ଅପରାହ୍ନ ସୁଦ୍ଧା ଡେଲିଭରି ହେବା ନେଇ କମ୍ପାନୀ ତରଫରୁ ସୂଚନା ଦିଆଯାଇଥିବା ସତ୍ତ୍ୱେ ପାର୍ସଲଟି ନିର୍ଦ୍ଧାରିତ ସମୟ ମଧ୍ୟରେ ଡେଲିଭରି ହୋଇପାରିନଥିଲା।

# ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୪' ଉଦ୍‌ଘାଟିତ



- ୨୬ରୁ ୩୦ ଅକ୍ଟୋବର, ୨୦୨୪ ପର୍ଯ୍ୟନ୍ତ ଚାଲିବ ପ୍ରଦର୍ଶନୀ
- ଦିନ ୧୧ରୁ ରାତି ୯ ଖୋଲା ରହିବ ଷ୍ଟଲ୍
- ପ୍ରତି ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜିଠାରୁ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୪' ଆରମ୍ଭ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି ।

ସୂଚନାଯୋଗ୍ୟ, ଗୋଟିଏ ସ୍ଥାନରେ ଟେରାକୋଟା ହସ୍ତଶିଳ୍ପକୁ ପ୍ରଦର୍ଶିତ କରିବା ସହ କାରିଗରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ୨୬ ରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ରାତ୍ର ୯ ଘଟିକା ମଧ୍ୟରେ ଲୋକମାନେ ଏହାର ସୁଯୋଗ ନେଇପାରିବେ। ଚଳିତ ବର୍ଷ ମୋଟ୍ ୨୭ଟି ଜିଲ୍ଲାର ୩୦୦ ରୁ ଉର୍ଦ୍ଧ୍ୱ କାରିଗର ଏଥିରେ ଅଂଶଗ୍ରହଣ କରିଛନ୍ତି । ପ୍ରାୟ ୨ କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହେବ ବୋଲି ଆକଳନ କରାଯାଇଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତି ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ, 'ଟେରାକୋଟା' ହସ୍ତଶିଳ୍ପ ଓଡିଶା ସରକାରଙ୍କ ଅନୁମୋଦିତ ୫୧ ଗୋଟି ହସ୍ତଶିଳ୍ପ ମଧ୍ୟରୁ ଏକ ପ୍ରମୁଖ ହସ୍ତଶିଳ୍ପ ଅଟେ । ଓଡିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୩୬,୦୦୦ କାରିଗର ଏହି ବୃତ୍ତିରେ ନିୟୋଜିତ ଅଛନ୍ତି। ଆମ ରାଜ୍ୟରେ ୪୦ ରୁ ଅଧିକ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି । ଟେରାକୋଟା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡିକୁ ବିକ୍ରୟ ନିମନ୍ତେ ୨୦୦୬ ମସିହାରୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ (ମୃତ୍ତିକା) ଆୟୋଜିତ ହୋଇ ଆସୁଅଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦୀପାବଳିକୁ ଦୃଷ୍ଟିରେ ରଖି "ମୃତ୍ତିକା- ୨୦୨୪" ଟେରାକୋଟା ପ୍ରଦର୍ଶନୀ ୨୨ ଅକ୍ଟୋବର ରୁ ୨୯ ଅକ୍ଟୋବର, ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପାଇଁ ଆୟୋଜନ କରାଯାଇଥିଲା । ମାତ୍ର ବାତ୍ୟା 'ଦାନା' ପାଇଁ ଏହା ସ୍ଥଗିତ ରଖାଯାଇ ୨୬ ରୁ ୩୦ ଅକ୍ଟୋବର ଯାଏ ଆୟୋଜନ କରାଯାଇଅଛି ।

# ଦୀପାବଳି ପୂର୍ବରୁ ୪ ଲକ୍ଷ ଟଙ୍କାର ବାଣ ଜବତ

**ନବରଙ୍ଗପୁର,୨୬।୧୦(ସଂଚାର ବ୍ୟୁରୋ):** ଦୀପାବଳି ପାଇଁ ନିଜ ଗୋଦାମରେ ବିପୁଳ ପରିମାଣର ବାଣ ଗଚ୍ଛିତ କରି ରଖିଥିଲେ। ଯାହାର ଅନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ହେଲେ ଏଥିପାଇଁ ପୁଲିସ୍ ଓ ଅଗ୍ନିଶମ ବିଭାଗ ପାଖରୁ କୌଣସି ଅନୁମତି ନେଇନଥିଲେ। ନବରଙ୍ଗପୁର ଜିଲ୍ଲା ପୁଲିସ୍ ଅଚାନକ ଚଢ଼ଉ କରି ସବୁ ବାଣ ଜବତ କରିଛି। ଦୀପାବଳି ପାଇଁ ଖାତିଗୁଡା ଗାଁର ଯୁବ ବ୍ୟବସାୟୀ ସୁରଜ କିଷାନ ମହାନ୍ତି ବହୁ ବାଣ ଗଚ୍ଛିତ କରି ରଖିଥିଲେ। ଯେଉଁଥିରେ ରହିଛି ରକେଟ, ଝୁରୁଝୁରି, ମରିଚ ବାଣ, ସୁତା ବାଣ, ଟାଇଗର, ବମ୍ବ ଭଳି ଭୟଙ୍କର ବାଣ। ସେ ସେଠାରେ ବିକ୍ରି ମଧ୍ୟ କରୁଥିଲେ। ତେବେ ଏଥିପାଇଁ ସେ ପ୍ରଶାସନଠାରୁ ଅନୁମତି ନେଇନଥିଲେ। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ପୁଲିସ୍ ଅଚାନକ ସେହି ଗୋଦାମରେ ଚଢ଼ଉ କରିଥିଲା। ଚଢଉ ବେଳେ ପର୍ଯ୍ୟାପ୍ତ ପରିମାଣର ବାଣ ମିଳିଥିଲା। ପୁଲିସ୍ ସବୁ ବାଣ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ୨୦ ହଜାର ଟଙ୍କା ହେବ। ଏଥିସହ ବ୍ୟବସାୟୀଙ୍କ ନାଁରେ ଏମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ମାର୍ଗଦର୍ଶିକା ଜାରି କଲେ ସରକାର

## ସୋସାଲ ମିଡିଆରେ ମିଥ୍ୟା ବୋମା ଧମକ

**ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ):** ଭାରତରେ ଥିବା ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ମିଳୁଥିବା ମିଥ୍ୟା ବୋମା ଧମକ ରୋକିବା ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏକ ମାର୍ଗଦର୍ଶିକା ଜାରି କରି ସୋସାଲ ମିଡିଆ ପ୍ଲାଟଫର୍ମ ସମେତ ବିଭିନ୍ନ ମଧ୍ୟସ୍ଥଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଛି। ଏହି ପ୍ଲାଟଫର୍ମଗୁଡ଼ିକ ନାଗରିକ ଶୃଙ୍ଖଳା ଏବଂ ନିରାପତ୍ତା ବଜାୟ ରଖିବା ପାଇଁ ବେଆଇନ ବିଷୟବସ୍ତୁକୁ ତୁରନ୍ତ ହଟାଇବା ଆବଶ୍ୟକ।

ଆଇଟି ନିୟମ, ୨୦୨୧ ଅନୁଯାୟୀ ଏଭଳି ଦାୟିତ୍ୱର ଅଂଶ ସ୍ୱରୂପ, କୌଣସି ଉପଭୋକ୍ତାଙ୍କୁ କୌଣସି ବେଆଇନ କିମ୍ବା ମିଥ୍ୟା ସୂଚନା ହୋଷ୍ଟ କରିବା, ପ୍ରଦର୍ଶନ, ଅପଲୋଡ୍, ସଂଶୋଧନ, ପ୍ରକାଶ, ପ୍ରେରଣ, ଷ୍ଟୋର୍, ଅପଡେଟ୍ କିମ୍ବା ସେୟାର କରିବାକୁ ଅନୁମତି ନ ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସୋସାଲ ମିଡିଆ ମଧ୍ୟସ୍ଥଙ୍କ ସମେତ ସବୁ ମଧ୍ୟସ୍ଥଙ୍କ ଦାୟିତ୍ୱ। ଏହାବ୍ୟତୀତ ଆଇଟି ଆଇନର ଧାରା ୭୯ ଅନୁଯାୟୀ ଯଦି ସୋସିଆଲ ମିଡିଆ ମଧ୍ୟସ୍ଥମାନେ ଆଇଟି ନିୟମ, ୨୦୨୧ ସହ ଆଇଟି ଆଇନ ଅନୁଯାୟୀ ନିର୍ଦ୍ଧାରିତ ଦାୟିତ୍ୱ ପାଳନ ନ କରନ୍ତି କିମ୍ବା ପ୍ରୋତ୍ସାହିତ କିମ୍ବା ସହାୟତାପ୍ରାପ୍ତ, ବେଆଇନ କାର୍ଯ୍ୟ ସମ୍ପାଦନରେ ପ୍ରୋତ୍ସାହନ କିମ୍ବା ସହାୟତା କରନ୍ତି ତା'ହେଲେ ସେହି ମଧ୍ୟସ୍ଥିମାନଙ୍କ ଦ୍ୱାରା ଉପଲବ୍ଧ କିମ୍ବା ହୋଷ୍ଟ କରାଯାଇଥିବା କୌଣସି ତୃତୀୟ ପକ୍ଷ ସୂଚନା, ଡାଟା କିମ୍ବା ଯୋଗାଯୋଗ ଲିଙ୍କ୍ ପାଇଁ ଦାୟିତ୍ୱରୁ ମୁକ୍ତି ଲାଗୁ ହେବ ନାହିଁ ।

ଯଦି ଆଇଟି ନିୟମ, ୨୦୨୧ରେ ଦିଆଯାଇଥିବା ଉପଯୁକ୍ତ ତଦାରଖ ଦାୟିତ୍ୱ ପାଳନ କରିବାରେ ମଧ୍ୟସ୍ଥମାନେ ବିଫଳ ହୁଅନ୍ତି, ତେବେ ଆଇଟି ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ସମେତ ଯେକୌଣସି ଆଇନ ଅଧୀନରେ ଉତ୍ତରଦାୟୀ ରହିବେ। ମନ୍ତ୍ରଣାଳୟ ସମସ୍ତ ମଧ୍ୟସ୍ଥମାନଙ୍କ ପାଇଁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ଦୋହରାଇଛି। ଭୁଲ ସୂଚନାକୁ ତୁରନ୍ତ ହଟାଇବା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଅଧୀନରେ ଅପରାଧର ରିପୋର୍ଟିଂ ଓ ସରକାରୀ ଏଜେନ୍ସିମାନଙ୍କ ସହିତ ସହଯୋଗ କରିବା ଆବଶ୍ୟକ।

# ନଡ଼ାପୋଡ଼ି ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ



**ନୂଆଦିଲ୍ଲୀ୨୬।୧୦:** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଶସ୍ୟ ଅବଶିଷ୍ଟାଂଶ ଜାଳିବା ପରିଚାଳନା ସମସ୍ୟାର ସମାଧାନ ପାଇଁ ଆଜି ଏକ ଆନ୍ତଃ-ମନ୍ତ୍ରଣାଳୟ ବୈଠକ ଡକାଯାଇଛି। ଏହି ବୈଠକରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶ ରାଜ୍ୟର କୃଷି ମନ୍ତ୍ରୀ, ଏନସିଟି ଦିଲ୍ଲୀର ପରିବେଶ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ମନ୍ତ୍ରୀ ଏବଂ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ଦିଲ୍ଲୀ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ କୃଷି ଓ କୃଷକ କଲ୍ୟାଣ ବିଭାଗ (ଡିଏଆଣ୍ଡଏଫଡବ୍ଲୁ), ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର), ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଦିଲ୍ଲୀ ଏବଂ ଏନସିଆରରେ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ଇତ୍ୟାଦିର ସଦସ୍ୟମାନେ ଯୋଗ ଦେଇଥିଲେ। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ ଏନସିଟି ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ଶସ୍ୟ ଅବଶିଷ୍ଟାଂଶ ପୋଡ଼ିବା ରୋକିବା ପାଇଁ ସେମାନଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଏବଂ କୃଷକମାନଙ୍କୁ ଧାନ ଫସଲର ଅବଶିଷ୍ଟାଂଶକୁ ନପୋଡ଼ି ପରିଚାଳନା କରିବାରେ ସହାୟତା କରିବା ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ହରିୟାଣା ସରକାର କୃଷକମାନଙ୍କୁ ରାଜ୍ୟ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ବିଷୟରେ ଅବଗତ କରାଇଥିଲେ ଯେଉଁଥିରେ ପାନିପତଠାରେ ୨ଜି ଇଥାନଲ ପ୍ଲାଣ୍ଟ ପାଇଁ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଦ୍ୱାରା ଚିହ୍ନଟ ହୋଇଥିବା କ୍ଲଷ୍ଟରରେ ଫସଲ ଅବଶିଷ୍ଟ ଅଂଶ ପରିଚାଳନା ପାଇଁ ଏକର ପିଛା ୧୦୦୦/- ଟଙ୍କା ପ୍ରୋତ୍ସାହନ, ଅତିରିକ୍ତ ଟପ୍ ଅପ୍ / ମେଟ୍ରିକ୍ ଟନ୍ ବ୍ୟତୀତ ଅତିରିକ୍ତ ଟପ୍ ଅପ୍ ଅନ୍ତର୍ଭୁକ୍ତ। ଧାନ ନଡ଼ାର ସାଧାରଣ ନିର୍ଦ୍ଧାରିତ ଦର ୨୫୦୦ ଟଙ୍କା, ଧାନ ନଡ଼ା ର ବ୍ୟବହାର ପାଇଁ ଗୋଶାଳାକୁ ଏକର ପିଛା ସର୍ବାଧିକ ୫୦୦ ଟଙ୍କା ପରିବହନ ଶୁଳ୍କ, ଅନ୍ୟ ଫସଲରେ ଧାନର ବିବିଧତା ପାଇଁ ମେରା ପାଣି ମେରି ବିରାସତ (ଏମପିଏମଭି) କାର୍ଯ୍ୟକ୍ରମ ଅଧୀନରେ ଏକର ପିଛା ୭୦୦୦ ଟଙ୍କା ଅନୁଦାନ, ଧାନର ପ୍ରତ୍ୟକ୍ଷ ବିହନ (ଡିଏସଆର) ପାଇଁ ଏକର ପିଛା ୪୦୦୦ ଟଙ୍କା ପ୍ରୋତ୍ସାହନ ଘୋଷଣା ଅନ୍ତର୍ଭୁକ୍ତ। ଗତ ବର୍ଷ ୨୦୨୩ ତୁଳନାରେ ଚଳିତ ବର୍ଷ ପଞ୍ଜାବରେ ୩୫%, ହରିୟାଣାରେ ୨୧% କମ୍ ଶସ୍ୟ ଅବଶିଷ୍ଟାଂଶ ପୋଡ଼ିବା କାର୍ଯ୍ୟ କରାଯାଇଛି। ଭବିଷ୍ୟତରେ ଯେଉଁ ସବୁ ହଟସ୍ପଟ୍ ଜିଲ୍ଲାରେ ଶସ୍ୟ ଅବଶିଷ୍ଟାଂଶକୁ ପୋଡ଼ିବାର ସମ୍ଭାବନା ରହିଛି, ସେହି ଜିଲ୍ଲାଗୁଡ଼ିକୁ ଚିହ୍ନଟ କରି ସମସ୍ତ ଆବଶ୍ୟକ ସମ୍ବଳ ନିୟୋଜିତ କରି ପରିସ୍ଥିତିର ରଣନୈତିକ ଯୋଜନା ଓ ମୁକାବିଲା କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି।

# ଗଛରେ ଧକ୍କା ହେଲା ବାଇକ୍: ବାପ ପୁଅ ମୃତ

**ବଲାଙ୍ଗୀର, ୨୬।୧୦ (ସଂଚାର ବ୍ୟୁରୋ):** ପାଟଣାଗଡ଼ର ସଲଣ୍ଡି-ଖରବାହାଲି ଗାଁ ମଝିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପ ପୁଅଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ମନୁ ନିଆଲ ଓ ତାଙ୍କ ପୁଅ କ୍ଷେତ୍ରି ନିଆଲ। ସେମାନେ ଖରବାହାଲିର ବାସିନ୍ଦା ଥିଲେ। ଶନିବାର ବାପ ପୁଅ ବାଇକ ଯୋଗେ କଣ୍ଟାବାଞ୍ଜିରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସଲଣ୍ଡି-ଖରବାହାଲି ଗାଁ ମଝିରେ ଏକ ଗଛରେ ସେମାନଙ୍କ ବାଇକ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ମନୁ ନିଆଲଙ୍କୁ ମୃତ ଘୋଷଣା କରିଥିଲେ। କ୍ଷେତ୍ରି ନିଆଲଙ୍କ ଅବସ୍ଥା ସଂକଟାପନ୍ନ ଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବେଲପଡ଼ା ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

# ୨୦ କେଜି ସୁନା ସହ ଗାଡ଼ି ଜବତ, ୨ ଅଟକ



**ବାରିପଦାର,୨୬।୧୦(ସଂଚାର ବ୍ୟୁରୋ):** ଜିଏସ୍ଟି ଫାଙ୍କିବା ସନ୍ଦେହରେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ଏମକେସି ହାଇସ୍କୁଲ ଛକ ନିକଟରେ ଏକ ଲଜିଷ୍ଟିକ୍ ଗାଡ଼ିକୁ ଅଟକ ରଖିଛି ପୁଲିସ୍। ଉକ୍ତ ଗାଡ଼ିରେ ପ୍ରାୟ ୨୦ କେଜିରୁ ଉର୍ଦ୍ଧ୍ୱ ସୁନା ଥିବା ଜଣାଯାଇଛି। ସୁନା କେଉଁଠୁ ଆସୁଥିଲା ଓ କାହା ପାଖକୁ ଯାଉଥିଲା ତାହାର ଛାନଭିନ୍ ଚାଲିଥିବା ବେଳେ ସୁନା ଆଣିଥିବା ଲଜିଷ୍ଟିକ୍ କମ୍ପାନୀର ଦୁଇ କର୍ମଚାରୀ ଅଟକ ଅଛନ୍ତି। ଗତକାଲି ମଧ୍ୟ ରାତ୍ରରେ କୋଲକତାରୁ ଏକ ଲଜିଷ୍ଟିକ୍ କମ୍ପାନୀ ଗାଡ଼ିରେ ପ୍ରାୟ ୨୦ କେଜି ସୁନା ବାରିପଦା ସହରକୁ ଆସିଥିଲା। ମୁମ୍ବାଇରୁ ଉକ୍ତ ସୁନା ଫ୍ଲାଇଟ୍ରେ କୋଲକତାରେ ପହଞ୍ଚିଥିଲା। ଏହାପରେ ସେଠାରୁ ସଡ଼କ ପଥରେ ଲଜିଷ୍ଟିକ୍ ଗାଡ଼ିରେ ଜଳେଶ୍ୱର ଦେଇ ବାରିପଦା ସହରରେ ପହଞ୍ଚିଥିଲା। ଏନେଇ ଜିଏସ୍ଟି ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ଏମକେସି ହାଇସ୍କୁଲ ଛକ ନିକଟରେ ଜଗି ରହିଥିଲେ। ମଧ୍ୟ ରାତ୍ରିରେ ଗାଡ଼ିଟି ଅତିକ୍ରମ କରୁଥିବା ବେଳେ ପୁଲିସ୍ ସହାୟତାରେ ତାହାକୁ ଅଟକ ରଖାଯାଇଛି। ଗାଡ଼ିର କାଗଜପତ୍ର ଯାଞ୍ଚ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସୁନା ଦୋକାନକୁ ଏହି ସୁନା ଆସିଥିବା ଜଣାଯାଇଛି। ତେବେ କେଉଁ ଦୋକାନକୁ କେତେ ସୁନା ଆସିଛି, ସେମାନେ ଜିଏସ୍ଟି ପଇଠ କରିଛନ୍ତି ନା ଫାଙ୍କିଛନ୍ତି ତାହାର ଯାଞ୍ଚ ଚାଲିଛି। ଗାଡ଼ିଟି ସିଲ୍ ହୋଇଥିବା ବେଳେ ତାହାକୁ ଥାନା ପରିସରରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ଏଥିସହ ସମ୍ପୃକ୍ତ ସୁନା ଦୋକାନୀମାନଙ୍କୁ ଥାନାକୁ ଡକାଯାଇଛି। ସେମାନେ ପହଞ୍ଚିବା ପରେ ସିଲ୍ ଖୋଲାଯାଇ ସୁନା ଓଜନ କରାଯିବା ସହ ଜିଏସ୍ଟି ବିଲ୍ ଯାଞ୍ଚ କରାଯିବ ବୋଲି ଅଧିକାରୀ କହିଛନ୍ତି।

# ଜଳ ପରୀକ୍ଷା-ଜଳ ସାଥୀଙ୍କ କାର୍ଯ୍ୟ ଶେଷ

**ଭୁବନେଶ୍ୱର, ୨୬।୧୦:** ରାଜଧାନୀରେ ଜଳ ପରୀକ୍ଷା ପାଇଁ ମୁତୟନ ଥିବା ଜଳସାଥୀ ମାନଙ୍କର ନିଯୁକ୍ତି କାର୍ଯ୍ୟକାଳ ସରିଯାଇଛି। ନିଯୁକ୍ତି ଅବଧି ନବୀକରଣ ହୋଇନଥିବାରୁ ସହରରେ ଘରକୁ ଘର ବୁଲି ଜଳର ମାନ ପରୀକ୍ଷା ଏକ ପ୍ରକାର ଶେଷ ହୋଇଯାଇଛି।

ରାଜଧାନୀରେ ଯୋଗାଣ ହେଉଥିବା ଜଳର ମାନ ପରୀକ୍ଷା ସହିତ ନିୟମିତ ଭାବେ ଜଳ କର ଆଦାୟ ପାଇଁ ଅମୃତ ଯୋଜନାରେ ଜଳସାଥୀମାନଙ୍କୁ ନିୟୋଜିତ କରାଯାଇଥିଲା। ଏମାନଙ୍କୁ କର୍ତ୍ତୃପକ୍ଷ ଜଳ ପରୀକ୍ଷାର ତାଲିମ ଦେବା ସହିତ ଡିଜିଟାଲ ପଦ୍ଧତିରେ ଅର୍ଥ ଆଦାୟ ପାଇଁ ପୋସ୍ ମେସିନ୍ ଯୋଗାଇ ଦେଇଥିଲେ। ଏଥିପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସହିତ ମଧ୍ୟ ବୁଝାମଣା ହୋଇଥିଲା। ଗୋଟିଏ ଘରୁ ଜଳର ନମୂନା ସଂଗ୍ରହ କରି ପରୀକ୍ଷାକଲେ ଜଳସାଥୀମାନେ ୨୦ ଟଙ୍କା କରି ପାଉଥିଲେ। ଏଥି ସହିତ ସେମାନଙ୍କୁ ମାସିକ ପାଉଣା ମଧ୍ୟ ମିଳୁଥିଲା। ହେଲେ ଏବେ ଜଳସାଥୀମାନଙ୍କର କାର୍ଯ୍ୟକାଳ ଗତ ସେପ୍ଟମ୍ବର ମାସରୁ ସରିଯାଇଛି। ଏହାର ନବୀକରଣ ହୋଇନଥିବାରୁ ସେମାନେ ଆଉ କାମ କରୁନାହାନ୍ତି। ଫଳରେ ସହରବାସୀଙ୍କର ଜଳ ପରୀକ୍ଷା ହେବା କିମ୍ବା ଜଳ କର ଆଦାୟର ଆଉ ସୁବିଧା ସୁଯୋଗ ନାହିଁ। ଏଥି ସହିତ ସହରାଞ୍ଚଳରେ କର୍ମସଂସ୍ଥାନ ଯୋଗାଇ ଦେବାପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଏଥିରେ ନିୟୋଜିତ କରାଯାଇଥିବାବେଳେ ସେମାନଙ୍କ ହାତରୁ ମଧ୍ୟ କାମ ସରିଯାଇଛି। ଅମୃତ ଯୋଜନା ଦାୟିତ୍ୱରେ ଥିବା ଅଧିକାରୀ ଏ କ୍ଷେତ୍ରରେ ନିରବ ଥିବାବେଳେ ନଗର ଉନ୍ନୟନ ବିଭାଗ ମଧ୍ୟ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନଥିବା ଲକ୍ଷ୍ୟ କରାଯାଇଛି। ଫଳରେ ଜଳସାଥୀମାନଙ୍କ ସହିତ ବିଭାଗକୁ ବିଭିନ୍ନ କାର୍ଯ୍ୟପାଇଁ ଆଉଟସୋର୍ସିଂ ଜରିଆରେ ଆସିଥିବା ୬ଶହରୁ ଅଧିକ କର୍ମଚାରୀମାନଙ୍କର ମଧ୍ୟ କାର୍ଯ୍ୟ ଶେଷ ହୋଇଛି। ସେମାନଙ୍କ ନିଯୁକ୍ତିର ନବୀକରଣ ହୋଇପାରି ନାହିଁ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଠିକା କର୍ମଚାରୀମାନଙ୍କର ନିଯୁକ୍ତି ନବୀକରଣ ହୋଇନଥିବାବେଳେ ସେମାନେ ପୂର୍ବଭଳି କାର୍ଯ୍ୟ କରୁଛନ୍ତି। ଏପରିକି ବାତ୍ୟା ସମୟରେ ସ୍ଥିତି ମୁକାବିଲା ପାଇଁ ଏହି କର୍ମଚାରୀମାନଙ୍କୁ ମୁତୟନ କରାଯାଇଥିଲା। ସେମାନେ ଦିନ ରାତି ଏକ କରି କାମ କରିଥିଲେ। ହେଲେ ଏବେ ବି ଏହି କର୍ମଚାରୀମାନେ ସେପ୍ଟେମ୍ବର ମାସର ପାଉଣା ପାଇନଥିବାବେଳେ ଆଗାମୀ ଦିନରେ ସେମାନଙ୍କ ନିଯୁକ୍ତି ବୈଧ ହେବ କି ନାହିଁ ତାହା ସେମାନେ ଜାଣିପାରୁ ନାହାନ୍ତି। (ତଥ୍ୟ)



SANCHAR
ସଂଚାର
୪ ରବିବାର ୨୭ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Sunday 27 October 2024 Bhubaneswar

# ବାତ୍ୟା ମୁକାବିଲାରେ ସଫଳ

ଓଡ଼ିଶାରେ ମହାବାତ୍ୟାକୁ ୨୫ ବର୍ଷ ପୂରଣ ହୋଇଛି। ୧୯୯୯ ଅକ୍ଟୋବର ୨୮ ରାତିରେ ଓଡ଼ିଶା ଉପକୂଳରେ ଯେଉଁ ପ୍ରଳୟଙ୍କରୀ ବାତ୍ୟା ଅନୁଭୂତ ହୋଇଥିଲା ତାହା ଥିଲା ବିଶ୍ୱ ଇତିହାସରେ ବିରଳ। ଏହି ବାତ୍ୟା ଜଗତସିଂହପୁର ଜିଲ୍ଲାରେ ସ୍ଥଳ ଭାଗ ଛୁଇଁଥିଲା। କିନ୍ତୁ ଏହାର ପ୍ରଭାବ ୧୪ଟି ଜିଲ୍ଲାରେ ପଡ଼ିଥିଲା। ଅବିଭକ୍ତ କଟକ ଏବଂ ପୁରୀ ଜିଲ୍ଲା ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଥିଲା। ସରକାରୀ ହିସାବରେ ୫ ହଜାରରୁ ଅଧିକ ଲୋକ ଏହି ବାତ୍ୟାର ପ୍ରାଣ ହରାଇଥିଲେ। କିନ୍ତୁ ବାସ୍ତବ ସଂଖ୍ୟା ଏହାଠାରୁ ବହୁ ଅଧିକ ହେବ। ବାତ୍ୟା ପରେ କୁଢ଼ କୁଢ଼ ଶବ ଦେଖିବାକୁ ମିଳିଥିଲା। ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା ଜଗତସିଂହପୁର ଜିଲ୍ଲାର ଏରସମା ବା ପାରାଦୀପ ଅଞ୍ଚଳ। ମହାବାତ୍ୟାରେ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହାକୁ ଆକଳନ କରିବା କଷ୍ଟକର। ଏହା ପରେ ଓଡ଼ିଶାରେ ଅନେକ ବାତ୍ୟା ଆସିଛି। ହୁଡ୍‌ହୁଡ୍‌ଠାରୁ ଆରମ୍ଭ କରି ଫନି ପର୍ଯ୍ୟନ୍ତ ଅନେକ ବାତ୍ୟା ଓଡ଼ିଶାରେ ଧ୍ୱଂସଲୀଳା ସୃଷ୍ଟି କରିଛି। କିନ୍ତୁ ମହାବାତ୍ୟା ପରେ ଓଡ଼ିଶା ପ୍ରଶାସନ ଏବଂ ସାଧାରଣ ଲୋକେ ଅଧିକ ସଚେତନ ଏବଂ ସତର୍କ ହୋଇଯାଇଛନ୍ତି। ବାତ୍ୟା ମୁକାବିଲାରେ ରାଜ୍ୟ ପ୍ରଶାସନ ଅଭ୍ୟସ୍ତ ହୋଇଯାଇଛନ୍ତି। ବାତ୍ୟା ମୁକାବିଲାରେ ସଫଳତା ଲାଗି ଓଡ଼ିଶା ସରକାର ବିଶ୍ୱସ୍ତରରେ ପ୍ରଶଂସିତ ହୋଇଛନ୍ତି। ଗତ ୨୫ ବର୍ଷ ଭିତରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାର ଅନେକ ଭଲ କାମ କରିଛନ୍ତି। ଉପକୂଳରେ ଶହ ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମିତ ହୋଇଛି। ବାତ୍ୟା ବେଳେ ଲୋକଙ୍କୁ ସେଠାକୁ ସ୍ଥାନାନ୍ତରିତ କରାଯାଉଛି। ଏହା ଅନେକ ଜୀବନ ରକ୍ଷାରେ ସହାୟକ ହୋଇପାରୁଛି। ଆଶାକର୍ମୀଙ୍କଠାରୁ ଆରମ୍ଭ କରି ବିଡିଓ ଏବଂ ଥାନା ବାବୁ ପର୍ଯ୍ୟନ୍ତ ସମସ୍ତେ ବାତ୍ୟା ବେଳେ ଏକ ହୋଇ କାମ କରୁଛନ୍ତି। ଏହା ସରକାରଙ୍କ ପାଇଁ ସହାୟକ ହେଉଛି। ଏହି ପୂର୍ବ ପ୍ରସ୍ତୁତି ଏବଂ ମିଳିତ ମୁକାବିଲାର ଅଭିଜ୍ଞତାର ଯୋଗୁଁ ବାତ୍ୟା ଦାନାର ପ୍ରଭାବ ସୀମିତ ହୋଇପାରିଛି। ଚଳିତ ମାସରେ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ଯାହା ପରବର୍ତ୍ତୀ ସମୟରେ ଝଡ଼ବାତ୍ୟାରେ ରୂପାନ୍ତରିତ ହୋଇ ବଙ୍ଗୋପସାଗରରେ ପ୍ରବେଶ କରିଥିଲା। ଏହାର ନାମ ଦିଆଯାଇଥିଲା ଦାନା। ଏହା ଏକ ଭୀଷଣ ବାତ୍ୟାରେ ରୂପାନ୍ତରିତ ହୋଇ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ମଧ୍ୟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁଲା। କିନ୍ତୁ ସୌଭାଗ୍ୟକୁ ସ୍ଥଳଭାଗ ଛୁଇଁଲା ବେଳକୁ ଏହା ଦୁର୍ବଳ ହୋଇଯାଇଥିଲା। ଏହା ଅତି ଭୀଷଣ ବାତ୍ୟାର ରୂପ ନେଇନଥିଲା। କେବଳ ଭୀଷଣ ବାତ୍ୟା ବା ସିଭିୟର ସାଇକ୍ଲୋନ ରୂପ ନେଇ ଏହା ସ୍ଥଳଭାଗ ସ୍ପର୍ଶ କରିଥିଲା। ବାତ୍ୟା ଯେଉଁସ୍ଥାନରେ ଲ୍ୟାଣ୍ଡଫଲ କଲା ତାହା ହେନ୍ତାଳ ବନରେ ପରିପୂର୍ଣ୍ଣ। ବିଶେଷ ଘନ ଜନବସତି ସେଠାରେ ନାହିଁ। ତେଣୁ ବାତ୍ୟାରେ ଅଧିକ ଲୋକ ପ୍ରଭାବିତ ହେଲେ ନାହିଁ। ବାତ୍ୟା ଫନି ଯେଉଁ ରୁଟ ନେଇ ସ୍ଥଳଭାଗକୁ ଆସିଥିଲା ତାହାର ଉପର ଓ ତଳ ଭାଗରେ ଦୁଇଟି ଗୁରୁଚାପ ବଳୟ ସୃଷ୍ଟି ହୋଇଥିଲା। ତେଣୁ ଏହାର ଚାପରେ ଦାନା ଦୁର୍ବଳ ହୋଇଗଲା। ଏପରିକି ଏହାର ଆଖି ମଧ୍ୟ ସୃଷ୍ଟି ହେଲା ନାହିଁ। ଆକଳନ କରାଯାଉଥିଲା ଯେ, ଏହା ସ୍ଥଳଭାଗ ଛୁଇଁବା ପରେ ଦକ୍ଷିଣ ମୁହାଁ ହୋଇ ଅବିଭକ୍ତ କଟକ ଏବଂ ପୁରୀ ଜିଲ୍ଲା ଦେଇ ଗଞ୍ଜାମକୁ ଯିବ। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ। କିନ୍ତୁ ତାହା ହେଲା ନାହିଁ ଏବଂ କେବଳ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ତଥା ମୟୂରଭଞ୍ଜ ଜିଲ୍ଲାରେ ଅଧିକ ବର୍ଷା ହେଲା। ସେଥିପାଇଁ ବୈତରଣୀ ଏବଂ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଛି। କିନ୍ତୁ ତାହାର ପ୍ରଭାବ ସୀମିତ। ମୋଟାମୋଟି ଭାବେ ବାତ୍ୟା ଦାନା ସେଭଳି ପ୍ରଭାବୀ ସାବ୍ୟସ୍ତ ହେଲାନି। ବାତ୍ୟା ଯୋଗୁଁ ଯେପରି କ୍ଷୟକ୍ଷତି ଆଶଙ୍କା କରାଯାଉଥିଲା ତାହା ହେଲା ନାହିଁ। ଏହା ଓଡ଼ିଶାବାସୀଙ୍କ ପ୍ରତି ଏକପ୍ରକାର ଆଶ୍ୱସ୍ତିର ବିଷୟ ହୋଇଛି। ମୋହନ ମାଝୀ ସରକାର ବାତ୍ୟା ମୁକାବିଲାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯଦି ମହାବାତ୍ୟା ଭଳି ବଡ଼ ଧରଣର ବାତ୍ୟା ଆସିଥାଆନ୍ତା ତେବେ କ'ଣ ପରିସ୍ଥିତି ହୋଇଥାଆନ୍ତା ତାହା ଭିନ୍ନ କଥା। କିନ୍ତୁ ଯେଉଁ ତୀବ୍ରତାର ବାତ୍ୟା ଆସିଲା ତାହା ମଧ୍ୟ ଏକ ପ୍ରକାର ବିପର୍ଯ୍ୟୟ ଥିଲା। ଏହାର ମୁକାବିଲା ନିମନ୍ତେ ସରକାରୀ କଳ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ଥିଲା। ଗତ ୨୫ ବର୍ଷ ଭିତରେ ରାଜ୍ୟରେ ବାତ୍ୟା ମୁକାବିଲା ପାଇଁ ଭିତ୍ତିଭୂମି ସୁଦୃଢ଼ ହୋଇଛି। ରାଜ୍ୟର ପ୍ରଶାସନିକ କଳ ବାତ୍ୟା ମୁକାବିଲାରେ ସମ୍ପୂର୍ଣ୍ଣ ଅଭ୍ୟସ୍ତ। ଏହା ମୋହନ ସରକାରଙ୍କୁ ସହାୟକ ହେଲା। ମୂଳରୁ ରାଜ୍ୟ ସରକାର ଜିରୋ କାଜୁଆଲିଟି ମିଶନ ଗ୍ରହଣ କରିଥିଲେ। ଦମକଳ ବାହିନୀ ସହ ଓଡ୍ରାଫ ଏବଂ ଏନଡିଆରଏଫ ସଜାଗ ରହିଥିଲା। ମନ୍ତ୍ରୀ ଓ ଅଫିସରମାନଙ୍କୁ ଭିନ୍ନ ଭିନ୍ନ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ, ବିଧାୟକ, ଅଫିସର ସମସ୍ତେ ସଜାଗ ରହିଥିଲେ ଏବଂ ଲୋକଙ୍କ ସହ ରହିଥିଲେ। ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନ ରାତି ଏକ କରି ବାତ୍ୟା ମୁକାବିଲାରେ ଲାଗିଥିଲେ। ଦୁଇ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ବେ। ତତ୍ପର ଥିଲେ। ସରକାର ଲୋକଙ୍କ ସହ ରହିଛନ୍ତି, ଏଭଳି ଅନୁଭବ କରାଗଲା। ଯଦି ବାତ୍ୟା ମୁକାବିଲାରେ ସାମାନ୍ୟତମ ତ୍ରୁଟି ପରିଲକ୍ଷିତ ହୋଇଥାଆନ୍ତା ତେବେ ସରକାର ସମାଲୋଚନାର ଶୀକାର ହୋଇଥାଆନ୍ତେ। କିନ୍ତୁ ସରକାର ବିପର୍ଯ୍ୟୟ ମୁକାବିଲାରେ ସଫଳ ହେଲେ। ଆଗକୁ ଏଭଳି ଅନେକ ବିପର୍ଯ୍ୟାୟ ଆସିପାରେ। ଚଳିତ ବର୍ଷର ଅଭିଜ୍ଞତା ଭବିଷ୍ୟତ ବିପର୍ଯ୍ୟୟ ମୁକାବିଲାରେ ନିଶ୍ଚିତ ଭାବେ ସହାୟକ ହେବ। ବାତ୍ୟା ଦନା ଭିତରକନିକାରେ ମାଡ଼ ହେଲା। ଭିତରକନିକାର ହେନ୍ତାଳ ବନ ଏହାର ପ୍ରତିରୋଧ କରିବାରେ ଅନେକାଂଶରେ ସହାୟକ ହେଲା। ଏହି ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଭବିଷ୍ୟତରେ ଓଡ଼ିଶା ଉପକୂଳରେ ଏଭଳି ଅଧିକ ହେନ୍ତାଳ ବନ ସୃଷ୍ଟି କରିବା ଲାଗି ଯୋଜନା ହେବା ଉଚିତ। ଝଡ଼ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇପାରିବ ନାହିଁ। କିନ୍ତୁ ଏହାର ପ୍ରଭାବ ଏବଂ କ୍ଷୟକ୍ଷତିକୁ ସୀମିତ କରାଯାଇପାରିବ।

## ସମ୍ପାଦକଙ୍କୁ ପତ୍ର

### ଦୀପାବଳୀ ପାଳନ ନିରାଡମ୍ବର ହେଉ

*ମହାଶୟ,*

ଆଉ ୫ ଦିନ ପରେ ଆଲୋକ ଓ ଆନନ୍ଦର ପର୍ବ ଦୀପାବଳୀ ପାଳିତ ହେବାକୁ ଯାଉଛି। ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଏହା ଏକ ବଡ଼ ପର୍ବ। ଘରେ ଘରେ ଲୋକେ ଏହାକୁ ପାଳନ କରନ୍ତି। ଅନେକ ବ୍ୟବସାୟୀ ଦୀପାବଳିରେ ନୂଆ ଖାତା ଆରମ୍ଭ କରନ୍ତି। ଅନେକ ପିତୃପୁରୁଷଙ୍କୁ ଦୀପାବଳିରେ ପିଣ୍ଡଦାନ କରନ୍ତି। ତେବେ ଅନେକ ଦୀପାବଳିରେ ଯେପରି ଭାବେ ବାଣ ଫୁଟାଇ ବାୟୁ ଏବଂ ଶବ୍ଦ ପ୍ରଦୂଷଣ କରନ୍ତି ତାହା ସ୍ୱାଗତ ଯୋଗ୍ୟ ନୁହେଁ। ଏବେ ଓଡ଼ିଶାରେ ବାତ୍ୟା ଦାନା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେଣୁ ଚଳିତ ବର୍ଷ ରାଜ୍ୟବାସୀ ନିରାଡମ୍ବା ଭାବେ ଦୀପାବଳି ପାଳନ କରନ୍ତୁ।

**ଶଶିଭୂଷଣ ଭୂୟାଁ, କଳ୍ପନା ଫ୍ଲାଟ, ଭୁବନେଶ୍ୱର**

# ଭିନ୍ନଭିନ୍ନ କ୍ଷେତ୍ରରେ ମାନବ-ଜାତିର ସେବା



**ମନୋରଞ୍ଜନ ମହାନ୍ତି**

ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେହି କେହି କହୁଛନ୍ତି, "ଆମେ ଗୋଟେ ମର୍ଯ୍ୟାଦାଜନକ ଇଞ୍ଜିନିୟରିଂ ଶିକ୍ଷା ଅନୁଷ୍ଠାନରୁ ପାଶ୍ କଲାପରେ ବଡ଼ ସରକାରୀ ଇଞ୍ଜିନିୟରିଂ ସଂସ୍ଥାରେ ଚାକିରି କରୁଥିଲୁ। ତାକୁ ଛାଡ଼ିଦେଲୁ। ପ୍ରାଦେଶିକ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ, କିନ୍ତୁ ସେଥିରେ ଯୋଗଦେଲୁ ନାହିଁ। ଏବେ ଜାତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ, ଏଥିରେ ଯୋଗଦେବୁ, ଲୋକଙ୍କ ସେବା କରିବୁ।" ତେବେ ସେମାନେ ଯେ ଲୋକଙ୍କ ସେବା କରିବେ, ଏହାର ସତ୍ୟତା ଆମେ ଏବେ ତାଙ୍କ କଥାରୁ ଜାଣିପାରିବା ନାହିଁ, ଭବିଷ୍ୟତରେ ତାଙ୍କ କାମରୁ ଜାଣିବା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେମାନେ ଉଚ୍ଚତର ପଦରେ ବସିବାକୁ, ଅଧିକତର କ୍ଷମତା ଭୋଗ କରିବାକୁ ଭାରି ଇଚ୍ଛୁକ।

ପୃଥିବୀରେ ଯେଉଁମାନେ ଭିନ୍ନଭିନ୍ନ କ୍ଷେତ୍ରରେ ରହି ମାନବଜାତିର ସେବା କରନ୍ତି ସେମାନଙ୍କ କର୍ମରେ ତାହା ପ୍ରତିଫଳିତ ହୋଇଥାଏ, କଥାରେ ନୁହେଁ। ଆମେରିକାର ନର୍ଥ କ୍ୟାରୋଲିନାରେ ଏକ କୃଷକ ପରିବାରରେ ଜନ୍ମ ହୋଇଥିବା ବିଲି ଗ୍ରାହାମ୍‌ଙ୍କର ଦେହାନ୍ତ ହେଲା ୨୦୧୮ ମସିହାରେ ୯୯ବର୍ଷ ବୟସରେ। ତାଙ୍କର ସମଗ୍ର ଜୀବନ ଲୋକମାନଙ୍କୁ ଧର୍ମତତ୍ତ୍ୱ ବୁଝାଇବାରେ ଓ ଦେହାନ୍ତ ହେବାର କିଛି ବର୍ଷ ପୂର୍ବରୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର୍, ହାଇଡ୍ରୋସେଫାଲସ୍ (ମସ୍ତିଷ୍କରେ ତରଳ ପଦାର୍ଥ ଜମାଟ ବାନ୍ଧିବା), ପାର୍କିନ୍‌ସନ୍ ରୋଗ ଇତ୍ୟାଦି ବିରୋଧରେ ସଂଗ୍ରାମ କରିବାରେ ଅତିବାହିତ ହୋଇଥିଲା। ଆତ୍ମଚରିତରେ ସେ ଲେଖିଛନ୍ତି, "ଈଶ୍ୱର ମହତ ଉଦ୍ଦେଶ୍ୟରେ ମଣିଷକୁ ସୃଷ୍ଟି କରନ୍ତି, ମଣିଷ ମହତ କର୍ମ କଲେ ଈଶ୍ୱର ପ୍ରୀତ ହୁଅନ୍ତି। ମୁଁ ଜାଣେ ନାହିଁ ଈଶ୍ୱର ମୋ ଭଳି ଜଣେ କୃଷକ-ସନ୍ତାନ ଉପରେ ଧର୍ମତତ୍ତ୍ୱ ବୁଝାଇବାର ଦାୟିତ୍ୱ କାହିଁକି ନ୍ୟସ୍ତ କଲେ ? ଯା'ର ଉତ୍ତର କେବଳ ତାଙ୍କୁ ହିଁ ଜଣା।' ଇଂଲଣ୍ଡର ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ୨୧ବର୍ଷ ବୟସରେ 'ଆମିଓଟ୍ରଫିକ୍ ଲ୍ୟାଟେରାଲ୍ ସ୍କେଲରୋସିସ୍' ରୋଗାକ୍ରାନ୍ତ ହୋଇ ପକ୍ଷାଘାତ-ପୀଡ଼ିତ ହେଲେ। କିନ୍ତୁ ଆହୁରି ୫୫ବର୍ଷ ବଞ୍ଚôଚରହି ବିଜ୍ଞାନରେ ଗବେଷଣା ଜାରୀ ରଖିଲେ ଓ ମହାଶୂନ୍ୟ, ସମୟ, ବ୍ଲାକ୍ ହୋଲ୍ ବା କୃଷ୍ଣଗର୍ତ୍ତର ରହସ୍ୟକୁ ଆଧାର କରି 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ଶୀର୍ଷକ ବହିଟିଏ ଲେଖିଲେ, ଯାହା ତାଙ୍କୁ ଆଇନ୍‌ଷ୍ଟାଇନ୍‌ଙ୍କ ପରବର୍ତ୍ତୀ ସମୟରେ ଶ୍ରେଷ୍ଠ ବୈଜ୍ଞାନିକର ମାନ୍ୟତା ଦେଲା। ଆମେରିକାର ଏଡ୍ଡି ଷ୍ଟର୍ଣ୍ଣ ଯୋଗ-ଶିକ୍ଷକ, ଅଧ୍ୟାପକ, ଲେଖକ ଯିଏ ୩୦ବର୍ଷ ହେଲା ଅଷ୍ଟାଙ୍ଗ ଯୋଗ ସାଧନା କରୁଛନ୍ତି। ୧୯୮୭ ମସିହାରେ ଯୋଗ ଶିକ୍ଷା ତାଲିମ୍ ନେବା ପାଇଁ କେରଳକୁ ଆସିଥିଲେ, ତା'ପରେ ମହୀଶୂର ଆଶ୍ରମରେ ଅଷ୍ଟାଙ୍ଗ ଯୋଗ ଶିକ୍ଷା କଲେ। ବହିଟିଏ ଲେଖିଲେ 'ୱାନ୍ ସିମ୍ପଲ୍ ଥିଙ୍ଗ୍ : ଏ ନିଉ ଲୁକ୍ ଆଟ୍ ଦି ସାଇନ୍ସ ଅଫ୍ ଯୋଗ ଆଣ୍ଡ ହାଓ ଇଟ୍ କ୍ୟାନ୍ ଟ୍ରାନ୍ସଫର୍ମ୍ ଇଓର୍ ଲାଇଫ୍', ଯେଉଁଥିରେ ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ ସ୍ଥାପନ କଲେ। ନିଉୟର୍କରେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି, ବେଦ ଉପନିଷଦର ଶ୍ଳୋକଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଆବୃତ୍ତି କରିପାରୁଛନ୍ତି। ମାଡୋନ୍ନା, ଗ୍ୱିନେଥ୍ ପାଲ୍‌ଟ୍ରୋ, କ୍ରିସ୍ ମାର୍ଟିନ୍, ୱିଲେମ୍ ଡାଫୋଙ୍କ ଭଳି ସେଲିବ୍ରିଟିମାନଙ୍କୁ ଯୋଗ ଶିକ୍ଷା ଦେଇଛନ୍ତି। ତାଙ୍କ ମତରେ, ଅଷ୍ଟାଙ୍ଗ ଯୋଗ ସାଧନ ଦ୍ୱାରା ଶାନ୍ତ, ଶୃଙ୍ଖଳିତ ଜୀବନଟିଏ ବଞ୍ôଚହେବ।

ମାଇକେଲ୍ ଆଞ୍ଜେଲୋ ୧୪୯୮ ମସିହାରେ ମେରୀ, ଯୀଶୁଙ୍କୁ ଆଧାର କରି 'ପିଏଟା' କଳାକୃତି ନିର୍ମାଣ ଆରମ୍ଭ କଲେ ଓ ୧୫୦୦ ମସିହାରେ ଶେଷ କଲେ, ଯାହା ରୋମ୍‌ର ସେଣ୍ଟ୍ ପିଟସ୍ର ବାସିଲିକାରେ ସ୍ଥାପିତ ହେଲା। ଏବେ ବି ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ 'ପିଏଟା'କୁ ଦେଖିବା ପାଇଁ ରୋମ୍‌କୁ ଆସୁଛନ୍ତି ଓ ଶହଶହ ବର୍ଷ ପରେ ମଧ୍ୟ ରେନେସାଁ କଳାକୃତିର ଉତ୍କୃଷ୍ଟ ନିଦର୍ଶନ ହୋଇ ତାହା ରହିଛି। ୧୯୭୩ ମସିହାରେ ପାବ୍‌ଲୋ ପିକାଶୋଙ୍କ ଦେହାନ୍ତ ହେଲାବେଳକୁ ୪୫, ୦୦୦ କଳାକୃତି ସେ ସର୍ଜନା କରିସାରିଥିଲେ, ଯାହା ତାଙ୍କ ଜନ୍ମସ୍ଥାନ ମାଲାଗାରେ ପ୍ରତିଷ୍ଠିତ 'ମ୍ୟୁଜିଓ ପିକାଶୋ' ନାମକ ମ୍ୟୁଜିୟମ୍‌ରେ ସୁରକ୍ଷିତ ହୋଇ ରହିଛି। ସର୍ବଶ୍ରେଷ୍ଠ କଳାକୃତି ହେଉଛି 'ଗୁଏର୍‌ନିକା', ଯାହା ସମ୍ପର୍କରେ ତାଙ୍କ ନାତି ବର୍ଣ୍ଣାଡ଼ର୍ ରୁଇଜ୍ କହନ୍ତି, "ଯେତେବେଳେ ମୁଁ ମାଦ୍ରିଦ୍‌କୁ ଯାଏ, ସେହି ଚିତ୍ର ସମ୍ମୁଖରେ ଠିଆ







ହୁଏ, ମୁଁ ଭାବପ୍ରବଣ ହୋଇଯାଏ, କାନ୍ଦେ, କାରଣ ବିଂଶ ଶତାବ୍ଦୀ ଓ ମଣିଷ-ପ୍ରକୃତିର ଭୟାନକ ବାସ୍ତବତାର ପ୍ରତିନିଧିତ୍ୱ କରୁଛି ସେହି ଚିତ୍ରଟି। ମଣିଷର ଅବସ୍ଥା ଓ ମଣିଷମାନେ ପରସ୍ପର ବିରୋଧରେ କ'ଣ କରିପାରନ୍ତି, ସେଥିରେ ରୂପାୟିତ ହୋଇଛି।" ଓଡ଼ିଶାର ଗୋଟେ ଆଦିବାସୀ ପରିବାରର ସନ୍ତାନ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ସାଇକେଲ୍-ଯାତ୍ରାରେ ସ୍ୱିଡେନ୍ ଯାଇ ଚିତ୍ରଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରି ସ୍ୱିଡେନ୍ ସରକାରଙ୍କ କଳା, ସଂସ୍କୃତି ବିଭାଗର ପରାମର୍ଶଦାତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପିତାମହ ପଣ୍ଡିତ ଯଶରାଜ୍‌ଙ୍କ ନାମରେ ଆମେରିକା ଗୋଟେ ଗ୍ରହର ନାମକରଣ କରିଛି, ଯେଉଁ ଗ୍ରହର ଅବସ୍ଥିତି ମଙ୍ଗଳ ଓ ବୃହସ୍ପତି ମଝିରେ। ୯୦ବର୍ଷ ବୟସରେ ଦେହତ୍ୟାଗ କରିଥିବା ଯଶରାଜ୍ ଥରେ ଏକ ସାକ୍ଷାତକାରରେ କହିଥିଲେ, "ସଙ୍ଗୀତ ସହିତ ମୋର ସମ୍ବନ୍ଧ ଅନେକ ଜନ୍ମର। ମୁଁ ସବୁବେଳେ ନିଜକୁ ଛାତ୍ର ଭଳି ଅନୁଭବ କରେ, ଅଧିକରୁ ଅଧିକ ଶିକ୍ଷା କରିବାର ଭୋକ ମତେ ହୁଏ।" ଯେଉଁଥିପାଇଁ ଆଜୀବନ ଦୈନିକ ୧୪ଘଣ୍ଟା ସେ ସଙ୍ଗୀତ-ଅଭ୍ୟାସ (ରିଆଜ୍) କରୁଥିଲେ। ୧୯୮୭ ବର୍ଷ ଏପ୍ରିଲ୍ ମାସରେ ଲକ୍ଷ୍ନୌର ସଂକଟମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉପଲକ୍ଷେ ତୁଳସୀ ଦାସଙ୍କ 'ବିନୟ ପତ୍ରିକା'ର କେତୋଟି ଧାଡ଼ିକୁ ତୋଡ଼ି ରାଗରେ ଗାନ କରୁଥିଲେ ଯଶରାଜ୍। ଶ୍ରୋତାମାନେ ଶୁଣୁଥିଲେ ଭାବବିହ୍ୱଳ ହୋଇ। ଏହି ସମୟରେ ହରିଣଟିଏ କେଉଁଠାରୁ ଆସି ଷ୍ଟେଜ୍ ନିକଟରେ ମନ୍ତ୍ରମୁଗ୍ଧ ହୋଇ ଠିଆ ହେଲା। ଯଶରାଜ ତାକୁ ଚାହିଁଲେ, ହସିଲେ, ହାତ ଯୋଡ଼ିଲେ, 'ଜୟ ହୋ' କହିଲେ। ହିନ୍ଦୁସ୍ଥାନୀ ସଙ୍ଗୀତର ଶକ୍ତି, ଯଶରାଜ୍‌ଙ୍କ ଗାୟନ ଶୈଳୀ ଗୋଟିଏ ହରିଣକୁ ଟାଣିଆଣିପାରିଲା। ମୋଗଲ ଯୁଗରେ ତାନ୍‌ସେନ୍ ଗୀତ ଗାଉଥିଲାବେଳେ ଆକବରଙ୍କ ଦରବାରକୁ ପଶୁପକ୍ଷୀମାନେ ଚାଲିଆସୁଥିଲେ।

ଇନ୍‌ଫୋସିସ୍ କମ୍ପାନୀର ପ୍ରତିଷ୍ଠା ଦିବସ ୧୯୮୧ ମସିହା ଜୁଲାଇ ୭ ତାରିଖ। ଠିକ୍ ସେହି ଦିନ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜନ୍ମଦିନ। ଇନ୍‌ଫୋସିସ୍ ଲିମିଟେଡ୍ ଏମିରେଟସ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଏନ୍.ଆର୍.ନାରାୟଣ ମୂର୍ତ୍ତି ତାଙ୍କର ଏକ ଲେଖା 'ଲାଇଫ୍ ଲେସନ୍ସ ଫ୍ରମ୍ ଧୋନି'ରେ ଲେଖିଛନ୍ତି, ଧୋନି ହେଉଛନ୍ତି ଭାରତର ସର୍ବାଧିକ ସଫଳ କ୍ରିକେଟ୍ କ୍ୟାପ୍‌ଟେନ୍, ଶ୍ରେଷ୍ଠ ୱିକେଟ୍‌କିପର୍, ଦକ୍ଷ ବ୍ୟାଟ୍ସମ୍ୟାନ୍ ଯାହାଙ୍କର କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକୁ ଦେଖି ତାଙ୍କର ବିପୁଳ ଦୃଷ୍ଟି, ପରିପୂର୍ଣ୍ଣ ଓ ଗୁଣାତ୍ମକ ନେତୃତ୍ୱ, ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା, ସହକର୍ମୀମାନଙ୍କ ଭିତରେ ଆଶା, ଆକାଙ୍କ୍ଷା, ଉତ୍ସାହ, ବିଶ୍ୱାସ, ସ୍ୱାଭିମାନ ଜାଗ୍ରତ କରିବାର ସାମର୍ଥ୍ୟରୁ କର୍ପୋରେଟ୍-ଜଗତ ସହିତ ସମ୍ପୃକ୍ତ ଆମେ ସମସ୍ତେ ଅନେକ ମହତ ଶିକ୍ଷା ଲାଭ କରିପାରିବା। ଏପରିକି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁନିଲ୍ ଗାଭାସ୍କର୍ କହନ୍ତି, "୨୦୧୧ ବିଶ୍ୱକପ୍ ଫାଇନାଲ୍‌ରେ ଧୋନିଙ୍କର ବ୍ୟାଟିଂ ଦୃଶ୍ୟକୁ ମୋ ଜୀବନର ଶେଷ କେତୋଟି ମୁହୂର୍ତ୍ତରେ ପୁନର୍ବାର ଦେଖି ମୁଁ ଆନନ୍ଦରେ ସଂସାରରୁ ବିଦାୟ ନେବାକୁ ଚାହେଁ।"

ଉପରୋକ୍ତ କିଛି ବ୍ୟକ୍ତିଙ୍କ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ସେମାନେ ଅଧ୍ୟାତ୍ମ, ବିଜ୍ଞାନ, ଯୋଗସାଧନ, ଚିତ୍ରକଳା, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ପ୍ରକଟ କରି ମାନବ-ଜାତିର ସେବା କରିବାକୁ ସମର୍ଥ ହୋଇଛନ୍ତି। ଯେଉଁମାନେ ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପଦରେ ରହି ଲୋକଙ୍କ ସେବା କରିବେ ବୋଲି କହୁଛନ୍ତି ସେମାନଙ୍କୁ ଦକ୍ଷ ହେବାକୁ ପଡ଼ିବ, ଦକ୍ଷତା ଅର୍ଜନ ପାଇଁ ପଦ, କ୍ଷମତାର ଅମଲାତାନ୍ତ୍ରିକ ଅହଂକାରରୁ ମୁକ୍ତ ଓ ଲୋକସାଧାରଣଙ୍କ ସହିତ ଯୁକ୍ତ ହେବାକୁ ପଡ଼ିବ। ବୁଦ୍ଧଦେବ ଦେହ ତ୍ୟାଗ କରିବା ପୂର୍ବରୁ ଶିଷ୍ୟମାନେ ତାଙ୍କୁ ଅନ୍ତିମ ଉପଦେଶ ଦେବାକୁ ନିବେଦନ କରିବାରୁ ବୁଦ୍ଧ ଗୋଟିଏ ଜଳପାତ୍ରକୁ ଓଲଟାଇ ରଖିଦେଲେ, ଯାହାର ପ୍ରତୀକାତ୍ମକ ଅର୍ଥ ହେଉଛି, ପାତ୍ରଟି ଜଳଶୂନ୍ୟ ହେଲା ଭଳି ତୁମେ ଅହଂଶୂନ୍ୟ ହୁଅ। ପରବର୍ତ୍ତୀ ସମୟରେ ଓଲଟିପଡ଼ିଥିବା ପାତ୍ର ଆକାରରେ ବୌଦ୍ଧସ୍ତୁପଗୁଡ଼ିକ ନିର୍ମିତ ହୋଇଛି, ଯାହା ଆମକୁ ଅହଂଶୂନ୍ୟତାର ଆହ୍ୱାନ ଦେଉଛି। ଅହଂକାରରୁ ମୁକ୍ତ ମଣିଷ ଯେକୌଣସି ମହତ କ୍ଷେତ୍ରରେ କାର୍ଯ୍ୟ କରି ମାନବଜାତିର ସେବକ ହୋଇପାରିବ ; ଏହା ସତ୍ୟ।

ଇଂରାଜୀ ପ୍ରାଧ୍ୟାପକ (ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋବାଇଲ୍: ୯୮୫୩୨୮୨୯୬୨

# ବାତ୍ୟା ବ୍ୟବସାୟର ମାଧ୍ୟମ ?



**ସୁବାସ ଷଡଙ୍ଗୀ**

'ଆମ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କୁ ବାତ୍ୟା ଭୟ ସବୁଠାରୁ ଅଧିକ। କାରଣ କହିବା ଦରକାର ନାହିଁ। ସମୁଦ୍ର ରହିଛିମାନେ ବାତ୍ୟା ହେବ। ତେବେ ବାତ୍ୟା କିଭଳି ହେବ, ତାହା ନିର୍ଭର କରେ ପରିସ୍ଥିତି ଉପରେ। ତେବେ ବାତ୍ୟା ଜନିତ ଭୟାବହତା କଥା ଲୋକଙ୍କ ମନରେ ସୃଷ୍ଟି ହେଲା ୧୯୯୯ ମସିହାର ବାତ୍ୟା ପରେ। ତାହା ଆଗରୁ ଯେ ବାତ୍ୟା ଆମ ଓଡ଼ିଶାରେ ହୋଇ ନାହିଁ, ତାହା ନୁହେଁ। ୧୯୭୧ ରେ ବାତ୍ୟା ହୋଇ ଥିଲା। ବନ୍ୟା ମଧ୍ୟ ହୋଇ ଅନେକ ସମ୍ପତି ନଷ୍ଟ ହୋଇଛି। କିନ୍ତୁ ୧୯୯୯ ମସିହାରେ ବାତ୍ୟା ଆମମାନଙ୍କ ମଧ୍ୟରେ ଏକ ବେଞ୍ଚମାର୍କ ତିଆରି କଲା। ଆଗରୁ ଲୋକେ ଜାଣିପାରୁ ନଥିଲେ, ବାତ୍ୟା କିପରି ହେଉଛି ବୋଲି। ଆଧୁନିକତା ଆମକୁ ଅନେକ ଉପକରଣ ଦେଇଛି, ଯାହାକୁ ବ୍ୟବହାର କରି ଆମେ ଅନେକ କଥା ଜାଣି ପାରୁଛୁ।

୧୯୯୯ ମସିହା ପରଠାରୁ ଅନେକ ଥର ବାତ୍ୟା ହୋଇଛି। ବାତ୍ୟାର ସଫଳ ମୁକାବିଲା ହେଉଛି। କିନ୍ତୁ ଲୋକଙ୍କ ମନରୁ ଭୟ ଯାଉନି। ବାତ୍ୟା କଥା ଶୁଣିବାମାନେ ଆରମ୍ଭ ହୋଇଯାଉଛି, ଧାଁ ଧପଡ।

ଏତରକର ବାତ୍ୟା ଅନ୍ୟ ବାତ୍ୟାଠାରୁ ବହୁତ ଭିନ୍ନ। କାରଣ ବାତ୍ୟା ହେବାର ସାମନ୍ୟ ସୂଚନା ପାଇବା ମାତ୍ରେ ଆରମ୍ଭ ହୋଇଗଲା କିଣାକିଣି। ଟେଲିଭିଜନ ଚାନେଲଗୁଡାକ ରାତିଦିନ ନଶୋଇ ଖାଲି ବାତ୍ୟା ମାଡି ଆସୁଛି ବୋଲି ପ୍ରଚାର କଲେ। ଲୋକମାନେ ଜିନିଷ କିଣିବା ପାଇଁ ବଜାରକୁ ଧାଇଁଲେ। ଜିନିଷ ତୁଳନାରେ କିଣିବା ଲୋକ ଅଧିକ ହୋଇଯିବାରୁ ଦରଦାମ ବଢ଼ିଚାଲିଲା। ଏମିତିକି କେତେକ ଜିନିଷର ଦାମ ଦୁଇଗୁଣ ହୋଇଗଲା। ଏବେ ଖବର ପ୍ରକାଶିତ ହୋଇଛି ଦୁଇଦିନରେ ପ୍ରାୟ ତିନି ହଜାର କୋଟି ଟଙ୍କାର ବେପାର ହୋଇଛି। ଏହା ମଧ୍ୟ ଏକ ରେକର୍ଡ। ଏମିତି ବେପାର ଦଶହରା ବା ଦୀପାବଳୀରେ ମଧ୍ୟ ହୁଏ ନାହିଁ।

ତିନି ହଜାର ଟଙ୍କାର ବେପାର ରେ ସରକାର ଅତି କମରେ ଟିକସ ପାଇଥିôବେ ଦିଶହ କୋଟି ଟଙ୍କା। ବେପାରୀମାନେ ଲାଭ ନେଇଥିବେ ସାତଶହ ବା ଆଠଶହକୋଟି ଟଙ୍କା। ଇଏ କଣ କିଛି କମ କଥା ?

କିଛି ବର୍ଷ ତଳେ ଜଣେ ମନ୍ତ୍ରୀ କହିଥିଲେ ବନ୍ୟାକୁ ନେଇ ଟୁରିଜିମ କରାଯାଇପାରେ। ବାହାର ଲୋକ ବିଶେଷ କରି ବିଦେଶୀମାନେ ଆସିବେ ବନ୍ୟା କଣ ଦେଖିବେ, ଲୋକେ କିପରି ହନ୍ତସନ୍ତ ହେଉଛନ୍ତି, ତାହା ଦେଖିବେ ସରକାର ସେଥିରୁ ଅର୍ଥ ରୋଜଗାର କରିବେ।ଏବେ ବାତ୍ୟା ସେମିତି ଏକ ବେପାର ମାଧ୍ୟମ। ବାତ୍ୟା ଖବର ପ୍ରଚାର କରିବାକୁ କିଛି ଲୋକ ଟିପସ ନିଅନ୍ତି। ବାରମ୍ବାର ସେଇ କଥାକୁ ପ୍ରଚାର କରନ୍ତି। ପ୍ରଥମେ ସାଧାରଣ ଲୋକ ଏହାକୁ ହାଲକା ଭାବେ ନେଲେ କଣ ହେବ, ପରବର୍ତ୍ତୀ ସମୟରେ ଏହା ସେମାନଙ୍କ ଉପରେ ପ୍ରଭାବ ପକାଏ। ଯଦି ସତରେ ଅଧିକ ହୁଏ ? ତେବେ ଆମେ କଣ କରିବା ? ଆମ ପିଲାଚୁଆ କଣ ଖାଇବେ ? ପଡ଼ିଶା ଘରର ଲୋକ ବସ୍ତା ବସ୍ତା ଜିନିଷ ବୋହି ଆଣି ଘରେ ଗଦା କରିଦେଲାଣି। ଆମ ପିଲା କଣ ଉପାସ ରହିବେ ? ଏହି ଧାରଣା ଆମକୁ ପ୍ୟାନିକ ବାଏ' କରିବାକୁ ଉସକାଏ।

ଅନେକ କହନ୍ତି, କିଛି ଜରୁରି ଜିନିଷ କିଣି ଆଣି ଘରେ ରଖିବା ଭଲ। ଜିନିଷ କଣ ନଷ୍ଟ ହୋଇଯାଉଛି ? କିନ୍ତୁ ପ୍ରକୃତ କଥା ତାହା ନୁହେଁ। ଦରକାର ଠାରୁ ଅଧିକ ଜିନିଷ କିଣିଲେ ଜିନିଷର ଅଭାବ ସୃଷ୍ଟି ହୁଏ, ଯାହା ଫଳରେ ଦୋକାନୀ ଚଢ଼ା ଦାମ ଭିଡିଦିଏ। ଚଢ଼ାଦାମରୁ କିନ୍ତୁ ସରକାର ଟିକସ ପାଆନ୍ତି ନାହିଁ। ବାତ୍ୟାରେ ପ୍ରକୃତରେ ଜିନିଷପତ୍ର କିଏ ଅଧିକ କିଣେ ? ବାତ୍ୟାର ସିଧା ସଳଖ ପ୍ରଭାବରେ ଆସୁଥିବା ଲୋକ ଜିନିଷ କିଣିପାରେ ନାହିଁ। କାରଣ, ତାର ରହିବାର ଠିକଣା ଜଣା ନଥାଏ। ତାକୁ ଘର ଛାଡି ଆଶ୍ରୟସ୍ଥଳୀକୁ ଯିବାକୁ ହୁଏ। କେମିତି ବଞ୍ଚିବେ ତାହା ଏକ ମାତ୍ର ଇଚ୍ଛା।

୧୯୯୯ ମସିହାର ବାତ୍ୟା ପରେ ସମୁଦ୍ରକୂଳର ବିଭିନ୍ନ ଗାଁରେ ଆଉ କଚା ଘର ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଠାଘର ତିଆରି ହୋଇଛି। ଏଣୁ ଘର ଭାଙ୍ଗିବାର ଆଶଙ୍କା ଶତକଡା ୯୦ ଭାଗ ନାହିଁ। କେନ୍ଦ୍ର ସରକାର ଚାଉଳ ଦେଉଛନ୍ତି। ଘରେ ଉପାସ ରହିବାର ସମ୍ଭାବନା ନାହିଁ। ଖାଲି ଯାହ ତେଲଲୁଣ କିଣାହେବ।ସିଧା ସଳଖ ବାତ୍ୟା ପ୍ରଭାବିତ ଲୋକମାନେ କିଣାକିଣି ଉପରେ ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ, ଯେତେଟା ସହରରେ ରହୁଥିବା ବାବୁମାନେ ଦିଅନ୍ତି। ବାବୁମାନଙ୍କର ଯେପରି ଅଭାବ ନହୁଏ। ଏମିତିକି ଦୀପାବଳୀ ପାଇଁ ମିଠେଇ କିଣି ରଖିବାର କଥା ମୋତେ ଜଣେ ବନ୍ଧୁ କହିଛନ୍ତି। ପେଟ୍ରୋଲ ଭରି କରି ରଖିବା ମୋବାଇଲ ରିଚାର୍ଜ କରିବା ଭଳି କଥା ଅଛି। ଖାଲି ଭୁବନେଶ୍ୱରରେ ଦୁଇଗୁଣ ପେଟ୍ରୋଲ ବିକ୍ରି ହୋଇଛି। କଣ ପାଇଁ ଏତେ ପରିମାଣର ତେଲ ଲୋକେ କିଣିଲେ ? କେବଳ ଭୟରେ। କାଳେ ନ ମିଳିବ। ଆଧୁନିକ ପ୍ରଯୁକ୍ତିଗତ ଟେକନିକ ବଳରେ ସବୁ ସମସ୍ୟାର ସମାଧାନ ଖୁବ ସହଜ ଓ କମ ସମୟରେ ହୋଇପାରୁଛି। ତଥାପି ଲୋକଙ୍କ ମନରୁ ଭୟ ଯାଉନି। କାରଣ ସରକାରଙ୍କ କଥା ଉପରେ ଲୋକଙ୍କ ମନରୁ ଭୟ ଯାଉନି। ସୁଖ ସୁବିଧାରେ ଯେପରି ହେଳା ନ ହୁଏ, ତାହା ହିଁ ଆମର ଏକମାତ୍ର ଚିନ୍ତା। ଯଦି ବାତ୍ୟା ଯୋଗୁଁ ଅସୁବିଧା ହୁଏ, ତେବେ ସ୍କୁଲ କଲେଜ ବନ୍ଦ ରହିବ। ଏକଥା ଆମେ ଜାଣି ମଧ୍ୟ ଅଧିକ ତେଲ କିଣୁ। ଘରର ସଉଦା ଦାମ ଦୁିଗୁଣ ବଢ଼ିବା ଜାଣି ମଧ୍ୟ ଆମେ ଅଧିକ ସଉଦା ଘରକୁ ନେଉ। ସେ ବାବଦରେ ଅଧିକ ଖର୍ଚ୍ଚ ହୋଇଯାଉ ଆମର ସେଥିପାଇଁ ଚିନ୍ତା ନାହିଁ। ଆମେ ନିମ୍ନମଧ୍ୟବିତ ସରକାରଙ୍କ କଥା ଅପେକ୍ଷା ଟେଲିଭିଜନର କଥାକୁ ଅଧିକ ଗୁରୁତ୍ୱ ଦେଉ।

ସରକାର ନୀରବରେ ଏସବୁକୁ ପ୍ରଶ୍ରୟ ଦିଅନ୍ତି। କାରଣ ଯେତେ କିଣା ବିକା ହେବ ସରକାରୀ ତହବିଲକୁ ସେତେ ଅଧିକ ଅର୍ଥ ଆସିବ। ଲୋକଙ୍କ ପାଖରେ ପଇସା ରହିବା ଠିକ ନୁହେଁ। ଏହା ହେଉଛି ବଜାର ଅର୍ଥନୀତିର ଅଂଶବିଶେଷ। ସମସ୍ତେ ବା ଆମ ଭିତରୁ ଅନେକ ଏକଥା ଜାଣିଥିଲେ ମଧ୍ୟ, ଆମେ ଚଢ଼ାଦାମରେ ଜିନିଷ କିଣୁ କଳାବଜାରକୁ ଉସକାଉ। ଆଉ ସବୁ ଦୋଷ ଟେଲିଭିଜନବାଲା ଓରକାରଙ୍କ ଉପରେ ଲଦି ଦେଉ।

ମୋବାଇଲ୍: ୯୪୩୯୬୫୨୩୨୨

# ଦୁର୍ନୀତି ହିଁ ବିକାଶର ପ୍ରତିବନ୍ଧକ



**କିଶୋର ଚନ୍ଦ୍ର ବେହେରା**

"ମୁଁ ବିଶ୍ୱାସ କରେ ଯେ, ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ। ମୁଁ ବିଶ୍ୱାସ କରେ ଯେ ଦୁର୍ନୀତି ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ। ମୁଁ ଅନୁଭବ କରେ ଯେ ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ। ମୁଁ ସେଥିପାଇଁ ଶପଥ ନେଉଛି ଯେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବି। ଉତ୍କୋଚ ନେବି ନାହିଁ। ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବି । ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବି। ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ହେବି । ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି ।" ସାଧୁତାର ଶପଥ ନେଇଥାନ୍ତି ସାଧାରଣ ନାଗରିକ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବାବୁ ଓ ଜନପ୍ରତିନିଧି ପର୍ଯ୍ୟନ୍ତ "ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି"। ଦୁର୍ନୀତି ହେଉଛି ଏକ ଅସାଧୁ ବ୍ୟବହାର ବା କାର୍ଯ୍ୟ। ମିଳିଥିବା କ୍ଷମତାକୁ ବ୍ୟକ୍ତିଗତ ଲାଭ ପାଇଁ ଦୁରୁପଯୋଗ କରିବା ହେଉଛି ଦୁର୍ନୀତି। ଦୁର୍ନୀତି ବିଶ୍ୱାସ ହାନି ଘଟାଏ, ଗଣତନ୍ତ୍ରକୁ ଦୁର୍ବଳ କରେ, ଅର୍ଥନୈତିକ ବିକାଶରେ ବାଧା ସୃଷ୍ଟିକରେ ଏବଂ ଅଧିକନ୍ତୁ ଅସାମଞ୍ଜସ୍ୟ, ଦାରିଦ୍ର୍ୟ, ସାମାଜିକ ବର୍ଗୀକରଣ ଏବଂ ପରିବେଶଜନିତ ସମସ୍ୟାକୁ ବଢ଼ାଇଦିଏ। ଦୁର୍ନୀତି ସାଧାରଣତଃ ଯୋଗାଣ ବନାମ ଚାହିଦା, ବଡ଼ ବନାମ ଛୋଟ, ପାରମ୍ପରିକ ବନାମ ଅଣପାରମ୍ପରିକ ଏବଂ ସର୍ବସାଧାରଣ ବନାମ ବ୍ୟକ୍ତିଗତ ରୂପ ପରିଗ୍ରହ କରିଥାଏ। ଏହା ମଧ୍ୟ ଲାଞ୍ଚ, ବ୍ୟକ୍ତିଗତ ଆତ୍ମସାତ୍, ପ୍ରଭାବ,ଅବୈଧ ବିକ୍ରି, ଟିକସ ଫାଙ୍କି, ସ୍ୱଜନ ପ୍ରୀତି, ବେଠି ଏବଂ ପୃଷ୍ଠପୋଷକତା ରୂପ ନେଇପାରେ। ଦୁର୍ନୀତି ଉତ୍ତମ ଶାସନ, ମୂଲ୍ୟବୋଧ ଏବଂ ସାଧାରଣ ବିଶ୍ୱାସର ଯଥେଷ୍ଟ କ୍ଷତି କରିଥାଏ। ଦୁର୍ନୀତି ଆମେ ରହୁଥିବା ସମାଜର ଏକ ଗମ୍ଭୀର ସମସ୍ୟା। ବର୍ତ୍ତମାନ ଏହା ସମସ୍ତ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଛି। ଦୁର୍ନୀତି ନାମଧାରୀ ରାକ୍ଷସ କବଳରେ ଅଣାୟତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରର ସାମ୍ବିଧାନିକ ବ୍ୟବସ୍ଥା । ସତମିଛର ପ୍ରମାଣ ଖୋଜୁ ଖୋଜୁ ଅନେକ ଧନ ଜୀବନ ଚାଲିଯାଏ ଅକାରଣରେ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ମଧ୍ୟରେ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅକ୍ଟୋବର ୩୧ଜନ୍ମ ଦିବସ ପଡୁଥିବାରୁ ଭାରତର ଐକ୍ୟ ଓ ଅଖଣ୍ଡତାକୁ ସମୃଦ୍ଧ ରଖିବା ନିମନ୍ତେ ଏହି ସପ୍ତାହର ତାତ୍ପର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ । "ସର୍ଦ୍ଦାର ପଟେଲଙ୍କ ସମଗ୍ର ଜୀବନ ସାଧୁତା, ସ୍ୱଚ୍ଛତା ଓ ଏହିସବୁ ଗୁଣକୁ ନେଇ ଜନସେବା ପଦ୍ଧତି ବିକାଶ କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ସଚେତନତା ଓ ସତର୍କତା ପାଇଁ ଚାଲିଥିବା ଅଭିଯାନ ଏହିସବୁ ନୀତିଗୁଡ଼ିକ ଉପରେ ପର୍ଯ୍ୟବସିତ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅଭିଯାନ ଏକ ଦୁର୍ନୀତିମୁକ୍ତ ଭାରତ ଗଠନର ସ୍ୱପ୍ନ ଓ ଉତ୍ସାହକୁ ନେଇ କରାଯାଉଛି ଓ ଏହାର ଗୁରୁତ୍ୱ ପ୍ରତ୍ୟେକ ନାଗରିକ ଜୀବନରେ ରହିଥାଏ। ଏକ ଉନ୍ନତ ଭାରତ ନିମନ୍ତେ ଆସ୍ଥା ଓ ବିଶ୍ୱାସ ଖୁବ ତାତ୍ପର୍ଯ୍ୟପୂର୍ଣ୍ଣ । ସରକାରଙ୍କ ଉପରେ ଆସ୍ଥା ଜନସାଧାରଣଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି କରିଥାଏ । ଦୀର୍ଘ ବର୍ଷ ଧରି ଚଳିଆସିଥିବା ଦାସତ୍ୱ ଦୁର୍ନୀତି, ଶୋଷଣ ଓ ସମ୍ପଦ ଉପରେ ଅଧିକାର ଇତ୍ୟାଦି ସ୍ୱାଧୀନତା ପରେ ମଧ୍ୟ ଦୁର୍ଭାଗ୍ୟଜନକ ଭାବେ ଅଧିକ ଶକ୍ତିଶାଳୀ ହେଲା । ଦାସତ୍ୱ ଅନୂନ୍ୟ ଚାରି ପିଢ଼ିକୁ ଘୋର କ୍ଷତି ପହଂଚାଇଥିଲା । "ଯୁଗ ଯୁଗ ଧରି ରହିଥିବା ଏଭଳି ଚଳଣିକୁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତାର ଅମୃତ କାଳରେ ପରିବର୍ତ୍ତନ କରିବା" ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ । ଗରୀବ ଓ ମଧ୍ୟବର୍ତ୍ତି ଶ୍ରେଣୀ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଦିଗରେ ସମସ୍ତ ଶକ୍ତି ଲଗାଇ ଦିଆଯାଏ ତେବେ ଦେଶ ଓ ରାଷ୍ଟ୍ରର ବିକାଶ ଅବସମ୍ଭାବି । ସରକାରଙ୍କ ଯୋଗାଣ ଓ ଚାହିଦା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାକୁ ଚେଷ୍ଟା କରିବାର ଆବଶ୍ୟକତା ଅଛି। ଏହାକୁ ହାସଲ କରିବା ପାଇଁ ଯେଉଁ ତିନିଟି ରାସ୍ତା ବଛାଯାଇଛି ସେଗୁଡ଼ିକ ହେଲା - "ପ୍ରଯୁକ୍ତିବିଦ୍ୟାର ପ୍ରସାର, ମୌଳିକ ଆବଶ୍ୟକ ସମ୍ପୂର୍ଣ୍ଣ ସ୍ତରକୁ ଦେବା ଓ ଶେଷରେ ଆତ୍ମ ନିର୍ଦ୍ଧାରଣ ଅଭିମୁଖେ ଅଭିଯାନ ।" ଦେଶରେ ଥିବା ବିଭିନ୍ନ ପ୍ରକାର ଦୁର୍ନୀତି ନିବାରଣ ବିଭାଗ ଗୁଡ଼ିକୁ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ସେମାନଙ୍କର କ୍ଷମତାକୁ ସିମିତ ନରଖି ସ୍ୱୟଂଶାସିତ ଭାବେ କାର୍ଯ୍ୟ କରିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ଉଚିତ୍। ପ୍ରଥମେ ସମ୍ପୃକ୍ତ ଦୁର୍ନୀତି ନିବାରଣ ବିଭାଗ ଗୁଡ଼ିକୁ ସରକାରୀ ନିୟନ୍ତ୍ରଣ ରେଖା ମଧ୍ୟରୁ ଉନ୍ମୁକ୍ତ କରିବାକୁ ହେବ। ଦ୍ୱିତୀୟରେ ସେମାନଙ୍କ କ୍ଷମତାକୁ ସମ୍ପ୍ରସାରିତ କରି ସ୍ୱତଃ ପ୍ରବୃତ୍ତ ଭାବେ ଦୁର୍ନୀତିକୁ ପ୍ରତିରୋଧ କରିପାରିବା କ୍ଷମତା ପ୍ରଦାନ କରାଯିବା ଆବଶ୍ୟକ। ତୃତୀୟାରେ ସମ୍ପୃକ୍ତ ବିଭାଗ ଗୁଡିକ କେବଳ କାହାର ଅଭିଯୋଗ ପାଇଁ ଅପେକ୍ଷା ନକରି ସ୍ୱତଃପ୍ରବୃତ୍ତ ଭାବେ ଦୁର୍ନୀତିକୁ ପ୍ରତିରୋଧ କରିବା ସଂଗେ ସଂଗେ ସାଧାରଣ ଲୋକ ତଥା ସରକାରୀ କଳର ସମସ୍ତ କର୍ମକର୍ତ୍ତାଙ୍କୁ ମାନବିକ ଚେତନା ଜ୍ଞାନ ବିତରଣ ପୂର୍ବକ ବିଭିନ୍ନ ଅଭିଲେଖୀ, କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଇତ୍ୟାଦି ଆୟୋଜନ କରି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଚେଷ୍ଟା କରାଗଲେ ପ୍ରାଥମିକ ସ୍ତରରେ କେତେକ ମାତ୍ରାରେ ଦୁର୍ନୀତିକୁ ନିୟନ୍ତ୍ରଣ କରାଯାଇ ପାରିବ ଯାହା ରାଷ୍ଟ୍ର ବିକାଶ ପାଇଁ ଯଥେଷ୍ଟ ସହାୟକ ହୋଇ ପାରିବ।

ଦୁର୍ନୀତି ରୋକିବା ନିମନ୍ତେ ସରକାର ସ୍ତରରେ ବିଚାରାଳୟ ବ୍ୟବସ୍ଥାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଯେଭଳି ପ୍ରତିରକ୍ଷା ବାହିନୀ ସମସ୍ୟାର ତୁରନ୍ତ ସମାଧାନ କରିବ ପାଇଁ "ଆର୍ମଡ ଫୋର୍ସେସ ଟ୍ରିବୁନାଲ" ପ୍ରତିଷ୍ଠା କରାଯାଇଛି, ଠିକ୍ ସେହିପରି ଦୁର୍ନୀତି ମୁକ୍ତ ବିଚାରାଳୟ ପ୍ରତିଷ୍ଠା କରାଗଲେ ନିରପେକ୍ଷ ବିଚାର ଆସିବ, ଯାହା ଦ୍ୱାରା ଅପରାଧ ହେଉକି ଦୁର୍ନୀତି କରିବା ପାଇଁ ଦୁଷ୍କୃତ ସାହସ କରିପାରିବେ ନାହିଁ। ବିଚାରାଳୟ ଗୁଡିକ ମଧ୍ୟ ସ୍ୱୟଂ କ୍ଷମତା ପ୍ରାପ୍ତ କରାଗଲେ ହୁଏତ କେତେକ ମାତ୍ରାରେ ଦୁର୍ନୀତି କମ ହେବ ଯାହାଦ୍ୱାରା ରାଷ୍ଟ୍ର ବିକାଶ ଦିଗରେ ସହାୟକ ହୋଇ ପାରିବ। ବ୍ରିଟିଶ ସଂଯୋଜିତ ସମ୍ବିଧାନରେ ରାଜତନ୍ତ୍ର ମାଧ୍ୟମରେ ପରିଚାଳିତ ଅଲୌକିକ ଗଣତନ୍ତ୍ରର ବ୍ୟାପକ ଅମାନୁଷିକ ଆଇନ ସବୁ ରହିଛି ଆମ ଦେଶରେ ଯାହା ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରି ଏକ ସୁସ୍ଥ ମଣିଷ ସମାଜ ଗଠନ ଦିଗରେ ପରିଚାଳିତ କରାଗଲେ ରାଷ୍ଟ୍ର ପ୍ରକୃତ ବିକାଶ ହୋଇ ପାରିବ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ରେ ବିକଶିତ ଭାରତର ସ୍ୱପ୍ନ ସଫଳ ହୋଇପାରିବ ।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮

## ଶୋ’ ରୁମ୍ ସାମ୍ନାରେ ହୁତୁ ହୁତୁ ହୋଇ ଜଳିଗଲା ‘ଓଲା’ ସ୍କୁଟର୍



**ବେଙ୍ଗାଲୁରୁ, ୨୬।୧୦ :** ପୁଣି ଚର୍ଚ୍ଚାରେ ‘ଓଲା’ ସ୍କୁଟର୍। ପେଟ୍ରୋଲ ବଦଳରେ ଏହି ଇ-ସ୍କୁଟରକୁ କିଣିବାକୁ ଭଲ ପାଉଥିବା ଲୋକେ ଏବେ ଏହାକୁ ନେଇ ଅଛନ୍ତି ନାଖୁସ। କେତେବେଳେ ଏହା ଜଳି ଯାଉଛି ତ ଆଉ କେତେବେଳେ ଚାର୍ଜିଂ ବେଳେ ଏହାର ବ୍ୟାଟେରୀ ଫାଟି ଯାଉଛି। ସ୍କୁଟରକୁ ନେଇ ନିକଟରେ ଏଭଳି ଅନେକ ଅଭିଯୋଗ ଆସିଛି। ଏବେ ଏହି ଇ-ସ୍କୁଟରକୁ ନେଇ ଏକ ତାଜା ଘଟଣା ସାମ୍ନାକୁ ଆସିଛି। ଶୋ’ ରୁମ୍ ସାମ୍ନାରେ ହିଁ ହୁ ହୁ ହୋଇ ଜଳି ଯାଇଛି ଓଲା ଇ-ସ୍କୁଟର୍।

ବେଙ୍ଗାଲୁରୁର ଏକ ଶୋ’ ରୁମ୍‌ରେ ବାହାରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ସୋଶାଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ଏହି ପୂରା ଘଟଣାର ଭିଡିଓକୁ ଶେୟାର କରାଯାଇଛି। ଯେଉଁଥିରେ ଶୋ’ ରୁମ୍ ସାମ୍ନାରେ ହିଁ ଠିଆ ହୋଇଥିବା ଓଲା କମ୍ପାନୀର ସ୍କୁଟରରେ ହଠାତ୍ ନିଆଁ ଲାଗିଯାଉଥିବା ଦେଖିବାକୁ ମିଳିଛି। ଦେଖୁ ଦେଖୁ ଏହା ପୂରା ସ୍କୁଟରକୁ ବ୍ୟାପି ଯାଉଛି। ଏହି ଦୃଶ୍ୟକୁ ଦେଖି ସ୍ଥାନୀୟ ଲୋକେ ଛାନିଆ ହୋଇ ପଡିଛନ୍ତି। ବେଙ୍ଗାଲୁରୁର ବିଟିଏମ୍ ଲେଆଉଟ୍ ଅଞ୍ଚଳରେ ଥିବା ଜୟଦେବ ହସ୍ପିଟାଲ ନିକଟରେ ଘଟିଛି ଏହି ଘଟଣା। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ କମ୍ପାନୀକୁ ଜୋରଦାର ଟ୍ରୋଲ କରିଛନ୍ତି। ଏହି ଭିଡିଓରେ ଅନେକ ୟୁଜର୍ସ ମଜାଦାର ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ଜଣେ ୟୁଜର୍ସ ଏହାକୁ ଓଲାର ଦିୱାଲି ପାର୍ଟି କହିଥିବା ବେଳେ ଆଉ ଜଣେ ଏହାକୁ ଦିୱାଲି ଧମାକା ବୋଲି କହିଛନ୍ତି। କହିରଖୁ ଯେ, ଏହା ପୂର୍ବରୁ ଓଲା ସ୍କୁଟର୍‌ରେ ନିଆଁ ଲାଗିବାର ଅନେକ ମାମଲା ସାମ୍ନାକୁ ଆସି ସାରିଛି। ନିକଟରେ କେଳର ଥିରୁବନ୍ତପୁରମରେ ମଧ୍ୟ ଓଲା ସ୍କୁଟରରେ ନିଆଁ ଲାଗିବା ମାମଲା ସାମ୍ନାକୁ ଆସିଥିଲା। ଜଣେ ଛାତ୍ର ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖରାପ ପ୍ରଡକ୍ଟ ଓ ସର୍ଭିସକୁ ନେଇ ମଧ୍ୟ କମ୍ପାନୀ ବିରୋଧରେ ଗ୍ରାହକ ଅଭିଯୋଗ ଆଣି ସାରିଛନ୍ତି।

# ସିଟ୍ ବଣ୍ଟାକୁ ନେଇ ରାହୁଲ ଖପ୍ପା !



**ମୁମ୍ବାଇ, ୨୬।୧୦:** ପାଖେଇ ଆସିଲାଣି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ। ଆଉ ଦିନ କେଇଟା ପରେ ପଡ଼ିବ ଭୋଟ୍। ଏଥିପାଇଁ ସମସ୍ତ ରାଜନୈତିକ ଦଳଗୁଡିକ ଜୋରସୋର୍‌ରେ ପ୍ରସ୍ତୁତି ଚଳାଇଛନ୍ତି। ବିଭିନ୍ନ ଦଳଗୁଡିକ ନିଜ ନିଜ ପ୍ରାର୍ଥୀ ତାଲିକା ଘୋଷଣା କରୁଛନ୍ତି। ଏହାରି ଭିତରେ କିନ୍ତୁ କଂଗ୍ରେସର ପୂର୍ବତନ ସଭାପତି ତଥା ସାଂସଦ ରାହୁଲ ଗାନ୍ଧି ଖପ୍ପା ହୋଇଯାଇଛନ୍ତି। ମହାରାଷ୍ଟ୍ରରେ ଆସନ ଭାଗ ବଣ୍ଟାକୁ ନେଇ ସେ ରାଗିଥିବା କୁହାଯାଉଛି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସମ୍ପର୍କରେ ଶୁକ୍ରବାର ଦିନ ଦିଲ୍ଲୀ ଦଳୀୟ ମୁଖ୍ୟାଳୟରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସିଥିଲା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାହୁଲ ଗାନ୍ଧି ଏହି ବୈଠକର ଅଧାରୁ ହିଁ ଛାଡି ଚାଲି ଆସିଥିଲେ। କଂଗ୍ରେସର ଦବ୍‌ଦବା ଥିବା ଆସନଗୁଡ଼ିକୁ ଏମଭିଏ ସହଯୋଗୀ ଶିବସେନା (ୟୁବିଟି) କୁ ଦେଇଥିବାରୁ ସେ ରାଗି ଯାଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ କେନ୍ଦ୍ରୀ ନିର୍ବାଚନ କମିଟି ବୈଠକରେ ରାହୁଲ ଗାନ୍ଧି ମହାରାଷ୍ଟ୍ର କଂଗ୍ରେସ ନେତାଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଶିବସେନା (ୟୁବିଟି) କୁ ବିଦର୍ଭ ଏବଂ ମୁମ୍ବାଇ ଭଳି ଅଞ୍ଚଳରେ କଂଗ୍ରେସର ଦୃଢ଼ତା ତଥା ବିଶେଷ ସଂରକ୍ଷିତ ଆସନ ପ୍ରଦାନ କରିବାକୁ ନେଇ ସେ ଖପ୍ପା ହୋଇଯାଇଛନ୍ତି। ଏହା ବ୍ୟତୀତ ସ୍କ୍ରିନିଂ କମିଟି ସିଇସିକୁ ଦେଇଥିବା ପ୍ରାର୍ଥୀଙ୍କ ନାମ ଉପରେ ମଧ୍ୟ ସେ ଆପତ୍ତି ଉଠାଇଛନ୍ତି। ରାଜ୍ୟର ଅନେକ ନେତାଙ୍କ ପ୍ରତି ପକ୍ଷପାତ କରାଯାଇଥିବା ଭଳି ମନେ ହେଉଥିବା ସେ କହିଛନ୍ତି।

ଆସନ ବାଣ୍ଟିବା ନେଇ ଆଲୋଚନା ବେଳେ ମହାରାଷ୍ଟ୍ର କଂଗ୍ରେସ ନେତାମାନେ ସେମାନଙ୍କର ଭୂମିକା ସଠିକ୍ ଭାବେ ତୁଲାଇ ନାହାଁନ୍ତି ବୋଲି ରାହୁଲ ବିଶ୍ୱାସ। ସେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ବୈଠକକୁ ଅଧାରୁ ଉଠି ଚାଲି ଆସିଛନ୍ତି। ହାଇ କମାଣ୍ଡର ମହାରାଷ୍ଟ୍ର କଂଗ୍ରେସର ବରିଷ୍ଠ ନେତା ବାଲାସାହେବ ଥୋରାଟଙ୍କୁ ବିଦର୍ଭ ଏବଂ ମୁମ୍ବାଇ ଆସନ ସମ୍ପର୍କରେ ଏମଭିଏ ସହଯୋଗୀ ଶରଦ ପାୱାର ଏନସିପି ଏବଂ ଉଦ୍ଧବ ଠାକରେଙ୍କ ଶିବସେନା ସହ ଆଲୋଚନା କରିବାକୁ ଦାୟିତ୍ୱ ଦେଇଛନ୍ତି।

କହିରଖୁ ଯେ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଏକ ମାସରୁ ବି କମ୍ ସମୟ ବାକି ଅଛି। କିନ୍ତୁ ମହା ବିକାଶ ଆଘାଡିରେ ଆସନ ଭାଗ ବଣ୍ଟାକୁ ନେଇ ଟଣାଓଟରା ଜାରି ରହିଛି। କଂଗ୍ରେସ, ଉଦ୍ଧବ ସେନା ଏବଂ ଶରଦ ପାୱାରଙ୍କ ଦଳ ଏହା ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ୨୮୮ ସଦସ୍ୟ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏହି ତିନି ଦଳ ସମାନ ଆସନ ୮୫-୮୫ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ହୋଇଛି। ଅବଶିଷ୍ଟ ୩୩ ଟି ଆସନ ଉପରେ ମଧ୍ୟ ନିଷ୍ପତ୍ତି ଶୀଘ୍ର ନିଆଯିବ। କିନ୍ତୁ ପରେ ସିଟ୍ ବାଣ୍ଟନ ନେଇ ତିନିଟି ଏମ୍‌ଭିଏ ଦଳ ମଧ୍ୟରେ କୌଣସି ସହମତି ହୋଇନଥିବା ଖବର ସାମ୍ନାକୁ ଆସିଥିଲା।



## ଶର୍ଟ ସର୍କିଟ୍‌ରୁ ଲାଗିଲା ନିଆଁ, ଜଳିଗଲେ ୪ ଯୁବକ

**ଚଣ୍ଡିଗଡ଼, ୨୬।୧୦:** ଭୟଙ୍କର ଅଗ୍ନିକାଣ୍ଡ। ଘରେ ଲାଗିଲା ନିଆଁ। ଜୀବନ୍ତ ଜଳିଗଲେ ୪ ଯୁବକ। ହରିୟାଣାର ଗୁରୁଗ୍ରାମରେ ଘଟିଛି ଏଭଳି କିଛି ଘଟଣା। ଏଠାକାର ସରସ୍ୱତୀ ଏନ୍‌କ୍ଲେଭର ଜେ ବ୍ଲକରେ ନିଆଁ ଲାଗି ୪ ଜଣଙ୍କ ମୃତ୍ୟୁ ହୋଇଛି।

ସୂଚନା ମୁତାବକ, ବିଳମ୍ବିତ ରାତିରେ ସରସ୍ୱତୀ ଏନ୍‌କ୍ଲେଭର ଜେ ବ୍ଲକରେ ନିଆଁ ଲାଗିବା ପରେ ଆଖିପିଛୁଳାକେ ଏହା ପୂରା ବିଲ୍ଡିଂକୁ ବ୍ୟାପି ଯାଇଥିଲା। ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଫଳରେ ରୁମ୍‌ରେ ଶୋଇଥିବା ୪ ଜଣ ଯୁବକ ଜୀବନ୍ତ ଜଳି ଯାଇଥିଲେ।

୪ ଜଣ ମୃତକ ବିହାରର ହୋଇଥିବା ସୂଚନା ମିଳିଛି। ଏମାନଙ୍କ ବୟସ ୧୭, ୨୨, ୨୪ ଓ ୨୮ ବୋଲି କୁହାଯାଉଛି। ଏମାନେ ସମସ୍ତେ ଜେ ବ୍ଲକର ହଓ୍ୱା ମହଲରେ ଭଡ଼ାରେ ଘର ନେଇ ରହୁଥିଲେ।

ସେପଟେ ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂରା ମାମଲର ତଦନ୍ତ ପୁଲିସ ଜାରି ରଖିଛି।

## ‘ମୁଁ ଆଉ ପାରିବିନି’ ଲେଖି ବିଲ୍ଡିଂରୁ ଡେଇଁ ପଡ଼ିଲେ ଛାତ୍ରୀ



**ନୂଆଦିଲ୍ଲୀ, ୨୬।୧୦:** ‘ମୋତେ କ୍ଷମା କରିଦେବ। ମୁଁ ଆଉ ପାରିବିନି।’ ଏଭଳି କିଛି ଲେଖି ବିଲ୍ଡିଂ ଉପରୁ ଡେଇଁ ପଡିଲେ ଛାତ୍ରୀ। ଦିଲ୍ଲୀର ଜାମିୟା ନଗର ଅଞ୍ଚଳରେ ଘଟିଛି ଏଭଳି କିଛି ଘଟଣା। ଛାତ୍ରୀଙ୍କ ଆତ୍ମହତ୍ୟା କରିବା ବେଳର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି, ଯାହା ଭାଇରାଲ ହେବାରେ ଲାଗିଛି। ଦିନକୁ ଦିନ ବଢ଼ି ଚାଲିଛି ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା। ଏବେ ପୁଣି ଏକ ମାମଲା ସାମ୍ନାକୁ ଆସିଛି। ଜେଇଇ ପରୀକ୍ଷାରେ ସଫଳ ନହେବାରୁ ବିଲ୍ଡିଂ ଉପରୁ ଡେଇଁ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀଙ୍କ ବୟସ ୧୭ ବର୍ଷ। ଶୁକ୍ରବାର ଦିଲ୍ଲୀ ଜାମିୟା ନଗର ଅଞ୍ଚଳରେ ଏଭଳି କିଛି ଘଟଣା ଘଟିଛି।

ଘଟଣାସ୍ଥଳରୁ ଏକ ସୁସାଇଡ୍ ନୋଟ ମଧ୍ୟ ଜବତ ହୋଇଛି। ଏଥିରେ ‘ମୋତେ କ୍ଷମା କରିଦେବ, ମୁଁ ଆଉ ପାରିବି ନାହିଁ’ ଲେଖା ଅଛି। ସ୍ଥାନୀୟ ଲୋକ କହିଛନ୍ତି ଯେ ମୃତ ଝିଅଟି ନିକଟରେ ଜେଇଇ ପରୀକ୍ଷା ଦେଇଥିଲା। ତେବେ ସେ ପରୀକ୍ଷାରେ ପାସ୍ କରିପାରିନଥିଲା। ଏଥିଯୋଗୁ ସେ ନିରାଶ ଥିଲା। ଏଥିଲାଗି ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି କୁହାଯାଉଛି।

ଝିଅଟି ଆତ୍ମହତ୍ୟା ବେଳର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି। ଏଥିରେ ବିଲ୍ଡିଂ ଉପରୁ ଡେଇଁବା ପରେ ଝିଅଟି ତଳେ ପଡିଯାଉଥିବା ଦେଖିବାକୁ ମିଳିଛି। ତଳେ ଠିଆ ହୋଇ ଜଣେ ବ୍ୟକ୍ତି ଫୋନ୍‌ରେ କଥା ହେଉଛନ୍ତି। ଏହାପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମି ଯାଉଛି। ତଳେ ପଡିବା ପରେ ଝିଅଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

## ଜେଲରୁ ଲରେନ୍ସ ବିଷ୍ଣୋଇର ଇଣ୍ଟରଭ୍ୟୁ ; ୭ ପୁଲିସ ସସ୍‌ପେଣ୍ଡ



**ମୁମ୍ବାଇ, ୨୬।୧୦:** ସାତ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି ପଞ୍ଜାବ ସରକାର। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଜେଲରେ ଥିବାବେଳେ ଗଣମାଧ୍ୟମକୁ ସାକ୍ଷାତକାର ଦେବା ମାମଲାରେ ସରକାର ସାତ ଜଣ ପୁଲିସ କର୍ମଚାରୀଙ୍କୁ ସସପେଣ୍ଡ କରିଛନ୍ତି। କର୍ତ୍ତବ୍ୟରେ ଦାୟିତ୍ୱହୀନତା ଏବଂ ଚରମ ଅବହେଳା ଦର୍ଶାଇ ସେମାନଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ସୂଚନା ଅନୁସାରେ, ୨୦୨୨ରେ ଲରେନ୍ସ ବିଷ୍ଣୋଇ ଖରାର ସିଆଇ ହେପାଜତରେ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିଲା। ସିଦ୍ଧୁ ମୁସେୱାଲା ହତ୍ୟା ଘଟଣାରେ ଲରେନ୍ସ ବିଷ୍ଣୋଇକୁ ତିହାର ଜେଲରୁ ଖରାର ସିଏଏକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିଲେ। ଏହାକୁ ନେଇ ବିବାଦ ଉପୁଜିବା ପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

ଏସଆଇଟି ଟିମ୍ ଗଠନ କରି ତଦନ୍ତ କରିଥିଲା। ତଦନ୍ତ ପରେ ପଞ୍ଜାବ ସରକାର ରାଜ୍ୟ ପୁଲିସର ୭ ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ବିଷ୍ଣୋଇକୁ ତିହାର ଜେଲରୁ ଖରାର ସିଆଇଏକୁ ସ୍ଥାନାନ୍ତର କରାଯିବା ପରେ ଏହି ଇଣ୍ଟର୍ଭ୍ୟୁ ନିଆଯାଇଥିଲା। ସାକ୍ଷାତକାର ପ୍ରକ୍ରିୟା ଭିଡିଓ କନଫରେନ୍ସିଂ ଜରିଆରେ ହୋଇଥିଲା।

ଏହି ସମୟରେ ଦାୟିତ୍ୱରେ ଥିବା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଙ୍କର ଦୁଇ ଜଣ ଅଧିକାରୀ ଗୁରଶେର ସିଂହ ଏବଂ ସମୀର ବନୀତଙ୍କ ସମେତ ସାତ ଜଣଙ୍କୁ ନିଲମ୍ବନ କରାଯାଇଛି। ରାଜ୍ୟ ଗୃହ ସଚିବ ଗୁରକିରତ କିରପାଲ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସବ୍-ଇନସ୍ପେକ୍ଟର ଏବଂ ମୁଖ୍ୟ କନଷ୍ଟେବଳ ଅଛନ୍ତି।

**ଅଳ୍ପକେ ଟଳିଲା ବିପଦ !**

## ରେଳ ଧାରଣାରେ ପଡ଼ିଥିଲା କାଠଗଡ଼

**ନୂଆଦିଲ୍ଲୀ, ୨୬।୧୦:** ଲଗାତାର ଭାବେ ରେଳ ଦୁର୍ଘଟଣା ଘଟୁ ଥିବାବେଳେ ଏକ ରେଲୱେ ଟ୍ରାକରୁ କାଠ ଗଡ଼ ପଡ଼ିଥିବା ଦେଖିବାକୁ ମିଳିଛି। ଏକ ପାସେଞ୍ଜର ଟ୍ରେନ୍ କାଠ ଗଡ଼କୁ ଧକ୍କା ଦେବା ପରେ ଅଟକି ଯାଇଛି। ସୌଭାଗ୍ୟ ବଶତଃ ବିପଦ ଟଳି ଯାଇଛି।

ସୂଚନା ଅନୁସାରେ, ଉତ୍ତରପ୍ରଦେଶର ଏକ ରେଲୱେ ଟ୍ରାକରେ କାଠ ଗଡ଼ ପଡ଼ିଥିଲା। ଟ୍ରେନ୍ ନମ୍ବର ୧୪୨୩୬ ଦିଲ୍ଲୀ-ଲକ୍ଷ୍ନୌ ଯାଉ ଥିବାବେଳେ କାଠ ଗଡ଼କୁ ଧକ୍କା ଦେଇଥିଲା। କିନ୍ତୁ ଲୋକୋ ପାଇଲଟ ଟ୍ରେନକୁ ଅଟକାଇ ଦେଇଥିଲେ। ଏହାପରେ ସେ ଷ୍ଟେସନ ମାଷ୍ଟରଙ୍କୁ ସୂଚନା ଦେବା



ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଳ ଟ୍ରାକରେ କେହି କାଠ ଗଡ଼କୁ ବାନ୍ଧି ଦେଇଥିବା ଜଣା ପଡ଼ିଥିଲା। ଏହି କାଠ ଗଡ଼ଟି ପ୍ରାୟ ଦୁଇ ଫୁଟର ହେବ। ଲୋକୋ ପାଇଲଟ ସଠିକ୍ ସମୟରେ ଟ୍ରେନକୁ ଅଟକାଇ ଦେଇଥିବାରୁ ସମ୍ଭାବ୍ୟ ବିପଦ ଟଳି ଯାଇଛି। ଧାରଣାରେ କାଠ ଗଡ଼ ବନ୍ଧା ଯାଇଥିବାରୁ କେହି ଜାଣିଶୁଣି ଏପରି କରିଥିବା ସନ୍ଦେହ କରାଯାଉଛି। ପୂର୍ବରୁ ମଧ୍ୟ ଏପରି ଏକାଧିକ ମାମଲା ସାମ୍ନାକୁ ଆସିଛି। ମଲିହାବାଦ ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ତେବେ ଲଗାତାର ଭାବେ ଏପରି ଘଟଣା ରେଲୱେ କର୍ମଚାରୀଙ୍କ ସମେତ ଯାତ୍ରୀଙ୍କୁ ମଧ୍ୟ ଚିନ୍ତାରେ ପକାଇଛି।

## ୧୦ ହୋଟେଲକୁ ବୋମା ଧମକ

**ଅହମ୍ମଦାବାଦ, ୨୬।୧୦:** ଗୁଜରାଟର ରାଜକୋଟରେ ପଞ୍ଚ ତାରକା ସମେତ ୧୦ଟି ହୋଟେଲକୁ ମିଳିଛି ବୋମା ଧମକ। ବୋମା ପକାଇ ଉଡ଼ାଇ ଦେବାକୁ ଇମେଲ ଯୋଗେ ହୋଟେଲଗୁଡ଼ିକୁ ଧମକ ମିଳିଛି। ହୋଟେଲଗୁଡିକ ମଧ୍ୟରେ ଇମ୍ପେରିଆଲ୍ ପ୍ୟାଲେସ୍, ସାୟାଜୀ ହୋଟେଲ୍, ସିଜନ୍ସ ହୋଟେଲ୍ ଏବଂ ଗ୍ରାଣ୍ଡ୍ ରେଜେନ୍ସି ରହିଛି।

ଇମେଲରେ ଲେଖା ଯାଇଛି ଯେ, "ହୋଟେଲର ସବୁ ସ୍ଥାନରେ ବୋମା ରଖିଛି। କିଛି ଘଣ୍ଟା ମଧ୍ୟରେ ବୋମା ସବୁ ବନ୍ଦ ହୋଇଯିବ। ହୋଇପାରେ ଆଜି ଅନେକ ନିରୀହ ଜୀବନ ଚାଲି ଯାଇପାରେ। ତୁରନ୍ତ ହୋଟେଲରୁ ସେମାନଙ୍କୁ ସ୍ଥାନାନ୍ତର କରନ୍ତୁ, ତୁରନ୍ତ।"

ପାର୍ବଣ ଋତୁ ସମୟରେ ଏପରି ଧମକ ହୋଟେଲ୍ ମାଲିକଙ୍କ ସମେତ ପରିଦର୍ଶକଙ୍କୁ ମଧ୍ୟ ଚିନ୍ତାରେ ପକାଇ ଦେଇଛି। ଏନେଇ ଅଭିଯୋଗ ପାଇବା ପରେ ପୁଲିସ ଇମେଲ ଆଧାରରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଅତିଥି ଏବଂ କର୍ମଚାରୀଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଅଧିକାରୀମାନେ ହୋଟେଲଗୁଡିକରେ କଡ଼ା ଯାଞ୍ଚ କରିଛନ୍ତି। କିନ୍ତୁ ଖବର ଲେଖା ହେବା ସୁଦ୍ଧା କୌଣସି ସ୍ଥାନରୁ ବୋମା ମିଳି ନଥିଲା।

ଭାରତୀୟ ବିମାନଗୁଡିକୁ ଫେକ୍ ଧମକ ମିଳିବା ସମୟରେ ଏପରି ମାମଲା ସାମ୍ନାକୁ ଆସିଛି। କିଛି ଦିନ ହେବ ଅନେକ ଭାରତୀୟ ବିମାନକୁ ବୋମା ଧମକ ମିଳି ଚାଲିଛି। ଧମକ ପରେ ବିମାନର ଜରୁରୀ ଅବତରଣ କରାଯାଇ ଯାଞ୍ଚ କରିବା ପରେ ସେପରି କୌଣସି ସାମଗ୍ରୀ ମିଳୁନାହିଁ। ଏହାକୁ ନେଇ ବିମାନ କମ୍ପାନୀ, ସମ୍ପୃକ୍ତ ବିଭାଗ ଏବଂ ଯାତ୍ରୀ ଚିନ୍ତାରେ ପଡ଼ି ଥିବାବେଳେ ଗୁଜରାଟର ୧୦ଟି ହୋଟେଲକୁ ବୋମା ଧମକ ମିଳିଛି। ତେବେ ଏପରି ଆତଙ୍କ ସୃଷ୍ଟି କରୁଥିବା ଘଟଣା ପଛରେ କାହାର ହାତ ରହିଛି। କେଉଁ ଉଦ୍ଦେଶ୍ୟରେ ଏପରି କରାଯାଉଛି, ତା'ର କାରଣ ଖୋଜୁଛି ପୁଲିସ।

# ଇରାନ୍ ଉପରେ ପୁଣି ବୋମାବର୍ଷଣ କଲା ଇସ୍ରାଏଲ



**ତେହେରାନ, ୨୬।୧୦:** ସକାଳୁ ସକାଳୁ ଇରାନ ଉପରେ ଜୋରଦାର ଆକ୍ରମଣ କରିଛି ଇସ୍ରାଏଲ । ପ୍ରତିଶୋଧ ନେବାକୁ ଇସ୍ରାଏଲ ପକ୍ଷରୁ ବି ବଡ଼ ଧରଣର ଆକ୍ରମଣ ହୋଇଛି। ହିଜବୁଲ୍ଲା ମୁଖ୍ୟ ହସନ ନସରୁଲ୍ଲାର ମୃତ୍ୟୁ ପରେ ଇରାନ ଇସ୍ରାଏଲ ଉପରେ ଶହ ଶହ ମିସାଇଲ ମାଡ କରିଥିଲା । ଆକ୍ରମଣର ୨୪ ଦିନ ପରେ ଏହି ଆକ୍ରମଣର ପ୍ରତିଶୋଧ ନେଇଛି ଆଇଡିଏଫ ।

ଇରାନର ରାଜଧାନୀ ତେହେରାନର ନିକଟବର୍ତ୍ତୀ ଅଞ୍ଚଳରେ ଶୁକ୍ରବାର ରାତିରେ ୫ଟି ସ୍ଥାନ ବଡ଼ ବିସ୍ଫୋରଣ କରାଯାଇଛି । ଇରାନର ସାମରିକ ବେସକୁ ମଧ୍ୟ ଟାର୍ଗେଟ କରିଛି ଇସ୍ରାଏଲ । ଇରାନର କ୍ରମାଗତ ଆକ୍ରମଣର ଜବାବରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଇରାନର ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରୁଛି ବୋଲି ଆଇଡିଏଫ କହିଛି ।

ସେପଟେ ରାଜଧାନୀ ତେହେରାନରେ ପରିସ୍ଥିତି ସ୍ୱାଭାବିକ ଥିବା ଇରାନ କହିଛି । ଏହି ଆକ୍ରମଣରେ ଇରାନର କେତେ ପରିମାଣର କ୍ଷୟକ୍ଷତି ହୋଇଛି ତାର ରିପୋର୍ଟ ସାମ୍ନାକୁ ଆସିନାହିଁ । ଆଇଡିଏଫ ଦ୍ୱାରା ହିଜବୁଲ୍ଲା ମୁଖ୍ୟ ହସନ ନସରୁଲ୍ଲାର ହତ୍ୟା ପରେ ଆକ୍ରମଣାତ୍ମକ ହୋଇପଡିଛି ଇରାନ।

ଅଶାନ୍ତ ମଧ୍ୟପ୍ରାଚ୍ୟ। ବଢ଼ି ଚାଲିଛି ଯୁଦ୍ଧ ସ୍ଥିତି। ପାଟଲା ଆକ୍ରମଣ କରିଛି ଇସ୍ରାଏଲ। ଟାର୍ଗେଟ୍‌ରେ ସୈନ୍ୟ ଠିକଣା। ଇରାନ୍ ଉପରେ ପ୍ରତିଶୋଧ ମୂଳକ ହମ୍‌ଲା କରିଛି ଇସ୍ରାଏଲ ସେନା। ଭୋରୁ ଇରାନ୍‌ର ସୈନ୍ୟ ଅଡ୍ଡା ଉପରେ ହୋଇଛି ବୋମା ବର୍ଷା। ୧୦୦ ଯୁଦ୍ଧ ବିମାନରେ ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ।

ଇରାନ ଆକ୍ରମଣର ପାଲଟା ଜବାବ ଦେଇ ରାଜଧାନୀରେ ତେହରାନ ଉପରେ ବୋମା ବର୍ଷା କରିଛି । ଅକ୍ଟୋବର ୧ ତାରିଖରେ ଇରାନ୍ କରିଥିବା ହମ୍‌ଲାର ଜବାବ ଦେଇଛି ଇସ୍ରାଏଲ। ତେବେ ଏହି ଆକ୍ରମଣରେ ତତ୍କାଳ କ୍ଷୟକ୍ଷତିରେ କୌଣସି ରିପୋର୍ଟ ମିଳିନାହିଁ, ହେଲେ ଇରାନର ସେନା ଶିବିର ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ଏହି ହମଲାକୁ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ମଧ୍ୟ ସ୍ପଷ୍ଟ କରିଛି। ଆଇଡିଏଫ୍‌ର ସୂଚନା ମୁତାବକ, ଇରାନର ସାମରିକ ବେସ୍ ସମେତ ତେହେରାନ ଏବଂ ଏହାର ଆଖପାଖ ସହରଗୁଡିକ ଉପରେ ବୋମା ମାଡ଼ କରାଯାଇଛି। ଇସ୍ରାଏଲର ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଇସ୍ରାଏଲ ସେନା ୧୦୦ ରୁ ଅଧିକ ଯୁଦ୍ଧ ବିମାନ ବ୍ୟବହାର କରି ଇରାନ ଉପରେ ଆକ୍ରମଣ କରିଥିଲା। ଏଫ୍-୩୫ ଫଇଟର ଜେଟ୍ ଦ୍ୱାରା ୨ହଜାର କିଲୋମିଟର ଦୂର ଟାର୍ଗେଟକୁ ହିଟ୍ କରାଯାଇଥିଲା। ଜଣେ ଆମେରିକା ଅଧିକାରୀ ନ୍ୟୁଜ୍ ଏଜେନ୍ସି ରୟଟର୍ସକୁ ସୂଚନା ଦେଇ କହିଛନ୍ତି, ଇରାନ ଉପରେ ଆକ୍ରମଣ ହେବା ପୂର୍ବରୁ ଆମେରିକା ଗୁଇନ୍ଦା ସଂସ୍ଥାକୁ ଏନେଇ ସୂଚନା ମିଳିଥିଲା । ମାତ୍ର ଏହି ଅପରେସନରେ ଆମେରିକା ସେନା ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ସାମିଲ୍ ହୋଇନାହିଁ। ଇସ୍ରାଏଲ୍ ଆକ୍ରମଣ ଉପରେ ଆମେରିକାର ହ୍ୱାଇଟ୍ ହାଉସ୍ କହିଛି ଯେ ଇସ୍ରାଏଲ ଆତ୍ମରକ୍ଷା ପାଇଁ ଇରାନରେ ଉପରେ ଏହି ଟାର୍ଗେଟ କରିଛି। ଚଳିତ ମାସ ଆରମ୍ଭରେ ତେହେରାନ ଇସ୍ରାଏଲଏ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହାର ଜବାବରେ ଇସ୍ରାଏଲ ଏହି ଆକ୍ରମଣ କରିଛି। ଇରାନ୍ ଗଣମାଧ୍ୟମ କହିଛି ଯେ, ଏହି ଆକ୍ରମଣ କୌଣସି ତୈଳ ଡିପୋ କିମ୍ବା ପରମାଣୁ ଅସ୍ତ୍ର ଠିକଣା ଉପରେ ହୋଇନାହିଁ। କେବଳ ସାମରିକ ବେସକୁ ଟାର୍ଗେଟ କରାଯାଇଛି। ଏୟାର ଡିଫେନ୍ସ ସିଷ୍ଟମ୍ ଅଧିକାଂଶ କ୍ଷେପଣାସ୍ତ୍ରକୁ ଆକାଶ ମାର୍ଗରୁ ଟାର୍ଗେଟ୍ କରି ତଳକୁ ଖସାଇ ଦେଇଛି। ଅକ୍ଟୋବର ୧ରେ ଇରାନ ଇସ୍ରାଏଲ ଉପରେ ପ୍ରାୟ ୧୮୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ପରେ ଇସ୍ରାଏଲ ପକ୍ଷରୁ କୁହାଯାଇଥିଲା ଯେ ଇରାନକୁ ଏହି ଆକ୍ରମଣର ମୂଲ୍ୟ ଦେବାକୁ ପଡ଼ିବ। ବର୍ତ୍ତମାନ ଇସ୍ରାଏଲ ପକ୍ଷରୁ ପ୍ରତିଶୋଧ ପରାୟଣ ପଦକ୍ଷେପ ନିଆଯାଇଛି।

# କ୍ୱାଲିଟି ଟେଷ୍ଟରେ ଫେଲ୍ ମାରିଲା ୪୯ ଔଷଧ



**ନୂଆଦିଲ୍ଲୀ, ୨୬।୧୦:** ଭିଟାମିନ୍ ଡି୩ ଖାଉଥିଲେ ସାବଧାନ। କ୍ୱାଲିଟି ଟେଷ୍ଟରେ ଫେଲ୍ ମାରିଛି ଏହି ମେଡିସିନ୍। କେବଳ ଭିଟାମିନ୍ ଡି୩ ନୁହେଁ କ୍ୟାଲସିୟମ ୫୦୦, କଫ୍‌ସିରପ, ମଲ୍ଟିଭିଟାମିନ୍, ଆଣ୍ଟି ଆଲର୍ଜି ସମେତ ୪୯ଟି ଔଷଧ କ୍ୱାଲିଟି ଟେଷ୍ଟରେ ବିଫଳ ହୋଇଛି। କେନ୍ଦ୍ରୀୟ ଔଷଧ ନିୟାମକ ପ୍ରାଧିକରଣ ବିଭିନ୍ନ ଔଷଧର ଗୁଣବତ୍ତା ନେଇ ସେପ୍ଟେମ୍ବର ମାସର ଜାରି କରିଥିବା ରିପୋର୍ଟରୁ ଏହା ସାମ୍ନାକୁ ଆସିଛି।

ସବୁଠୁ ଚିନ୍ତାର ବିଷୟ ଯେ, ସାଧାରଣତଃ ଡାକ୍ତରମାନେ ଯେଉଁ ସବୁ ମେଡିସିନକୁ ସମାନ୍ୟ ରୋଗୀ ପାଇଁ ଲେଖିଥାନ୍ତି ସେହି ସବୁ ଔଷଧ ମଧ୍ୟ ସିଡିଏସ୍‌ସିଓ ଗୁଣବତ୍ତା ପରୀକ୍ଷାରେ ଫେଲ୍ ମାରିଛି। ଏଥିସହିତ ପାରାସିଟାମୋଲ କ୍ରମାଗତ ଦ୍ୱିତୀୟ ମାସର କ୍ୱାଲିଟି ଟେଷ୍ଟରେ ମଧ୍ୟ ପାସ୍ କରିପାରି ନାହିଁ।

ସିଡିଏସ୍‌ସିଓ ଜାରି କରିଥିବା ସେପ୍ଟେମ୍ବରର ତାଲିକାରେ ଓମାରିନ୍ ଡି କ୍ୟାପସୁଲ୍, ନିମୁସୁଲାଇଡ୍ + ପାରାସିଟାମଲ୍, କ୍ୟାଲସିୟମ୍ ୫୦୦ ଭିଟାମିନ୍ ଡି୩, ପାଣ୍ଟୋପ୍ରାଜୋଲ୍, ପାରାସିଟାମୋଲ୍ ପେଡିଆଟ୍ରିକ୍ ଓରାଲ୍ ସସପେନ୍ସନ୍, ଏସିକ୍ଲୋଫେନାକ୍, ସେଟ୍ରିଜିନ୍ ସିରପ୍ ଇତ୍ୟାଦି ଔଷଧ ସାମିଲ ଅଛି। ଲୋକମାନେ ସାଧାରଣତ ଗ୍ୟାଷ୍ଟ୍ରିକ୍, ଜ୍ୱର, କାଶ ଏବଂ ଯନ୍ତ୍ରଣାରୁ ମୁକ୍ତି ପାଇଁ ଏହି ଓଷଧ ବ୍ୟବହାର କରନ୍ତି। ଏହି ତାଲିକାରେ ସମୁଦାୟ ୪୯ଟି ଔଷଧ ଅଛି ଯାହା ଗୁଣାତ୍ମକ ଯାଞ୍ଚରେ ବିଫଳ ହୋଇଛି।

ଗୁଣାତ୍ମକ ଅଭାବ’ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଔଷଧ ଭିତରେ ଆଲ୍କେମ୍ ହେଲଥ୍ ସାଇନ୍ସ, ଆରିଷ୍ଟୋ ଫାର୍ମାସ୍ୟୁଟିକାଲ୍ସ, କାମିଲା ଫାର୍ମାସ୍ୟୁଟିକାଲ୍ସ, ଇନୋଭା କ୍ୟାପଟେନ, ହିନ୍ଦୁସ୍ତାନ ଆଣ୍ଟିବାୟୋଟିକ୍ସ ଏବଂ ଇପ୍‌କା ଲାବୋରେଟୋରୀ ପରି କମ୍ପାନୀର ଔଷଧ ରହିଛି।

ରିପୋର୍ଟ ଅନୁଯାୟୀ, ୪ଟି ନକଲି ମେଡିସିନ୍ ମଧ୍ୟ ଧରାପଡିଛି। ଏହି ମେଡିସିନ୍‌ଗୁଡିକୁ ଅନ୍ୟ ଏକ କମ୍ପାନୀ ଦ୍ୱାରା ଏକ ବଡ଼ କମ୍ପାନୀ ନାମରେ ପ୍ରସ୍ତୁତ କରାଯାଇ ବଜାରକୁ ପଠାଯାଇଥିଲା। ଏହି ଔଷଧଗୁଡ଼ିକରେ ଡୁଟାଷ୍ଟେରାଇଡ୍ / ଟାମସୁଲୋସିନ୍, କ୍ୟାଲସିୟମ୍ ୫୦୦, ଭିଟାମିନ୍ ଡି୩, ପ୍ୟାଣ୍ଟୋପ୍ରାଜୋଲ୍ ଏବଂ ନଡ୍ରୋଲୋନ୍ ସାମିଲ ଅଛି।

ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ ରାଜୀବ ସିଂହ ରଘୁବଂଶୀ କହିଛନ୍ତି ଯେ, ‘ସ୍ୱଳ୍ପ ପ୍ରଭାବଶାଳୀ ଔଷଧର ପ୍ରତିଶତ କମ୍ କରିବା ପାଇଁ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯାଏ। ସିଡିଏସ୍‌ସିଓ ଦ୍ୱାରା ଔଷଧ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ମନିଟରିଂ ଦ୍ୱାରା ଏହି ସବୁ ନକଲି ଔଷଧର ପ୍ରଭାବ ବଜାରରୁ ହ୍ରାସ ପାଇଥାଏ।

କହିରଖୁ ଯେ, କେନ୍ଦ୍ରୀୟ ଡ୍ରଗ୍ ମାନକ ରକ୍ଷଣାବେକ୍ଷଣ ସଂଗଠନ ପ୍ରତ୍ୟେକ ମାସ ବଜାରରୁ ଔଷଧର ନମୁନା ସଂଗ୍ରହ କରି ବିଭିନ୍ନ ପାରାମିଟରରେ ପରୀକ୍ଷା କରିଥାଏ। ଯାହା ପରେ ପ୍ରତି ମାସରେ ଗୁଣାତ୍ମକ ପରୀକ୍ଷା ରିପୋର୍ଟ ପ୍ରକାଶ ପାଏ। ଅଗଷ୍ଟ ମାସରେ ୫୩ଟି ମେଡିସିନ୍ କ୍ୱାଲିଟି ଟେଷ୍ଟରେ ଫେଲ୍ ମାରିଥିଲା ।

## ସାମାନ୍ୟ କମିଛି ପ୍ରଦୂଷଣ, ବିଷାକ୍ତ ହେଉଛି ଯମୁନା

**ନୂଆଦିଲ୍ଲୀ, ୨୬।୧୦:** ଦୀପାବଳି ପୂର୍ବରୁ ସାମାନ୍ୟ ସୁଧୁରିଛି ଦିଲ୍ଲୀ ବାୟୁର ମାନ। ଅଳ୍ପ କମିଛି ପ୍ରଦୂଷଣ। ୪ ଦିନ ପରେ ୩୦୦ ତଳକୁ ଖସିଛି ଏକ୍ୟୁଆଇ। ଆଜି ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ହ୍ରାସ ପାଇ ୨୩୭ରେ ପହଞ୍ଚିଛି। ଶୁକ୍ରବାର ବାୟୁ ପ୍ରଦୂଷଣ ସ୍ତର ୨୮୩ ରେକର୍ଡ କରାଯାଇଥିଲା। କିଛି ଦିନ ହେବ ଦିଲ୍ଲୀରେ ଅତ୍ୟନ୍ତ ଖରାପ ବାୟୁ ମାନ ପାଇଁ ଲୋକେ ମର୍ଣ୍ଣିଂ ଓ୍ୱାକ୍ ବନ୍ଦ କରିଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଅହରହ କାମ କରୁଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ନିମନ୍ତେ ସରକାର ଏକ ୱିଣ୍ଟର ଆକ୍ସନ୍ ପ୍ଲାନ୍ ଆରମ୍ଭ କରିଥିବା କହିଛନ୍ତି ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ। ଦିଲ୍ଲୀରେ ପ୍ରଦୂଷଣ ବଢ଼ୁଥିବା ନେଇ ଦିଲ୍ଲୀ ଉପରାଜ୍ୟପାଳ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଏକ ଚିଠି ଲେଖି ନଭେମ୍ବର ୧ରୁ ଫେବ୍ରୁଆରି ଶେଷ ପର୍ଯ୍ୟନ୍ତ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟିୟର ମୁତୟନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ଦିଲ୍ଲୀରେ ପ୍ରଦୂଷଣ ବଢ଼ିବା ସହ ଯମୁନା ନଦୀ ପାଣି ବିଷାକ୍ତ ହେବାରେ ଲାଗିଛି। ଦିନକୁ ଦିନ ଅତ୍ୟନ୍ତ ଦୂଷିତ ହେବାରେ ଲାଗିଛି ନଦୀ ପାଣି। ଏବେ ଯମୁନା ନଦୀର ପାଣିରେ ପ୍ରବଳ ବିଷାକ୍ତ ଫେଣ ଦେଖିବାକୁ ମିଳିଛି। ଯମୁନା ନଦୀର ଦୃଶ୍ୟ ଏବେ ବରଫାଚ୍ଛନ୍ନ ଜାଗାର ଭ୍ରମ ସୃଷ୍ଟି କରୁଛି। ଦିଲ୍ଲୀର କାଳିନ୍ଦୀ କୁଞ୍ଜରେ ବର୍ଜ୍ୟବସ୍ତୁଗୁଡ଼ିକ ପାଣିକୁ ବିଷାକ୍ତମୟ କରିଦେଇଛି। ରତି ବର୍ଷ ଭଳି ଏଥର ମଧ୍ୟ ସ୍ଥାନେ ସ୍ଥାନେ ଫେଣର ମୋଟା ପରସ୍ତ ଦେଖାଯାଉଛି। ଯମୁନାରେ ପ୍ରଦୂଷଣ ସ୍ତର ଅତି ବିପଜ୍ଜନକ ସ୍ଥିତିରେ ପହଞ୍ଚି ଯାଇଛି। କାଳିନ୍ଦୀ କୁଞ୍ଜ ଘାଟରେ ପାଣି ଉପରେ ଏକ ମୋଟା ପରସ୍ତର ଫେଣ ଜମିଥିବା ଦେଖିବାକୁ ମିଳିଛି। ଯମୁନାରେ ପଡୁଥିବା ସ୍ୱେରେଜ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟର ବର୍ଜ୍ୟବସ୍ତୁରୁ ଏହା ସୃଷ୍ଟି ହୋଇଥିବା କୁହାଯାଉଛି। ଛଟ୍ ପୂର୍ବରୁ ଯମୁନା ନଦୀର ଏଭଳି ଅବସ୍ଥା ଦେଖି ଦିଲ୍ଲୀବାସୀ ଚିନ୍ତିତ ହୋଇପଡିଛନ୍ତି।

# ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲ୍ୟାଣ୍ଡ

## ୧୨ ବର୍ଷ ପରେ ହାରିଲା ଟିମ ଇଣ୍ଡିଆ




**ନୂଆଦିଲ୍ଲୀ,୨୬।୧୦:** ନିଜ ଗଡ଼ରେ ମାଟି କାମୁଡ଼ିଛି ଟିମ ଇଣ୍ଡିଆ। ଦୀର୍ଘ ୧୨ ବର୍ଷ ହେଲା ଲାଗି ରହିଥିବା ବିଜୟ ଧାରାରେ ଲାଗିଛି ବ୍ରେକ। ଘରୋଇ ମାଟିରେ କ୍ରମାଗତ ୧୮ଟି ଟେଷ୍ଟ ସିରିଜ ବିଜୟ ପରେ ଟିମ ଇଣ୍ଡିଆକୁ ଧୂଳି ଚଟାଇଛି ନ୍ୟୁଜିଲ୍ୟାଣ୍ଡ।

୧୯୫୫ରୁ ଭାରତ ମାଟିରେ ନ୍ୟୁଜିଲ୍ୟାଣ୍ଡ ଟେଷ୍ଟ ସିରିଜ ଜିତିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ସେଇଟା ଏବେ ପୁଣେରେ ପୂରଣ ହୋଇଛି। ପୁଣେ ଟେଷ୍ଟକୁ କ୍ୱିୱି ଟିମ ୧୧୩ ରନରେ ଜିତି ଭାରତ ମାଟିରେ ପ୍ରଥମ ଥର ପାଇଁ ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇଛି।

ଭାରତୀୟ ଟିମ ୨୦୧୨ ଠାରୁ କ୍ରମାଗତ ଭାବେ ଘରୋଇ ମାଟିରେ ଟେଷ୍ଟ ସିରିଜ ଜିତି ଆସୁଥିଲା। ଦଳ ଶେଷ ଥର ପାଇଁ ୧-୨ରେ ଇଂଲଣ୍ଡ ଠାରୁ ଘରୋଇ ପରିବେଶରେ କୌଣସି ଟେଷ୍ଟ ସିରିଜ ହାରିଥିଲା। ହେଲେ ଏବେ ୧୨ ବର୍ଷ ପରେ ଇତିହାସ ବଦଳିଛି। ଭାରତ ୪୩୩୧ ଦିନ ପରେ ନିଜ ମାଟିରେ ଟେଷ୍ଟ ସିରିଜ ହାରିବାର ଲଜ୍ଜା ମୁଣ୍ଡାଇଛି। ନ୍ୟୁଜିଲ୍ୟାଣ୍ଡ ନିଜ ସ୍ପିନ ଯାଦୁ ବଳରେ ଭାରତକୁ ମାତ ଦେଇଛି। ୨୦୨୧ରେ ନ୍ୟୁଜିଲ୍ୟାଣ୍ଡ ୦-୧ରେ ଭାରତ ଠାରୁ ହାରି ସ୍ୱଦେଶ ଫେରିଥିଲା। ଏବେ ଦଳ କିନ୍ତୁ ସମସ୍ତଙ୍କୁ ଚକିତ କରି ପ୍ରଥମେ ବେଙ୍ଗାଲୁରୁ ଓ ଆଜି ପୁଣେ ଟେଷ୍ଟରେ ବିଜୟ ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତକୁ ଆସିବା ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ୦-୨ରେ ଶ୍ରୀଲଙ୍କା ଠାରୁ ହାରିଥିଲା। ଦଳ ବାଉନ୍ସ ବ୍ୟାକ କରି ଭାରତ ଭଳି ଗୋଟିଏ ଶକ୍ତିଶାଳୀ ଦଳକୁ ଘରୋଇ ମାଟିରେ ମାତ ଦେଇଛି।

ଦଳର ଷ୍ଟାର ଅଲରାଉଣ୍ଡର ମିଚେଲ ସାଣ୍ଟନର ପୁଣେ ଟେଷ୍ଟରେ କମାଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୭ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହାପୂର୍ବରୁ ସେ କେବେ ବି ଟେଷ୍ଟରେ ୫ ଫର ଦଖଲ କରି ନେଇଥିଲେ। ଭାରତ ବିପକ୍ଷରେ ସେ ଜବରଦସ୍ତ ପ୍ରଦର୍ଶନ କରିବାରୁ ନ୍ୟୁଜିଲ୍ୟାଣ୍ଡ ମଧ୍ୟ ଐତିହାସିକ ବିଜୟ ହାସଲ କରିଛି।

ପୁଣେର ଟର୍ଣ୍ଣିଂ ଟ୍ରାକ୍‌ରେ ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ଟମ ଲାଥମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତ ପକ୍ଷରୁ ୧୩୨୫ ଦିନ ପରେ ଖେଳୁଥିବା ୱାଶିଂଟନ ସୁନ୍ଦର ୭ ୱିକେଟ ଦଖଲ କରିବାରୁ ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ ୨୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଭାରତୀୟ ଟିମ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା।

ପ୍ରଥମ ଇନିଂସରେ ୧୦୩ ରନର ଲିଡ ପାଇଥିବା ନ୍ୟୁଜିଲ୍ୟାଣ୍ଡ ଟମ ଲାଥମଙ୍କ ୮୬ ରନ ବଳରେ ଦ୍ୱିତୀୟ ଇନିଂସରେ ୨୫୫ ରନ କରିଥିଲା। ଫଳରେ ମ୍ୟାଚ୍ ସହ ସିରିଜ ବଞ୍ଚାଇବାକୁ ଭାରତକୁ ୩୫୯ ରନର ଟାର୍ଗେଟ ମିଳିଥିଲା। ତୃତୀୟ ଦିନର ଲଞ୍ଚ ପୂର୍ବରୁ ଏହି ଟାର୍ଗେଟକୁ ପିଛା କରୁଥିବା ଭାରତକୁ ଯଶସ୍ୱୀ ଜୈସ୍ୱାଲ ଦମଦାର ଆରମ୍ଭ ଦେଇଥିଲେ।

ସେ ଏକାକୀ ୭୭ ରନ କରିଥିଲେ ହେଁ ତାଙ୍କୁ ମଧ୍ୟକ୍ରମରେ କେହି ବି ସାଥ ଦେଇ ନଥିଲେ। ରୋହିତ ଶର୍ମା ୮, ଶୁବମନ ଗିଲ ୨୩, ବିରାଟ କୋହଲି ୧୭, ଋଷଭ ପନ୍ତ ୦, ୱାଶିଂଟନ ସୁନ୍ଦର ୨୧, ସର୍ଫରାଜ ଖାନ ୯ ସମସ୍ତଙ୍କୁ ନିରାଶ କରିଥିଲେ। ଶେଷ ଭାଗରେ ରବୀନ୍ଦ୍ର ଜାଡେଜା କିଛି ସମୟ ଲଢ଼େଇ କରିବାରୁ ଭାରତ ୨୪୦ ରନ ପାର କରିବାକୁ ସକ୍ଷମ ହୋଇଥିଲା।

ତାଙ୍କୁ କିଛି ସମୟ ପାଇଁ ରବି ଅଶ୍ୱିନ(୧୭) ଓ ଆକାଶ ଦୀପ(୨୪ ବଲରେ ୧) ସାଥ ଦେଇଥିଲେ। ହେଲେ ଭାରତ ୨୨୯ ରନରେ ତା'ର ୯ମ ୱିକେଟ ହରାଇଥିଲା। ଶେଷ ବ୍ୟାଟର ଭାବେ ଯଶପ୍ରୀତ ବୁମ୍ରାଙ୍କୁ ସାଥୀ କରି ଜାଡେଜା କିଛି ରନ ହାସଲ କରିବାକୁ ଚେଷ୍ଟା କରିଥିଲେ। ହେଲେ ଦଳୀୟ ସ୍କୋର ୨୪୫ ଥିବା ବେଳେ ସେ ବଡ଼ ଶଟ ଖେଳିବାକୁ ଯାଇ ୪୨ ରନରେ ଏଜାଜ ପଟେଲଙ୍କ ବଲରେ ଆଉଟ ହୋଇଥିଲେ।

ଭାରତ ୨୪୫ ରନରେ ଅଲଆଉଟ ହେବାକୁ ନ୍ୟୁଜିଲ୍ୟାଣ୍ଡ ୧୧୩ ରନରେ ମ୍ୟାଚ୍‌କୁ ଜିତି ଐତିହାସିକ ଟେଷ୍ଟ ସିରିଜ କବଜା କରିଛି।

# ଝାଡ଼ଖଣ୍ଡ ନିର୍ବାଚନରେ ଧୋନିଙ୍କୁ ବଡ଼ ଦାୟିତ୍ୱ




**ନୂଆଦିଲ୍ଲୀ,୨୬।୧୦:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ଚଳିତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମିଳିଛି ବଡ଼ ଦାୟିତ୍ୱ। ଧୋନିଙ୍କୁ ଏହି ନିର୍ବାଚନ ପାଇଁ ରାଜ୍ୟର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି। ମତଦାନ ପାଇଁ ଲୋକଙ୍କୁ ସଚେତନ କରାଇବା ନେଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକ୍ରମର ଅଂଶ ହେବେ ମାହି।

ଝାଡ଼ଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ କେ.ରବି କୁମାର ଏନେଇ ସୂଚନା ଦେଇ କହିଛନ୍ତି, ଲୋକପ୍ରିୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ସଚେତନତା ଅଭିଯାନର ଅଂଶ ହେବେ। ନିର୍ବାଚନ ଆୟୋଗଙ୍କ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଧୋନିଙ୍କ ଫଟୋ ମଧ୍ୟ ବ୍ୟବହାର କରାଯିବ। ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କୁ ମତଦାନ ସାବ୍ୟସ୍ତ କରିବାକୁ ଉତ୍ସାହିତ କରିବା ପାଇଁ ତାଙ୍କର ଯୋଗଦାନ ବେଶ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି।

ଝାଡ଼ଖଣ୍ଡରେ ଚଳିତ ଥର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ୪୩ଟି ଆସନ ପାଇଁ ନଭେମ୍ବର ୧୩ରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ଆସନ ପାଇଁ ନଭେମ୍ବର ୨୦ରେ ହେବ ମତଦାନ। ନଭେମ୍ବର ୨୩ରେ ଆସିବ ଫଳାଫଳ।

# ବାଦ୍ ପଡ଼ିଲେ ଶାମି




**ନୂଆଦିଲ୍ଲୀ,୨୬।୧୦:** କ୍ରିକେଟ ବୋର୍ଡ ଅଫ ଇଣ୍ଡିଆ (ବିସିସିଆଇ) ବର୍ଡର-ଗାଭାସ୍କର ଟ୍ରଫି ପାଇଁ ୧୮ ଜଣିଆ ଟିମ ଇଣ୍ଡିଆ ଘୋଷଣା କରିଛି। ଅଷ୍ଟ୍ରେଲିଆ ଗସ୍ତରେ ଖେଳାଯାଇଥିବା ଏହି ସିରିଜ ପାଇଁ ଦ୍ରୁତ ବୋଲର ମହମ୍ମଦ ଶାମି ଟିମ ଇଣ୍ଡିଆରେ ସ୍ଥାନ ହରାଇଲେ। ଏବେ ପ୍ରଶ୍ନ ଉଙ୍କି ମାରୁଛି ଯେ, ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପାଞ୍ଚ ମ୍ୟାଚ ଟେଷ୍ଟ ସିରିଜରେ ଶାମି କାହିଁକି ସ୍ଥାନ ପାଇନାହାଁନ୍ତି?

ଆଜିକାଲି ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ଏହି ସିରିଜ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଶାମିଙ୍କ ଆଘାତ ସମ୍ପର୍କରେ ଏକ ଅପଡେଟ୍ ପ୍ରଦାନ କରି କହିଥିଲେ, ଗୋଇଠିରେ ଆଘାତ ଲାଗିଥିବା ଶାମିଙ୍କ ଆଣ୍ଠୁରେ ଫୁଲିଯାଇଥିଲା। ଏଥିପାଇଁ ସେ ଟିମ ଇଣ୍ଡିଆର ଅଂଶ ହୋଇପାରି ନ ଥିଲେ।

ଅନୁମାନ କରାଯାଉଛି ଯେ, ଆଣ୍ଠୁ ଫୁଲା ହେତୁ ଶାମି ବର୍ଡର-ଗାଭାସ୍କର ଟ୍ରଫିରେ ସ୍ଥାନ ପାଇପାରି ନ ଥିଲେ। ତେବେ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଏହି ସିରିଜ ପାଇଁ ଶାମିଙ୍କୁ ଟିମ ଇଣ୍ଡିଆରେ କାହିଁକି ଅନ୍ତର୍ଭୁକ୍ତ କରାଯାଇ ନାହିଁ। ସେ ସମ୍ପର୍କରେ ବିସିସିଆଇ ପକ୍ଷରୁ କୌଣସି ସୂଚନା ଶେୟାର କରାଯାଇ ନାହିଁ।ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଗତି ଆକ୍ରମଣରେ ଜସପ୍ରୀତ ବୁମରା ଏବଂ ମହମ୍ମଦ ସିରାଜଙ୍କୁ ସାମିଲ କରାଯାଇଛି। ଏହା ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ଫେରିଛନ୍ତି। କ୍ରମାଗତ ଭାବରେ ଭଲ ପ୍ରଦର୍ଶନ କରୁଥିବା ଆକାଶ ଦୀପଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ହର୍ଷିତ ରାଣା ପ୍ରଥମ ଥର ପାଇଁ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ପେସ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ମଧ୍ୟ ପ୍ରଥମ ଥର ପାଇଁ ଟେଷ୍ଟ ଦଳର ଏକ ଅଂଶ କରାଯାଇଛି। ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଭାରତୀୟ ଦଳ ରୋହିତ ଶର୍ମା (ଅଧିନାୟକ), ଜସପ୍ରୀତ ବୁମରା (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଅଭିମନ୍ୟୁ ଇଶ୍ୱରନ୍, ଶୁଭମନ ଗିଲ, ବିରାଟ କୋହଲି, କେ.ଏଲ ରାହୁଲ, ରିଷଭ ପନ୍ତ (ଉଇକେଟ କିପର), ସରଫରାଜ ଖାନ, ଧ୍ରୁଭ ଜୁରେଲ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ, ଆକାଶ ଦୀପ, ପ୍ରସାଦ କ୍ରିଷ୍ଣ, ହର୍ଷିତ ରାଣା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର।

# ପରିବର୍ତ୍ତନ ପରେ ସିରିଜ୍ ବିଜୟ ପାକିସ୍ତାନର




**ନୂଆଦିଲ୍ଲୀ,୨୬।୧୦:** ପାକିସ୍ତାନ କ୍ରିକେଟ ଟିମର ଅପେକ୍ଷାରେ ଲାଗିଛି ବିରାମ। ୨୦୨୧ରୁ ଦଳ ଘରୋଇ ମାଟିରେ ଟେଷ୍ଟ ସିରିଜ ଜିତିବା ପାଇଁ ଯେଉଁ ସଂଘର୍ଷ କରୁଥିଲା, ସେଥିରେ ସଫଳତା ମିଳିଛି। ଘରୋଇ ମାଟିରେ ପାକିସ୍ତାନ ୦-୧ ପଛରେ ଥାଇ ମଧ୍ୟ ୨-୧ରେ ଇଂଲଣ୍ଡ ବିପକ୍ଷ ସିରିଜ ଜିତିବାକୁ ସକ୍ଷମ ହୋଇଛି। ରାୱଲପିଣ୍ଡି ଟେଷ୍ଟକୁ ପାକିସ୍ତାନ ୯ ୱିକେଟରେ କବଜା କରି ଏପରି ସଫଳତା ପାଇଛି। ଦଳ ୨୦୨୧ରୁ ଘରୋଇ ମାଟିରେ କୌଣସି ପ୍ରକାରର ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇ ନଥିଲା। ମୁଲତାନ ଟେଷ୍ଟ ଓ ରାୱଲପିଣ୍ଡି ଟେଷ୍ଟର ପ୍ରଥମ ଇନିଂସ ଭଳି ପାକିସ୍ତାନର ଦୁଇ ସ୍ପିନର ନୋମାନ ଅଲୀ ଓ ସାଜିଦ ଖାନ ଦ୍ୱିତୀୟ ଇନିଂସରେ ସମସ୍ତ ୧୦ ୱିକେଟ ଦଖଲ କରିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ମାତ୍ର ୨୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଏହି ଇନିଂସରେ ନୋମାନ ୩ଟି ଓ ସାଜିଦ ୬ଟି ୱିକେଟ ନେଇଥିଲେ। ଅନ୍ୟତମ ସ୍ପିନର ଜାହିଦ ମହମ୍ମୁଦଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଥିଲା। ଏହାର ଜବାବରେ ପାକିସ୍ତାନ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ସୌଦ ସକିଲଙ୍କ ୧୩୪, ନୋମାନ ଅଲୀଙ୍କ ୪୫ ଓ ସାଜିଦ ଖାନଙ୍କ ୪୮ ରନ ବଳରେ ପାକିସ୍ତାନ ପ୍ରଥମ ଇନିଂସରେ ୩୪୪ ରନ କରି ନେଇଥିଲା। ଏଥିସହ ଦଳକୁ ଗୁରୁତ୍ୱପୂର୍ଣ୍ଣ ୭୭ ରନର ଲିଡ୍ ମିଳିଥିଲା। ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନ ହିଁ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା।

## ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପ୍ ଫାଇନାଲ

# ପରାଜୟ ପରେ ଭାରତର ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ,୨୬।୧୦:** ପୁଣେରେ ଭାରତୀୟ ଟିମ ଅପ୍ରତ୍ୟାଶିତ ଢଙ୍ଗରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୧୧୩ ରନରେ ପରାସ୍ତ ହୋଇଛି। ୨୦୧୨ ପରେ ଦଳ ଘରୋଇ ମାଟିରେ କୌଣସି ଟେଷ୍ଟ ସିରିଜ ହାରିଥିବା ବେଳେ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପ



ଫାଇନାଲ ପ୍ରବେଶ ମଧ୍ୟ ବିପଦ ମଧ୍ୟକୁ ଠେଲି ହୋଇ ଯାଇଛି। ଭାରତ ପ୍ରଥମଥର ପାଇଁ ନ୍ୟୁଜିଲ୍ୟାଣ୍ଡ ଠାରୁ ଘରୋଇ ମାଟିରେ କ୍ରମାଗତ ଟେଷ୍ଟ ହାରିଛି। ସେହିପରି ଅଷ୍ଟ୍ରେଲିଆ(୨୦୦୪) ଓ ଇଂଲଣ୍ଡ (୨୦୧୨) ପରେ ନ୍ୟୁଜିଲ୍ୟାଣ୍ଡ ତୃତୀୟ ଦେଶ ଭାବେ ଏକବିଂଶ ଶତାବ୍ଦୀରେ ଭାରତକୁ ତା' ମାଟିରେ ସିରିଜ ହରାଇବାକୁ ସକ୍ଷମ ହୋଇଛି।

ସିରିଜ ହାରିବା ଯୋଗୁ ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପର ପଏଣ୍ଟ ଟେବୁଲରେ ଭାରତର ବିଜୟ ପ୍ରତିଶତ ପଏଣ୍ଟ ହ୍ରାସ ହୋଇଛି। ସିରିଜ ପୂର୍ବରୁ ଭାରତ ୬୮.୦୬ ବିଜୟ ପ୍ରତିଶତ ସହ ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ଥିଲା। ଏବେ ବି ଦଳ ୧ନଂ ସ୍ଥାନରେ ଅଛି ସତ, କିନ୍ତୁ ଦଳର ବିଜୟ ପ୍ରତିଶତ ୬୨.୮୨କୁ ଖସି ଯାଇଛି। ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୬୨.୫ ବିଜୟ ପ୍ରତିଶତ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପ ଫାଇନାଲ ପୂର୍ବରୁ ଭାରତ ପାଖରେ ଆଉ ୬ଟି ଟେଷ୍ଟ ମ୍ୟାଚ୍ ରହିଛି। ନଭେମ୍ବର ୧ରେ ଦଳ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦଳ ଶେଷ ଟେଷ୍ଟ ଖେଳିବ। ଏହାପରେ ନଭେମ୍ବର ୨୨ରୁ ଗୁରୁତ୍ୱପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଭାରତ ଏଣିକି ସବୁ ମ୍ୟାଚ୍ ଜିତିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନଚେତ କ୍ରମାଗତ ତୃତୀୟଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନ୍ସିପ ଟ୍ରଫି ଫାଇନାଲ ଖେଳିବାକୁ ଭାରତ ଦେଖିଥିବା ସ୍ୱପ୍ନ ଅଧା ରହିଯିବ।

ଅଷ୍ଟ୍ରେଲିଆ ସହ ସମ୍ଭବତଃ ଶ୍ରୀଲଙ୍କା ଫାଇନାଲ ଖେଳିବ। କାରଣ ଶ୍ରୀଲଙ୍କା ତା' ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟି ଟେଷ୍ଟ ଖେଳିବାର ଅଛି। ଯଦି ଘରୋଇ ମାଟିରେ ଦଳ ଅଷ୍ଟ୍ରେଲିଆକୁ ମାତ ଦେଇ ଦେବ ଓ ଭାରତ ବର୍ଡର-ଗାଭାସ୍କର ଟ୍ରଫିକୁ ୩-୦ରେ ହାରିଯିବ, ତା'ହେଲେ ଶ୍ରୀଲଙ୍କାର ଫାଇନାଲ ଖେଳିବା ସମ୍ଭାବନା ବଢ଼ିଯିବ। ଶ୍ରୀଲଙ୍କା ଏବେ ୫୫.୫୬ ବିଜୟ ପ୍ରତିଶତ ସହ ପଏଣ୍ଟ ଟେବୁଲର ତୃତୀୟ, ୫୦% ବିଜୟ ପ୍ରତିଶତ ସହ ନ୍ୟୁଜିଲ୍ୟାଣ୍ଡ ୪ର୍ଥ ଓ ୪୭.୬୨ ପ୍ରତିଶତ ବିଜୟ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ୫ମ ସ୍ଥାନରେ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିର୍ଭୟରେ ...

ପ୍ରଭାବିତ ୯୫ ପ୍ରତିଶତ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଅଛି। ପ୍ରାୟ ୧୫ ହଜାର ଉପଭୋକ୍ତା ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ଅଛନ୍ତି। ସେମାନଙ୍କୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ବର୍ତ୍ତମାନ ମଧ୍ୟ କାମ ଜାରି ରହିଛି। ଭଦ୍ରକରେ ଜଳବନ୍ଦୀ ସମସ୍ୟା ଯୋଗୁଁ ବିଦ୍ୟୁତ ସଂଯୋଗ କାମ ବିଳମ୍ବ ହେଉଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୭ ପ୍ରତିଶତ ପୁନରୁଦ୍ଧାର ହୋଇଛି । ପ୍ରାୟ ୭୦ ହଜାର ଉପଭୋକ୍ତା ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ଅଛନ୍ତି । ଅଧିକ ଟିମ୍ ନିୟୋଜିତ କରି ବର୍ତ୍ତମାନ ମଧ୍ୟ କାମ ଜାରି ରହିଛି । ଖୁବ୍ ଶୀଘ୍ର ପରିସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ସେ କହିଛନ୍ତି।

ବାଲେଶ୍ୱରର ସ୍ଥିତି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବାଲେଶ୍ୱର ଜିଲ୍ଲାରେ ଆଜି ସନ୍ଧ୍ୟା ସୁଦ୍ଧା ବାକିଥିବା ସବୁ ରାସ୍ତା ଅବରୋଧ ହଟାଯାଇଛି। ପ୍ରାୟ ୮୧ ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଅଛି । ବିଦ୍ୟୁତ ସଂଯୋଗ କାମ ଜାରି ରହିଛି।

ଶିମିଳିପାଳରେ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତରରେ ବୃଦ୍ଧି ଘଟୁଛି। ତେବେ ବର୍ତ୍ତମାନ ଶେଷ ରିପୋର୍ଟ ଅନୁଯାୟୀ ଜଳ ସ୍ତର ସ୍ଥିର ଅଛି। ବର୍ଷା ବନ୍ଦ ହୋଇଥିବାରୁ ଆହୁରି କମିବାର ସଂଭାବନା ଅଛି।

ବାଲେଶ୍ୱର ଜିଲ୍ଲାରେ ୬ ଟି ଗ୍ରାମ ପଞ୍ଚାୟତର ୨୦ ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଅଛି। ରେମୁଣା ବ୍ଲକର ୨୫୦୦ ଓ ବାଲେଶ୍ୱର ସଦର ବ୍ଲକର ୮ ହଜାର ଲୋକଙ୍କୁ ପ୍ରଶାସନ ଏପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନକୁ ଆଣିଛି । ସେଠାରେ ପ୍ରଶାସନ, ଓଡ୍ରାଫ ଓ ଅଗ୍ନିଶମ ଟିମ ସମ୍ପୂର୍ଣ୍ଣ ରୂପେ ସଜାଗ ରହିଛି ।

ମୟୂରଭଞ୍ଜର ସ୍ଥିତି ଉପରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମୟୂରଭଞ୍ଜ ଜିଲ୍ଲାରେ ବିଦ୍ୟୁତ୍ ସଂଯୋଗ ଓ ଯୋଗା ଯୋଗ ବ୍ୟବସ୍ଥା ସ୍ୱାଭାବିକ ହୋଇଛି । ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ସେଠାରେ ମଧ୍ୟ ପ୍ରଶାସନ, ଓଡ୍ରାଫ ଓ ଅଗ୍ନିଶମ ସମ୍ପୂର୍ଣ୍ଣ ରୂପେ ସଜାଗ ରହିଛି ।

ବନ୍ୟା ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାକୁ ଅତିରିକ୍ତ ୧୧ ଗୋଟି ପାଓ୍ୱାର ବୋଟ ଏବଂ ବାଲେଶ୍ୱର ଜିଲ୍ଲାକୁ ଅତିରିକ୍ତ ୧୦ଟି ପାଓ୍ୱାର ବୋଟ ପଠେଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱରର ଗୋବିନ୍ଦପୁର ସେତୁ ଠାରେ ବର୍ତ୍ତମାନ ଜଳସ୍ତର ୭.୮୪ ମିଟର ରେ ପ୍ରବାହିତ ହେଉଅଛି, ଯାହାକି ବିପଦ ସଂକେତଠାରୁ ତଳେ ଅଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ସର୍ପାଘାତରେ ୨୮ ଜଣ ବ୍ୟକ୍ତି ଆହାତ ହୋଇ ଚିକିତ୍ସିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୫ ଜଣ ପୁରୁଷ ଓ ୧୩ ଜଣ ମହିଳା ଅଟନ୍ତି ।

ଫସଲହାନୀ ଉପରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରାରମ୍ଭିକ ଆକଳନରୁ ଜଣାଯାଇଛି ଯେ ପ୍ରାୟ ୨ ଲକ୍ଷ ଏକର ଜମିରେ ଫସଲ ନଷ୍ଟ ହୋଇଛି । ପାଣି ଛାଡ଼ିଲା ପରେ ଏହାର ସଠିକ୍ ଆକଳନ କରାଯାଇ ଚାଷୀମାନଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଆପଣଙ୍କ ସେବା...

ଆବଶ୍ୟକ ସେବା ପ୍ରଦାନ କରିବା ପାଇଁ ସମସ୍ତେ ଦିନ ରାତି ଏକ କରିଦେଇଥିଲେ।ବାତ୍ୟା ପରବର୍ତ୍ତୀ ଥଇଥାନ ଏବଂ କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ, ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସରକାର ଆପଣମାନଙ୍କର (ଜନସାଧାରଣଙ୍କର), ଆପଣଙ୍କ ସେବା ଓ ସହଯୋଗ କରିବା ଆମର ନୈତିକ କର୍ତ୍ତବ୍ୟ। ଶାନ୍ତି ଶୃଙ୍ଖଳା ଓ ଧୈର୍ଯ୍ୟର ସହିତ ବାତ୍ୟାକୁ ସଫଳତାର ସହିତ ମୁକାବିଲା କରି ସରକାରଙ୍କ ନିୟମାବଳୀ ମାନି ନିଜ ଏବଂ ନିଜ ପରିବାରର ସୁରକ୍ଷା କରିଥିବାରୁ ଆପଣମାନେ ପ୍ରଶଂସାରପାତ୍ର। ଓଡ଼ିଶାବାସୀଙ୍କୁ ଆନ୍ତରିକତାର ସହିତ ଧନ୍ୟବାଦ ଜଣାଉଛି। ସରକାର ଆପଣମାନଙ୍କ ସହିତ ସବୁବେଳେ ସବୁସମୟରେ ଦୃଢ଼ ଭାବେ ଛିଡା ହୋଇଛନ୍ତି ହୋଇଥିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

### ଆଜି ବାତ୍ୟାଞ୍ଚଳ ...

ଦିଆଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ସରକାର ଓ ପ୍ରଶାସନର ତତ୍ପରତା ଯୋଗୁ ପ୍ରାୟତଃ କ୍ଷୟକ୍ଷତି ଘଟିନାହିଁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ସବୁ ଜାଗାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା ସେ ସବୁକୁ ହଟାଯାଇଛି। ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଥିବା ସ୍ଥାନଗୁଡ଼ିକରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ। ରେଳସେବା ମଧ୍ୟ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ଓ ପୁରୀରୁ ନିର୍ଦ୍ଧାରିତ ସମୟରେ ରେଳ ଚଳାଚଳ କରିବ ବୋଲି ସେ କହିଛନ୍ତି। ସେହିପରି ବିମାନ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇଛି। ଭୁବନେଶ୍ୱର ବିମାନବନ୍ଦରରେ ବିମାନ ଅବତରଣ କରିଛି। ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା' ଗୃହକୁ ସ୍ଥାନାନ୍ତରିତ ହୋଇଥିବା ଗର୍ଭବତୀଙ୍କ ମଧ୍ୟରୁ ୧୬୦୦ରୁ ଅଧିକ ମହିଳା ନବଜାତ ଶିଶୁଙ୍କୁ ସୁରକ୍ଷିତ ଭାବେ ଜନ୍ମ ଦେଇଛନ୍ତି।

ଆମ ପାଇଁ ଖୁସିର କଥା ଉଭୟ ମା' ଓ ଶିଶୁମାନେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା 'ଦାନା'ର ପ୍ରଭାବ କମି ଗଲାଣି। ଲୋକମାନେ ଆଶ୍ରୟ ସ୍ଥଳୀରୁ ନିଜ ନିଜ ଘରକୁ ଫେରିବା ଆରମ୍ଭ କଲେଣି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଶେଷ କୃପା ଓ ଆମର ଟିମ୍ ସ୍ପିରିଟ୍ ଯୋଗୁ ଆମେ ବାତ୍ୟାର ସଫଳ ମୁକାବିଲା କରିପାରିଲୁ। ମୁଖ୍ୟମନ୍ତ୍ରୀ ଏଥିପାଇଁ ଜନସାଧାରଣ, ପ୍ରଶାସନିକ ଅଧିକାରୀ, ଉଦ୍ଧାରକାରୀ ଦଳ, ଡାକ୍ତରୀ ଦଳ, ପୋଲିସ୍, ଅଗ୍ନିଶମ ବାହିନୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

### ସନ୍ୟାସୀଙ୍କ...

ସଫା ହୋଇଯିବ । ବିଜେଡି ନେତାଙ୍କ ମୁହଁରୁ ଏଭଳି ଶୁଣିବାପରେ ବି ବିଜେପି ଶିବିର ଉତ୍ସାହିତ ହେବା ସହିତ ବିଜେପିର ବରିଷ୍ଠ ନେତା ଓ ମନ୍ତ୍ରୀମାନେ ବିଜେଡି ଖୁବ୍‌ଶୀଘ୍ର ଛିନ୍‌ଛତ୍ର ହୋଇଯିବ ବୋଲି କହୁଛନ୍ତି। ବିଜେଡିର କ୍ଷତି ସହିତ ପରଦା ପଛରେ ରହି କଣ୍ଢେଇ ନାଚ କରୁଥିବା ସନ୍ୟାସୀ ଓ ତାଙ୍କ ଟିମ୍ କିନ୍ତୁ ଖୁବ୍‌ଶୀଘ୍ର ଅକଳରେ ପଡିବାକୁ ଯାଉଥିବା ସୂଚନା ମିଳୁଛି।

### ବିପନ୍ନଙ୍କୁ...

ଅଧିକାରୀଙ୍କ ବିରୋଧରେ ବି ସମାନ ଅଭିଯୋଗ ଆସିଛି। ଯାଞ୍ଚ ପରେ ଏହା ସତ ବୋଲି ପ୍ରମାଣିତ ହେଲେ ତୁରନ୍ତ ସେମାନଙ୍କ ବିରୋଧରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ବିପର୍ଯ୍ୟୟ ସମୟରେ ଯେଉଁମାନେ ବିପନ୍ନଙ୍କୁ ଅପମାନିତ କରିଛନ୍ତି, କଟୁ କଥା କହିଛନ୍ତି କାହାକୁ ଛଡ଼ାଯିବନି। ଏଥିସହ ଯେଉଁ ଅଧିକାରୀମାନେ ବିପନ୍ନଙ୍କ ରକ୍ଷାକର୍ତ୍ତା ସାଜିବା ସହ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି ସେମାନଙ୍କୁ ପୁରସ୍କୃତ କରାଯିବ। ମନ୍ତ୍ରୀ କହିଛନ୍ତି, ବାତ୍ୟା ଦାନା ଯିବା ପରେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର କାର୍ଯ୍ୟ। ବିମାନ ସେବା, ରେଳ ସେବା ସ୍ୱାଭାବିକ ହେବା ସହ ରାସ୍ତା ସଂଯୋଗ ହୋଇ ସାରିଲାଣି।

ଯାନବାହନ ଚଳାଚଳ ବି ସ୍ୱାଭାବିକ ହେଲାଣି। ବର୍ତ୍ତମାନ ସୁଦ୍ଧା ୨୨ ଲକ୍ଷ ଲୋକଙ୍କ ଘରକୁ ବିଜୁଳି ସଂଯୋଗ ଦିଆ ସରିଲାଣି।

ଗତକାଲି ବର୍ଷା ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଆଜି ସକାଳୁ ପୁଣି ଥରେ କାମ ଆରମ୍ଭ ହୋଇଛି । ତେବେ ସନ୍ଧ୍ୟା ସୁଦ୍ଧା ବିଜୁଳି ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଫଳରେ ଓଡ଼ିଶା ବାତ୍ୟା ପୂର୍ବର ଓଡ଼ିଶା ପରି ସାମାନ୍ୟ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ବାତ୍ୟାରେ ଘର ସମ୍ପୂର୍ଣ୍ଣ ହରାଇଥିବା ପରିବାର ଆଶ୍ରୟସ୍ଥଳୀରେ ରହିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଘରର ବିକଳ୍ପ ହେବା ଯାଏଁ ବାତ୍ୟା ଆଶ୍ରୟସ୍ଥଳୀରେ ସେମାନଙ୍କ ରହିବାର ବ୍ୟବସ୍ଥା କରାଯିବ । ୭ ଦିନ ମଧ୍ୟରେ ସବୁ କିଛି ସ୍ୱାଭାବିକ ହେବା ନେଇ ଆଶା ଥିବା ସେ କହିଛନ୍ତି । ମାତ୍ର ସ୍ଥିତି ଦେଖି ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହାବାଦ ସେ କହିଛନ୍ତି ବାତ୍ୟା କ୍ଷୟକ୍ଷତିଜନିତ ପ୍ରାଥମିକ ରିପୋର୍ଟ ଗତକାଲି ରାଜ୍ୟ ସରକାରଙ୍କର ହସ୍ତଗତ ହୋଇଛି। ଏହାପରେ ରାଜସ୍ୱ ବିଭାଗ, କୃଷି ବିଭାଗ, ସମବାୟ ବିଭାଗ, ଷ୍ଟାଟିଷ୍ଟିକାଲ ବିଭାଗ କର୍ମଚାରୀ ତୃଣମୂଳ ସ୍ତରକୁ ଯାଇ ସର୍ଭେ କରିବାକୁ କୁହାଯାଇଛି। ରିପୋର୍ଟରେ ସାମାନ୍ୟ ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବି ଚେତାବନୀ ଦିଆଯାଇଛି।

କେନ୍ଦ୍ର ସରକାରଙ୍କୁ ଏହି କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ। ଏହାପରେ ଏକ କେନ୍ଦ୍ରୀୟ ଟିମ୍ ସ୍ଥିତି ଅନୁଧ୍ୟାନ ନିମନ୍ତେ ଆସିବେ। ମାତ୍ର କେନ୍ଦ୍ରରୁ ସହାୟତା ଆସିବା ପୂର୍ବରୁ ରାଜ୍ୟ ସରକାର ବିପନ୍ନଙ୍କୁ ସହାୟତା ଦେବା ଆରମ୍ଭ କରିଦେବେ ବୋଲି ସେ ଘୋଷଣା କରିଛନ୍ତି।

### ଲେଖାଙ୍କ ଚଷମାରେ...

ଅସ୍ମିତାକୁ ବନ୍ଧା ପକାଇଥିବା କହିବାକୁ ପଛାଇନଥିଲେ। ଏବେ ଅମଲାରୁ ନେତା ଓ ନେତାରୁ ସନ୍ୟାସୀ ପାଲଟିଥିବା ସେହି ତାମିଲ ବାବୁଙ୍କ ଇସାରାରେ ଲେଖା ନାଚୁଛନ୍ତି । ଲେଖା ଏବେ ସେହି ନୀଳବର୍ଣ୍ଣ ଶୃଗାଳମାନଙ୍କୁ ଭୁଲିପାରୁ ନାହାନ୍ତି।

ତେବେ ବାତ୍ୟା ସମୟରେ ବିଜେପିର ମନ୍ତ୍ରୀ, ସାଂସଦ, ବିଧାୟକ ଓ କର୍ମୀମାନେ ଯେଭଳି ଲୋକଙ୍କ ନିକଟରେ ଢାଲ ସାଜି ଛିଡାହେଲେ ଓ ବାତ୍ୟା ମୁକାବିଲା ପାଇଁ ଦିନ ରାତି ଏକ କରିଦେଲେ ତାହା ଲେଖାଶ୍ରୀ କିମ୍ବା ତାଙ୍କ ଟିମ୍‌କୁ ଦିଶିଲା ନାହିଁ । ହାଣ୍ଡିଏ ଖିରିରେ ଟୋପାଏ ବିଷ ପକାଇଲା ଭଳି ବାତ୍ୟା ପବନ ଥମି ନଥିବାବେଳେ ସରକାରଙ୍କୁ ସମାଲୋଚନା କରିବାକୁ ବାହାରି ପଡିଛନ୍ତି । ନୀଳବର୍ଣ୍ଣ ଶୃଗାଳଙ୍କ ନିକଟତର ହେବା ଫଳରେ ଲେଖାଙ୍କୁ ଏବେ ଭଲ ଲୋକମାନେ ବି ନୀଳବର୍ଣ୍ଣ ଶୃଗାଳ ଭଳି ଦିଶୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ତେବେ ଗେରୁଆରୁ ସାଗୁଆ ସାଜିଥିବା ଲେଖାଶ୍ରୀ ଏହାପରେ କେଉଁ ଚଷମା ପିନ୍ଧିବେ ଓ କାହାକୁ ଗାଳିଦେବେ ତାହାକୁ ବିଜେଡିର ଅନେକ କର୍ମୀ ଚାହିଁ ରହିଛନ୍ତି । ରାଜନୀତିରେ ପଛ ପରିବର୍ତ୍ତନ ହୋଇପାରେ, ହେଲେ ବିପଦ ସମୟରେ ବିଶେଷକରି ବାତ୍ୟା ପବନକୁ ଆଶ୍ରାକରି ରାଜନୀତି କରିବାକୁ ଓଡ଼ିଶାବାସୀ ସହଜରେ ଗ୍ରହଣ କରନ୍ତି ନାହିଁ ଓ ଯେଉଁମାନଙ୍କ ନଜରରେ ସମସ୍ତେ ନୀଳବର୍ଣ୍ଣ ଶୃଗାଳ ଭଳି ଦିଶନ୍ତି ସେମାନଙ୍କ ଚଷମା ବଦଳାଇ ଦେଇଥାନ୍ତି ବୋଲି କିଛି ବିଜେଡି ନେତା ମତ ରଖିଛନ୍ତି।

### ବାଲେଶ୍ୱରରେ ...

ରହିଛି। ବେଗୁନିଆରୁ ତୋଟାପଡାକୁ ସଂଯୋଗ କରୁଥିବା ରାସ୍ତା ଧୋଇଯିବାରୁ ୧୦ରୁ ଅଧିକ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କୁଳଡିହା ଅଭୟାରଣ୍ୟରେ ବର୍ଷା ଯୋଗୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ବୁଡିଯାଇଛି।

ଦାନା' ଦୁର୍ବଳ ହେବା ପରେ ଉତ୍ତର ଓଡ଼ିଶା ଉପରେ ସକ୍ରିୟ ରହିଛି ଅବପାତ।

ଅବପାତ ଉତ୍ତର ପଶ୍ଚିମ ଦିଗରେ ଓଡ଼ିଶା ଦେଇ ଅତିକ୍ରମ କରିବା ସହ ୱେଲ୍ ମାର୍କଡ ଲୋ ପ୍ରେସରରେ ପରିଣତ ହୋଇଛି। ଏହା ପ୍ରଭାବରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜରେ ଜାରି ରହିଛି ବର୍ଷା। ଫଳରେ ସ୍ଥିତି ଅଧିକ ବିଗିଡିବା ଆଶଙ୍କା ଦେଖାଦେଇଛି।

ସୋର ଓ ସିମୁଳିଆ ବ୍ଲକର ସୀମାନ୍ତରେ ପ୍ରବାହିତ ହୋଇଥିବା କାଂଶବାଂଶ ବନ୍ୟାଜଳକୁ ନେଇ ଲୋକେ ଚିନ୍ତିତ। କାଂଶବାଂଶ ନଦୀବେିପଦ ସଙ୍କେତ ସ୍ତର ୭.୫୦୫ ମିଟର ଥିବା ବେଳେ ଶନିବାର ଅପରାହ୍ଣରେ ଜଳ ସ୍ତର ୭.୪୫୫ ମିଟର ରହିଛି। ଆଜି ଦିନସାରା ବର୍ଷା ଲାଗିରହିଥିବାରୁ ନଦୀକୂଳିଆ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

### କାଂଶବାଂଶରୁ ୪ ଶ୍ରମିକ ଉଦ୍ଧାର

କାଂଶବାଂଶ ଭରା ନଦୀରେ ଭାସି ଯାଇଥିବା ଚାରି ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଗ୍ରାମବାସୀ ଏବଂ ଓଡ୍ରାଫ୍ ଟିମ୍ ଗଭୀର ପାଣିରେ ଦୌଡ଼ି ବାନ୍ଧି ୪ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି।

ଶ୍ରମିକମାନେ ହେଲେ ବିହାର ମୁର୍ଶିଦାବାଦ ଅଞ୍ଚଳ ମୁକୁଲ ସେକ, ଅବତାଲ ସେକ, ଇସବ ସେକ ଓ ପୁରୁଲିଆ ଅଞ୍ଚଳର ରାକେଶ ବାଉରୀ।

ସୋର ବ୍ଲକ ସବିରା ପଞ୍ଚାୟତ ଧାନବରଖୁଣ୍ଟା ଗ୍ରାମରେ ଏହି ଶ୍ରମିକମାନେ କାମ କରୁଥିଲେ। କାଂଶବାଂଶ ନଦୀ ପାର ହେବୋ ସମୟରେ ଏମାନେ ଭାସିଯାଇ ଗଛକୁ ଧରି ରହିଥିଲେ।

ଗ୍ରାମବାସୀ ଓଡ୍ରାଫ୍ ଟିମ୍‌କୁ ଖବର ଦେଥିଲେ। ଏମାନଙ୍କୁ ଦୌଡ଼ି ବାନ୍ଧି ସେମାନଙ୍କୁ ଉଦ୍ଧାର କରାଯାଇଥିଲା।



## ପୁଣି ମନ୍ଦିରରେ ଚୋରି ଅଭିଯୋଗ

# ତାଡି ନେଲେ ଶନି ଦେବଙ୍କ ଆଖି ଓ ରୂପା ମୁକୁଟ

**ବାଲିପାଟଣା, ୨୬।୧୦ (ସଂଚାର ବ୍ୟୁରୋ):** ପବିତ୍ର କାର୍ତିକ ମାସରେ ଶନିବାରରେ ଶନି ଠାକୁରଙ୍କ ସୁନା ଆଖି ଓ ରୁପା ମୁକୁଟ ଦୁର୍ବୃତ୍ତ ତାଡି ନେଇଛନ୍ତି। ଘଟଣାଟି ବନମାଳୀପୁର ଫାଣ୍ଡି ଆମଣାକୁଦ ପଞ୍ଚାୟତ କୁଦ ପାଟଣାରେ ଦେଖିବାକୁ ମିଳିଛି। ଆଜି ସକାଳୁ ପୂଜକ ମନ୍ଦିର ଖୋଲିବାକୁ ଆସିବା ବେଳେ ମନ୍ଦିର ତାଲା ଭଙ୍ଗା ଯାଇଥିବା ଦେଖି ଗାଁ ଲୋକଙ୍କୁ ଖବର କରିଥିଲେ। ଦୁର୍ବୃତ ଠାକୁରଙ୍କ ଆଖି ଓ ମକୁଟ ଚୋରି ହୋଇଥିବା ଜଣା ପଡିଥିଲା। ବନମାଳୀପୁର ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ତଦନ୍ତ କରିଛି। ମନ୍ଦିର ରେ ଲାଗିଥିବା ସିସି ଟିଭିରେ ଚୋରି ବେଳ ର ଦୃଶ୍ୟ କଏଦ ହୋଇଛି। ୨ ଜଣ ଦୁର୍ବୃତ ଆଜି ଭୋର ପ୍ରାୟ ସାଢେ ୪ ଟା ରେ ମନ୍ଦିରରେ ପଶିଥିଲେ। ସେମାନେ ରେନି କୋର୍ଟ, ଟୋପି. ପାଦରେ ଚପଲ ପିନ୍ଧି ମୁହଁ ରେ କପଡା ବାନ୍ଧି ଥିବା ଦେଖା ଯାଇଛି। ଗ୍ୟାସ କଟର ସାହାଯ୍ୟରେ ମନ୍ଦିର ତାଲା କାଟି ଭିତରକୁ ପଶିଥିଲେ। ଅଳଙ୍କାର ଲୁଟ କରି ଚମ୍ପଟ ମାରିଛନ୍ତି। ଧର୍ମ ମାସ ଶନିବାର ହେତୁ ଲୋକେ ସକାଳୁ ମନ୍ଦିରକୁ ଆସିଥିଲେ। ଠାକୁରଙ୍କ ଅଳଙ୍କାର ଲୁଟ ଶୁଣି ଗଭୀର ମର୍ମାହତ ହୋଇଛନ୍ତି।



## ଏସ୍‌ପିଙ୍କ ସାମ୍ବାଦିକ ସମ୍ମିଳନୀ

# ଯୁବତୀଙ୍କୁ ଗଣ ଦୁଷ୍କର୍ମ ମାମଲାରେ ୩ ଗିରଫ, ଛୁରି ଓ ମୋବାଇଲ ଜବତ

**ନୟାଗଡ଼, ୨୬।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳରେ ହୋଇଥିବା ଗଣ ଦୁଷ୍କର୍ମ ମାମଲାରେ ଆଜି ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ ସାମ୍ବାଦିକ ସମ୍ମିଳନୀ କରି ଘଟଣା ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ପିଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି । ଏଥି ସହିତ ପିଡିତାଙ୍କର ବସ୍ତ୍ରକୁ ସାଇଣ୍ଟିଫିକ ଲାବୋରିଟୋରିକୁ ପଠା ଯାଇଛି । ସେମାନଙ୍କ ଠାରୁ ୩ ଗୋଟି ମୋବାଇଲ ଓ ଛୁରୀ ସହିତ ଟଙ୍କା ଜବତ କରାଯାଇଛି । ଉକ୍ତ ମୋବାଇଲରେ ସେମାନେ ପିଡିତାଙ୍କର ଭିଡିଓ ରେକର୍ଡିଂ କରିଥିଲେ । ସୁଚନାନୁସାରେ ଗତ ୨୦ ତାରିଖରେ ଫତେଗଡ଼ ଥାନା ଅନ୍ତର୍ଗତ ଶ୍ରୀରାମ ମନ୍ଦିର ବୁଲି ଆସିଥିବା ଦୁଇ ପ୍ରେମୀ ଯୁଗଳଙ୍କୁ ଧମକ ଦେଇ ଜଙ୍ଗଲ ଭିତରେ ତିନି ଜଣ ଯୁବକ ଦୁଷ୍କର୍ମ କରି ଏହାର ଭିଡିଓ ଭାଇରାଲ କରିଛନ୍ତି। ଏନେଇ ଅଭିଯୋଗ ପରେ ଫତେଗଡ଼ ପୁଲିସ ୩ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅଞ୍ଚଳର ଜଣେ ଯୁବତୀ କଟକ ଅଞ୍ଚଳର ତା ପ୍ରେମିକ ସହ ଗତ ରବିବାର ଫତେଗଡ ରାମ ମନ୍ଦିର ବୁଲି ଆସିଥିଲେ। ମନ୍ଦିର ବୁଲି ଫେରିବା ସମୟରେ ପିଠାଖାଇ ଜଙ୍ଗଲ ନିକଟରେ ସନ୍ଧ୍ୟା ସମୟରେ ଫତେଗଡ ଥାନା ଅଞ୍ଚଳର ତିନି ଜଣ ଯୁବକ ପ୍ରେମୀ ଯୁଗଳଙ୍କୁ ଉଠାଇ ନେଇ ପ୍ରେମିକକୁ ମାଡ ମାରି ପ୍ରେମିକାକୁ ଉଲଗ୍ନ କରି ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ କରିବା ସମୟର ଭିଡିଓ ଉତ୍ତୋଳନ କରି ଭାଇରାଲ ମଧ୍ୟ କରିଥିଲେ। ଏନେଇ ଯୁବତୀ ଜଣଙ୍କ ଗତ ୨୫ ତାରିଖରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତିନି ଜଣ ଯୁବକଙ୍କୁ ଉଠାଇ ଆଣି ତଦନ୍ତ ଆରମ୍ଭ କରିଥିଲା । ଆଜି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୁଚନା ଦେଇଛନ୍ତି ଆରକ୍ଷୀ ଅଧୀକ୍ଷକ ।

# 'ଦାନା' ପେଟକୁ ଲାତ ମାରିଛି, ହାତ ବାନ୍ଧି ବସିଛୁ

- କଟକଣା ଯୋଗୁଁ ପରିବାର ଚଳାଇବା କଷ୍ଟକର
- ବୋଟ ମାଲିକ ଓ କ୍ରିଉ ମେମ୍ବରଙ୍କୁ ନାହିଁ ସହାୟତା

**କାକଟପୁର/ଅସ୍ତରଙ୍ଗ, ୨୬।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ଦାନା'ର ବିଶେଷ ପ୍ରଭାବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ଉପରେ ପଡି ନଥିଲା। ତେଣୁ ଅସ୍ତରଙ୍ଗ ଅଂଚଳରେ ବିଶେଷ କ୍ଷୟକ୍ଷତି ହୋଇ ନାହିଁ। ତେବେ ବାତ୍ୟା ପୂର୍ବରୁ ଜାରି ହୋଇଥିବା କଟକଣା ଯୋଗୁଁ ମତ୍ସ୍ୟଜୀବୀଙ୍କ ବେଉସା ଗତ ଚାରି ଦିନ ଧରି ପ୍ରଭାବିତ ହୋଇଛି। ସମୁଦ୍ର ଅଶାନ୍ତ ରହିଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଥିଲା। ଏହି ସତର୍କତା ଜାରି ରହିଥିବାରୁ ଅସ୍ତରଙ୍ଗ ବ୍ଲକର ନୂଆଗଡ ଜେଠି ନିକଟରେ ଶହ ଶହ ସଂଖ୍ୟାରେ ଟ୍ରଲର ଅଥବା ବୋଟ ରହିଥିବାର ଦେଖିବାକୁ ମିଳିଛି।

ଅସ୍ତରଙ୍ଗ ବ୍ଲକର ଅଧିକାଂଶ ବାସିନ୍ଦା ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ମାରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହା ଛଡା ସେମାନଙ୍କର ଅନ୍ୟ କୌଣସି ରୋଜଗାର ପନ୍ଥା ନଥାଏ। ବାତ୍ୟା 'ଦାନା'ର ପ୍ରଭାବରେ ଧନଜୀବନର କ୍ଷୟକ୍ଷତି ହେବାର ଆଶଙ୍କା କରି ବୋଟ କୁ ନିରାପଦା ରଖିବା ପାଇଁ ସେମାନେ ନୂଆଗଡ ନଦୀ କୂଳରେ ବୋଟ ରଖିଥିଲେ, ସମୁଦ୍ରକୁ ନେଇନଥିଲେ। ବାତ୍ୟାର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲେ ବୋଟ ଗୁଡିକର କିଛି ନା କିଛି କ୍ଷୟକ୍ଷତି ହୋଇଥାନ୍ତା। କିନ୍ତୁ ପବନ ବେଗ ଯଥେଷ୍ଟ କମ୍ ଥିବାରୁ ବାତ୍ୟାର ପ୍ରଭାବ ପ୍ରାୟ ଅନୁଭୂତ ହୋଇନାହିଁ। ଫଳରେ ମତ୍ସ୍ୟଜୀବୀମାନେ ବଡ଼ କ୍ଷୟ କ୍ଷତିରୁ ବର୍ତ୍ତୀ ଯାଇଛନ୍ତି। ଯାହା ସୂଚନା ମିଳିଛି ରବିବାର ଠାରୁ ବୋଟ ଗୁଡିକ ସମୁଦ୍ର ଅଭିମୁଖେ ଯିବ। ଏହା ସହ ବିଭିନ୍ନ ସମୟରେ ସରକାରଙ୍କ କଟକଣା ଓ ପ୍ରାକୃତିକ ବିପର୍ଯ୍ୟୟ ହେତୁ ସମୁଦ୍ର ରେ ମାଛ ମାରିବାକୁ ବୋଟ କର୍ମଚାରୀଙ୍କୁ ବାରଣ କରାଯାଉଛି। ଯେପରିକି ସରକାରଙ୍କ ତରଫରୁ କଇଁଛ କଟକଣା, ମାଛ ମାନଙ୍କ ବଂଶ ବୃଦ୍ଧି ସମୟ ଅଥବା ପ୍ରାକୃତିକ ବିପର୍ଯ୍ୟୟ ଲଘୁଚାପ ସମୟରେ କଟକଣା ମାନି ରହିଥାନ୍ତି। ସମୁଦ୍ର ଉପରେ ନିର୍ଭର କରି ବଂଚିଥିବା କ୍ରିଉ ମେମ୍ବର ସରକାର ଙ୍କ ବିଭିନ୍ନ ସହାୟତାରୁ ବଂଚିତ ଏହା ସହ ବୋଟ ମାଲିକମାନେ ବିଭିନ୍ନ ସମୟରେ ସମସ୍ୟା ସମ୍ମୁଖୀନ ହେଉଥିବା ବେଳେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ମିଳୁନାହିଁ।



ଏ ନେଇ କ୍ରିଉ ମେମ୍ବର ଭୋଳାନାଥ ଶୁକ୍ଳା ଓ ରବୀନ୍ଦ୍ର ସ୍ୱାଇଁ କହିଛନ୍ତି ଆମେ ମାନେ ବୋଟ ରେ ରହି ମାଛ ଧରି ପରିବାର ଚଳାଉ କିନ୍ତୁ ସରକାର ଙ୍କ ବିଭିନ୍ନ କଟକଣା ପରିବାର ଚଳାଇବା କଷ୍ଟକର ହେଉଛି, ଏହା ସହ ବୋଟ ମାଲିକ ଶିବ ଚରଣ ଓଝା କହିଛନ୍ତି ବୋଟ ମାଲିକ ମାନେ କୌଣସି ସରକାରୀ ସୁବିଧା ପାଉନାହୁଁ, ଡିଜେଲ ସବସିଡ଼ି ପାଉନାହୁଁ ଏ ନେଇ ସରକାର ବିଚାର ବିମର୍ସ କରି ସରକାରୀ ସହାୟତା ପ୍ରଦାନ କରିବାକୁ। ନଚେତ ସରକାର ଙ୍କ କଟକଣା ଓ ପ୍ରାକୃତିକ ବିପର୍ଯ୍ୟୟ ବୋଟ ମାଲିକ ଓ ବୋଟ ରେ କାର୍ଯ୍ୟରତ କ୍ରିଉ ମେମ୍ବରଙ୍କ ପରିବାର ପେଟକୁ ଲାତ ମାରୁଛି।



# ହିମାଦ୍ରୀ ନାଏକଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ

**କଳାହାଣ୍ଡି, ୨୬।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଅନାସ୍ଥା ପ୍ରସ୍ତାବରେ ନିଜ ପଦ ହରାଇଥିବା ନେଇ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ଓଡ଼ିଶା ମ୍ୟୁନିସିପାଲ ମାନୁଆଲ ଆକ୍ଟ ୮୯ (କ) ଅନୁଯାୟୀ ଶୁକ୍ରବାର କଳାହାଣ୍ଡି ଜିଲାପାଳ ଜୁନାଗଡ଼ ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂତନ ଅଧ୍ୟକ୍ଷ ନିର୍ବାଚିତ ନ ହେବା ଯାଏ ହିମାଦ୍ରୀ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ପ୍ରକାଶ ଯେ, ଗତ ଅଗଷ୍ଟ ୨୭ରେ ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ଥିବା ମୁକେଶ ଅଗ୍ରୱାଲଙ୍କ ବିପକ୍ଷରେ ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଏଥିରେ ୧୨ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୦ଜଣ ଅଧ୍ୟକ୍ଷ ଅଗ୍ରୱାଲଙ୍କ ବିପକ୍ଷରେ ଭୋଟ ଦେଇଥିଲେ। ମୁକେଶ ଭାଜପାର ହୋଇଥିବା ବେଳେ ତାଙ୍କ ବିପକ୍ଷରେ ବିଜେଡି କାଉନସିଲରମାନେ ଭୋଟ ଦେଇଥିଲେ।

# ରକ୍ଷା ପାଇଗଲା ବର୍ଷକର ଦାନା

**କାକଟପୁର/ଅସ୍ତରଙ୍ଗ, ୨୬।୧୦ (ସଂଚାର ବ୍ୟୁରୋ):** ଏକ ବଡ଼ ବିପଦରୁ ବର୍ତ୍ତିଗଲେ ଚାଷୀକୁଳ। ସେମାନଙ୍କ ମୁଣ୍ଡରୁ ବଡ଼ ଚିନ୍ତା ଓହ୍ଲାଇ ଯାଇଛି। ଚିନ୍ତା ଥିଲା ବାତ୍ୟା 'ଦାନା' ଯଦି ଭୀଷଣ ରୂପ ନିଏ ତାହା ହେଲେ ବର୍ଷକର 'ଦାନା' ବା ଧାନ ଉଜୁଡିଯିବ। କିନ୍ତୁ ପବନ ଓ ବର୍ଷା କମ୍ ଗୁରୁବାର ୪ ମିଲିମିଟର, ଶୁକ୍ରବାର ୨୫ମିଲିମିଟର, ଓ ଶନିବାର ୨୭ମିଲିମିଟର ବର୍ଷା ହେତୁ ଧାନ ସମେତ ଅନ୍ୟ ଫସଲ ବର୍ତ୍ତୀଯାଇଛି। ଫଳରେ ଚାଷୀକୂଳ ଆଶ୍ୱସ୍ତ ହୋଇଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ପନିପରିବା ଚାଷୀଙ୍କ କୌଣସି କ୍ଷତି ଘଟିନାହିଁ । ଯଦି ଆଗକୁ ପ୍ରବଳ ବର୍ଷା ନ ହୁଏ ତେବେ ପନିପରିବା ଚାଷକୁ ବଡ଼ ଧରଣର କ୍ଷତି ହେବ ନାହିଁ ବୋଲି ଆଶା କରାଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ସଂକ୍ରାନ୍ତ ଆକଳନ କରାଯାଇ ଯେଉଁ ପ୍ରାଥମିକ ରିପୋର୍ଟ ଦିଆଯାଇଛି ସେଥିରେ କୌଣସି ପ୍ରକାର କ୍ଷତି ଘଟିନଥିବା କୁହାଯାଇଛି। ତେବେ ବର୍ଷା ଜାରି ରହିଥିବାରୁ ଆଉ ଥରେ ସର୍ଭେ କରି ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି।



**କୃଷି ବିଭାଗର ପ୍ରାଥମିକ ରିପୋର୍ଟ: କିଛି କ୍ଷୟକ୍ଷତି ହୋଇନି ବର୍ଷା ଜାରି ରହିଥିବାରୁ ଆଉ ଥରେ ସର୍ଭେ ହେବ**

ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକରେ ୯ହଜାର ୩୨ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ୧ହଜାର ୩ଶହ ୮୨ ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଗର୍ଭଣା ସଂକ୍ରାନ୍ତି ଗଲାଣି। ଧାନ ଥୋଡ଼ ବାହାରିଲାଣି, ଯଦି ଏହି ସମୟରେ ପବନ ହେଉ ଅବା ବର୍ଷା ମାଡ଼ ହୋଇଥାନ୍ତା ତାହାହେଲେ ଧାନ ଚାଷ ସମ୍ପୂର୍ଣ ଉଜୁଡିଯିବାର ଆଶଙ୍କା ରହିଥିଲା। ଫଳରେ ବାତ୍ୟା କୁ ନେଇ ଚାଷୀ ଆତଙ୍କିତ ଥିଲେ। ଉଭୟ ଲଗାଣ ବର୍ଷା ଓ ବଡ଼ ପବନ ଧାନ ଫସଲ କୁ ସମ୍ପୂର୍ଣ ନଷ୍ଟ କରିଦେଇଥାନ୍ତା। କିନ୍ତୁ ଏଭଳି କିଛି ନ ଘଟିବାରୁ ଧାନ ଚାଷ ରକ୍ଷା ପାଇଯାଇଛି। ଅସ୍ତରଙ୍ଗ କୃଷି ବିଭାଗ ଅଧିକାରୀ, କର୍ମଚାରୀ ଓ ଉଦ୍ୟାନ ବିଭାଗ ଅଧିକାରୀ ଶନିବାର ଦିନ ବେଗୁନିଆବସ୍ତ, ଓସ୍ତପୁର, ନଈଗୁଆଁ, ଖଣ୍ଡାସାହି, ଝାରିଆ, ସରିପୁର ସମେତ ୧୫ ଟି ପଂଚାୟତ ପରିଦର୍ଶନ କରି ଧାନ ଚାଷ ଓ ପନିପରିବା ଚାଷ କ୍ଷୟକ୍ଷତିର ଆକଳନ କରିଛନ୍ତି।ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି ଅସ୍ତରଙ୍ଗ ବ୍ଲକ ଅଧିନ ରେ କ୍ଷୟକ୍ଷତି ହେବାର ସେମିତି କିଛି ସାମ୍ନାକୁ ଆସିନାହିଁ।

# ଐତିହ୍ୟ ଓ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି ସଙ୍କରାଖୁଣ୍ଟା ପୋଖରୀ



**ନୀଳଗିରି, ୨୬।୧୦ (ସଂଚାର ବ୍ୟୁରୋ):** ସରକାର ଜଳାଶୟ ଖୋଳିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ନୀଳଗିରି ରାଜାରାଜୁଡା ସମୟର ବହୁ ପୁରାତନ ସଙ୍କରାଖୁଣ୍ଟା ପୋଖରୀଟି ପ୍ରଦୂଷିତ ହେବା ସହ ଐତିହ୍ୟ ଓ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପ୍ରବେଶ କରିବା ମାତ୍ରେ ଦେଖିବାକୁ ମିଳେ ପ୍ରାୟ ୫ ଏକର ପରିଧି ବିଶିଷ୍ଟ ଏହି ସଙ୍କରାଖୁଣ୍ଟା ପୋଖରୀ। ଏହା ଏକ ଐତିହାସିକ ତଥା ରାଜାରାଜୁଡା ସମୟର ପୁରାତନ ପୋଖରୀ। କେତେ ଯୁଗ ଦେଖିଛି ଏହି ପୋଖରୀ। ଦିନେ ଏହି ପୋଖରୀ ଉପରେ ବହୁ ପରିବାର ନିର୍ଭର କରିଆସୁଥିବା ବେଳେ ପୋଖରୀକୁ ସଂଲଗ୍ନ ତିନୋଟି ମନ୍ଦିର ରହିଥିବା ବେଳେ ନୀଳଗିରି ମାଟି ପାଇଁ ଜୀବନ ଦାୟିନି ମଧ୍ୟ ସାଜିଥିଲା। ହେଲେ ଆଜି ଏହା ଅବହେଳିତ ଓ ଅନାବନା ଗଛ ସହ ଦଳ ଭର୍ତ୍ତି ହୋଇ ପଡ଼ିଆ ଭଳି ସମତଳ ଦୃଶ୍ୟମାନ ହୋଇ ପଡିରହିଛି । ଭଲକରି ଦେଖନ୍ତୁ ଏହି ପୋଖରୀର ଦୃଶ୍ୟକୁ। ଏହି ପୋଖରୀର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରେ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆଜି ଏହି ସୁନ୍ଦର ପୋଖରୀଟି ରକ୍ଷଣାବେକ୍ଷଣ କରାଯାଉ ନାହିଁ। ପୋଖରୀର ପୁନରୁଦ୍ଧାର ସହ ଉନ୍ନତୀକରଣ ନିମନ୍ତେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିବାର ପ୍ରକାଶ କରିଛନ୍ତି।



# ପୂର୍ବତନ ସମିତି ସଭ୍ୟାଙ୍କ ପରଲୋକ

**କଣାସ, ୨୬।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ପୂର୍ବତନ ସମିତି ସଭ୍ୟା ଚାରୁଲତା ପହାନ୍ତାସିଂହ ୭୩ବର୍ଷଙ୍କର ଗତକାଲି ଭୁବନେଶ୍ୱର ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଗତକାଲି ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ସେଠାରେ ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ତାଙ୍କର ମରଶରୀର ସ୍ୱର୍ଗଦ୍ୱାରକୁ ନିଆଯାଇ ଶବ ଦାହ କରାଯାଇଥିଲା। ଏକମାତ୍ର ପୁତ୍ର ବିଶ୍ୱଂରଜନ ମୁଖାଅଗ୍ନି ଦେଇଥିଲେ। ସ୍ୱର୍ଗତ ଶ୍ରୀମତୀ ପହାନ୍ତାସିଂହ କଣାସ ଗ୍ରାମପଞ୍ଚାୟତରେ ୧୯୯୭ ଠାରୁ ୨୦୦୨ ମସିହା ପର୍ଯ୍ୟନ୍ତ ସମିତି ସଭ୍ୟା ଭାବେ କାର୍ଯ୍ୟ କରିଥିଲେ। ଶବଦାହ ସମୟରେ ବନ୍ଧୁବାନ୍ଧବ, ଝିଅ-ଜ୍ୱାଇଁ ଉପସ୍ଥିତ ଥିଲେ।

## ଲଗାଣ ବର୍ଷା ବଢ଼ାଇଲା ଚାଷୀଙ୍କ ଦୁର୍ଦ୍ଦଶା

# ଚାଷ ଉଜୁଡ଼ିଲା, ଜମିରେ ଲହଡ଼ି ମାରୁଛି ପାଣି

**ଯାଜପୁର, ୨୬।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ବାତ୍ୟା ଦାନା ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଯାଜପୁରର ଚାଷୀ କୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାନ ଓ ପନିପରିବା ଚାଷ ପାଣିରେ ବୁଡି ରହିଥିବା ବେଳେ ସେଗୁଡିକ ପଚି ନଷ୍ଟ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକି ବର୍ଷକର ପରିଶ୍ରମକୁ ପାଣି ଭିତରେ ଦେଖି ଚାଷୀକୂଳ ଭାଙ୍ଗି ପଡିଛନ୍ତି। ଏଥିରୁ ଉପାର୍ଜିତ ଅର୍ଥ ପରିବାରକୁ ବର୍ଷକ ପାଇଁ ଦାନା ଯୋଗାଉ ଥିବା ବେଳେ ଏହି ବାତ୍ୟା ଚାଷୀଙ୍କ ରୋଜଗାରକୁ ପ୍ରଭାବିତ କରିଛି।

ବାତ୍ୟା ଦାନାର ପ୍ରଭାବ ଯାଜପୁରରେ ବିଶେଷ ପଡି ନଥିବା ବେଳେ ବାତ୍ୟା ପରବର୍ତ୍ତୀ ଲଗାଣ ବର୍ଷା ଯୋଗୁ ଜିଲ୍ଲାରେ ଶହ ଶହ ହେକ୍ଟର ଧାନ ଓ ପନିପରିବା ଚାଷ ପାଣିରେ ବୁଡି ରହିଛି। ଖାଲୁଆ ଜମିରେ ପାଣି ଛାଡୁ ନଥିବା ବେଳେ ଶୀତ ଦିନିଆ ପନିପରିବା ଫସଲ ଆରମ୍ଭରୁ ମାଟିରେ ମିଶି ଯାଇଛି। ଜିଲ୍ଲାରେ ସରକାରୀ ତଥ୍ୟର ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଅନୁସାରେ ୧୭ ହଜାର ୬୬୬ ହେକ୍ଟର ଚାଷ ଜମି ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଏଥି ମଧ୍ୟରୁ ଯାଜପୁର ବ୍ଲକ ନାଥସାହି ପଂଚାୟତରେ ଏକର ଏକର ଧାନ ଓ ପରିବା ଆଣ୍ଠୁଏ ପାଣିରେ ବୁଡି ଯାଇଛି। ଧାନ ଫସଲ ଅମଳ ଯୁକ୍ତ ହୋଇଥିବା ବେଳେ କେଣ୍ଡା ପାଣିରେ ବୁଡି ପଚି ଯିବାକୁ ବସିଛି। ଯାହାକି ଯୋଉ ଦେଢ଼ ମାସ ପରେ ଅମଳ ଧାନକୁ ଦେଖି ଚାଷୀ ଖୁସି ହେବା କଥା ସେ ଆଜି ଉଜୁଡା ଧାନକୁ ଦେଖି ଭାଙ୍ଗି ପଡିଛନ୍ତି।

ଖାଲି ଧାନ ନୁହଁ ଯାଜପୁର ଅଧିକାଂଶ ଅଂଚଳ ନଦୀ ଘେରା ହୋଇଥିବା ବେଳେ ବାଲିଆ ମାଟିରେ ଭଲ ଶୀତ ଦିନିଆ ପନିପରିବା ଚାଷ ଆରମ୍ଭ ହୋଇଥିଲା। କିନ୍ତୁ ପ୍ରବଳ ବର୍ଷା ଯୋଗୁଁ ଚାରା ଗଛ ଉପରେ ବାଲି ଚଢି ଯାଇଥିବା ବେଳେ ଗଛ ମାଟିରେ ପୋତି ହୋଇଯାଇଛି। ଯାହାକି ଆଉ ଚାଷ ଉପଯୋଗୀ ନଥିବା ବେଳେ ପରିବା ଚାଷୀ ଧାର ଉଧାର କରି ଚାଷ ପାଇଁ ଖଟୁ ଥିବା ବେଳେ ଏବେ କିପରି ଋଣ ପରିଶୋଧ ଚିନ୍ତାରେ ପଡିଛନ୍ତି। ଏହି ଚାଷ ମୁଖ୍ୟ ବେଉସା ହୋଇଥିବା ବେଳେ ଉଜୁଡା ଫସଲ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ପ୍ରଶାସନିକ ସହାୟତା ମିଳିଲେ ଚାଷୀ କିଛି ମାତ୍ରାରେ ଉପକୃତ ହେବେ ବୋଲି କହିଛନ୍ତି। ଯାହାକି ଚାଷୀ ରାଜେନ୍ଦ୍ର ରାୟ, ବୃନ୍ଦାବନ ଜେନା, ବଟକୃଷ୍ଣ ଜେନା, ବାବନ ଜେନା, ସୁବାଷ ଚନ୍ଦ୍ର ପଣ୍ଡା,ଦେବତ୍ତମ ଘଡାଇ, ସୁବୋଧ ରାୟ, ପ୍ରଫୁଲ ସାହୁ,ସରୋଜ ଘଡାଇ, ବିଜୟ ବିହାରୀ, ସନ୍ତୋଷ ସାହୁ, ସନ୍ତୋଷ ବେହେରା,କାହ୍ନୁଚରଣ ନାୟକ ପ୍ରମୁଖଙ୍କ ସହ ବହୁ ଚାଷୀ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।





## ପାଣି ଘେରରେ ୮ ପରିବାର

**ଯାଜପୁର:** ବାତ୍ୟା ଜନିତ ବର୍ଷା କାରଣରୁ ଯାଜପୁର ପୌରାଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ୮ ପରିବାର ପାଣିଘେରରେ ରହି ବହୁ ସମସ୍ୟା ଭୋଗୁଛନ୍ତି। ଚାରିଆଡେ ପାଣି ଘେରି ରହିଥିବାରରୁ ପରିବାରରେ ବହୁ ଶିଶୁ ଥିବାରୁ ସରିସୃପ ଭୟ ମଧ୍ୟ ଦେଖାଦେଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁଁ ରୋଗୀଙ୍କ ଲମ୍ବା ଧାଡି

**କଣାସ, ୨୬।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚକରି ଚାଲିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ଡାକ୍ତର ଅବଶ୍ୟକ ମୁତାବକ ଡାକ୍ତର ନ ଥିବାରୁ ରୋଗୀମାନେ ଘଣ୍ଟା ଘଣ୍ଟାର ଧରି ଆଉଟଡୋର ବାହାରେ ଖରା ବର୍ଷାରେ ଧାଡିରେ ଠିଆ ହୋଇ ରହୁଛନ୍ତି। ଏ ସମ୍ପର୍କରେ ୪ଦିନ ତଳେ ରୋଗିକଲ୍ୟାଣ ସମିତି ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା। ଡାକ୍ତର ନ ଥିବା ଏବଂ ଯେଉଁ କେତେ ଜଣ ଡାକ୍ତର ଅଛନ୍ତି ସେମାନେ ନିୟମିତ ଡାକ୍ତରଖାନାକୁ ଆସୁନଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଖବର ନେବାରେ ଜଣାପଡ଼ିଛି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ୍ଷକ, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ, ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଆସିଷ୍ଟାଣ୍ଟ ସର୍ଜନ୍, ୭ଜଣ ନର୍ସିଙ୍ଗ ଅଫିସର ପଦବୀ ଦୀର୍ଘ ଦିନ ହେଲା ଖାଲିପଡ଼ିଛି। ସେହିପରି କଣାସ ବ୍ଲକର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରରେ ୭ଜଣ ନର୍ସିଙ୍ଗ ଅଫିସର ନଥିବା ବେଳେ ୬ଜଣ ମହିଳା ସ୍ୱାସ୍ଥ୍ୟ ପରିଦର୍ଶୀକା, ୫ଜଣ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶୀକା, ଦୁଇ ଜଣ ଫାର୍ମାସିଷ୍ଟି, ୫ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦବୀ ଖାଲିପଡ଼ିଛି। ଯେଉଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯେଉଁ କେତେକ ଡାକ୍ତର ଅଛନ୍ତି ସେମାନେ ପାଳିକରି ଆସୁଥିବାରୁ ରୋଗୀମାନଙ୍କ ଭିଡ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ରମେଶ ବେହେରାଙ୍କୁ ପଚାରିବାରୁ ସେକୁହନ୍ତି ପ୍ରତ୍ୟେକ ଦିନ ଦୁଇ କିମ୍ବା ତିନି ଜଣ ଡାକ୍ତର ଉପସ୍ଥିତ ରହିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରମାନେ ମନ ଇଛା ଆସୁଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ ଜମୁଛି। ଆଉ ମଧ୍ୟ ଖବର ନେବାରେ ଜଣାପଡ଼ିଛି ନିରାମୟରେ ମାଗଣାରେ ରୋଗୀମାନଙ୍କୁ ଔଷଧ ବିତରଣ ସୁବିଧା ଥିବା ବେଳେ ଡାକ୍ତରମାନେ ବାହାରରୁ ଔଷଧ କିଣିବା ପାଇଁ ରୋଗୀମାନଙ୍କୁ ଲେଖୁଥିବାରୁ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।



# ଆଇଆଇସି ଓ ଏସଆଇ ସ୍ତରରେ ଅଦଳବଦଳ

**ନୟାଗଡ଼, ୨୬।୧୦ (ସଂଚାର ବ୍ୟୁରୋ):** ନୟାଗଡ଼ ପୋଲିସ ବିଭାଗରେ ବଡ଼ ଅଦଳ ବଦଳ କରାଯାଇଛି । ନୟାଗଡ଼ ଜିଲ୍ଲାରେ ଆରକ୍ଷୀ ଅଧିକ୍ଷକ ଭାବେ ଏସ ସୁଶ୍ରୀ ଯୋଗ ଦେବା ପରେ ପ୍ରଥମ କରି ଅଦଳ ବଦଳ କରିଛନ୍ତି । ତେବେ ଦଶପଲ୍ଲା ଥାନାରେ କାର୍ଯ୍ୟରତ ଥିବା ଆଇଆଇସି ମୁକେଶ ବେହେରାଙ୍କୁ ରଣପୁର ଥାନାକୁ ବଦଳି କରାଯାଇଛି । ସେହିପରି ବାଣିଗୋଛା ଥାନାରେ କାର୍ଯ୍ୟରତ ଥିବା ମହିଳା ଆଇଆଇସି ଅନିତା ସାହୁଙ୍କୁ ଦଶପଲ୍ଲା ଥାନାକୁ ବଦଳି କରାଯାଇଥିବା ବେଳେ ଚାନ୍ଦପୁର ଥାନାର ଓଆଇସି ବିନୟ ରଞ୍ଜନ ପରିଡାଙ୍କୁ ବାଣିଗୋଛା ଥାନାକୁ ବଦଳି କରାଯାଇଛି । ଏବଂ ରଣପୁର ଥାନାର କାର୍ଯ୍ୟରତ ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ଚାନ୍ଦପୁର ଥାନାକୁ ବଦଳି ହୋଇଛି ।

ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଥିବା ବିଭିନ୍ନ ଥାନାର ଏସଆଇ ମାନଙ୍କ ମଧ୍ୟରେ ଅଦଳ ବଦଳ କରିଛନ୍ତି ଏସପି ଏସ ସୁଶ୍ରୀ । ଓଡ଼ଗାଁ ଥାନାରେ କାର୍ଯ୍ୟରତ ଥିବା ଏସଆଇ ରମେଶ ଜେନାଙ୍କୁ ଦଶପଲ୍ଲା ଥାନାକୁ ବଦଳି କରାଯାଇଥିବା ବେଳେ ଦଶପଲ୍ଲାରେ କାର୍ଯ୍ୟରତ ଥିବା ମହିଳା ଏସଆଇ ସ୍ନେହଲତା ପ୍ରଧାନଙ୍କୁ ରଣପୁର ଥାନାକୁ ବଦଳି କରାଯାଇଛି । ସେହିପରି ନୂଆଗାଁ ଥାନାରେ କାର୍ଯ୍ୟରତ ଥିବା ତାନସେନ ବେହେରାଙ୍କୁ ଓଡଗାଁ ଥାନାକୁ ବଦଳି କରାଯାଇଥିବା ବେଳେ ରଣପୁର ଥାନାର ମହିଳା ଏସଆଇ ସୁନିତା ସାମନ୍ତରାୟଙ୍କୁ ନୂଆଗାଁ ଥାନାକୁ ବଦଳି କରାଯାଇଛି। ସେହିପରି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଏସଆଇ ସନ୍ତୋଷ କୁମାର ଦାସଙ୍କୁ ଦର୍ପନାରାୟଣପୁର ଫାଣ୍ଡିର ଦାୟୀତ୍ୱ ପ୍ରଦାନ କରାଯାଇଥିବା ବେଳେ ଦର୍ପନାରାୟଣ ଫାଣ୍ଡି ଅଧିକାରୀ ଏଏସଆଇ ବିଶ୍ୱ ଭୂଷଣ ସିଂଙ୍କୁ ରଣପୁର ଥାନାକୁ ବଦଳି କରାଯାଇଛି । ତେବେ ବଦଳି ହୋଇଥିବା ସ୍ଥାନରେ ତୁରନ୍ତ ଯୋଗ ଦେଇ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି ।



## ପ୍ରବାସୀ ଭାରତୀୟଙ୍କୁ ଭେଟିଲେ ଧର୍ମେନ୍ଦ୍ର

ସିଡନୀ,୨୬।୧୦ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ଭେଟିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୁସମ୍ପର୍କ ଗଠନ ନେଇ ପ୍ରବାସୀ ଭାରତୀୟଙ୍କ ସେ ଆଲୋଚନା କରିଛନ୍ତି। ଏଥିସହ ବିକଶିତ ଭାରତ-୨୦୪୭ ଗଠନରେ ପ୍ରବାସୀ ଭାରତୀୟମାନେ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ସେସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଅଷ୍ଟ୍ରେଲିଆ ଗସ୍ତ ଦ୍ୱାରା ଭାରତ ସହ ଶିକ୍ଷାଗତ ସମ୍ପର୍କ ଆଗାମୀ ଦିନରେ ଆହୁରି ଦୃଢ଼ିଭୁତ ହେବ। ଭାରତରେ ଶିକ୍ଷା ସହ ଦକ୍ଷତାର ବିକାଶ ଏହି ସମ୍ପର୍କକୁ ମଜବୁତ କରିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ନଭେମ୍ବରରେ ଆଉ ଏକ ବାତ୍ୟା

ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ): ବାତ୍ୟା 'ଦାନା' ଶୁକ୍ରବାର ଓଡ଼ିଶା ଉପକୂଳ ଅତିକ୍ରମ କରିଯାଇଛି। ଏହାର ବେଗ ଅଧିକ ନ ଥିବାରୁ ଓଡ଼ିଶା ବିପର୍ଯ୍ୟୟରୁ ବର୍ତ୍ତିଯାଇଛି। ତେବେ ରାଜ୍ୟ ଉପରୁ ବାତ୍ୟାର ଭୟ ଟଳି ନାହିଁ। ଚାଇନା ସାଗର ଉପକୂଳରେ ଆଉ ଏକ ବାତ୍ୟାର ସମ୍ଭାବନା ରହିଛି। ୟୁରୋପିଆନ ସେଣ୍ଟର ଫର ମିଡିୟମ ରେଞ୍ଜ ଫୋରକାଷ୍ଟ ସମେତ କେତେକ ଅନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ନଭେମ୍ବର ୬ କିମ୍ବା ୭ ତାରିଖ ବେଳକୁ ଚାଇନା ସାଗରରେ ଥିବା ଘୂର୍ଣ୍ଣିବଳୟ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଏହା ଓଡ଼ିଶା କିମ୍ବା ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି। ଆସନ୍ତା ୩୦ କିମ୍ବା ୩୧ ତାରିଖ ବେଳକୁ ଏ ନେଇ କିଛି ସୂଚନା ମିଳି ପାରିବ ବୋଲି ଜଣେ ପାଣିପାଗ ବିଶେଷଜ୍ଞ କହିଛନ୍ତି।

### ବିମାନବନ୍ଦରରେ ବାଘ ଆତଙ୍କ

## ଲାଗିଲା ୪ ଟ୍ରାପ୍ କ୍ୟାମେରା

ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ): ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପୁଣି ଥରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ବିମାନବନ୍ଦର କର୍ତ୍ତୃପକ୍ଷ ଓ ବନବିଭାଗ ଛାନଭିନ୍ କରିବା ସହିତ ବାଘ ସମ୍ପର୍କରେ ଜାଣିବା ଲାଗି ବିମାନ ବନ୍ଦର ପରିସରରେ ଥିବା ଜଙ୍ଗଲରେ ୪ ଟ୍ରାପ୍ କ୍ୟାମେରା ଲଗାଇଛି ବନବିଭାଗ। ସୂଚନା ଅନୁଯାୟୀ, ବିମାନବନ୍ଦର ଡମ୍ପିଂୟାର୍ଡରେ କାମ କରୁଥିବା ୨ଜଣ ମହିଳା ଦାବି କରିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବାଘକୁ ଠାବ କରିବାକୁ ବନ ବିଭାଗ ଓ ପୁଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଯନ୍ତା ଲଗାଇ ବାଘ ଧରିବା ପାଇଁ ଉଦ୍ୟମ କରାଯାଇଥିଲା।

### ବାତ୍ୟା ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କଲେ ମନ୍ତ୍ରୀ

# ସଫଳ ପରିଚାଳନା ଯୋଗୁ କ୍ଷୟକ୍ଷତି କମିଲା

ବାଲେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ) : ବାଲେଶ୍ୱର ଜିଲ୍ଲାରେ 'ଦାନା'ର ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟର ଆକଳନ ଓ ପୁନରୁଦ୍ଧାର ସୁଦୃଢ଼ୀକରଣ ନିମନ୍ତେ ଶନିବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାବିତ ଅଞ୍ଚଳର ସାମ୍ପ୍ରତିକ ସ୍ଥିତି ଆକଳନ ସହ ତ୍ୱରିତ ଥଇଥାନ ପାଇଁ ରଣନୈତିକ ପଦକ୍ଷେପ ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାତ୍ୟାର ସଫଳ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟାନ୍ତମୂଳକ ପଦକ୍ଷେପକୁ ମନ୍ତ୍ରୀ ଶ୍ରୀ ନାଏକ ପ୍ରଶଂସା କରିଥିଲେ। ସମ୍ଭାବ୍ୟ କ୍ଷୟକ୍ଷତିକୁ ଯଥେଷ୍ଟ ହ୍ରାସ କରିପାରିଥିବାରୁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଏବଂ ଦକ୍ଷ ସମନ୍ୱୟକୁ ସେ ଭୁରିଭୁରି ପ୍ରସଂଶା କରିଥିଲେ କରିଥିଲେ।



ବୈଠକରେ ପ୍ରଭାବିତ ଅଞ୍ଚଳର ବର୍ତ୍ତମାନର ସ୍ଥିତି ଏବଂ ଜାରି ରହିଥିବା ଥଇଥାନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରିଲିଫ୍ ପଦକ୍ଷେପର ତ୍ୱରିତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ରଣନୈତିକ କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଫଳପ୍ରଦ ରିଲିଫ ବଣ୍ଟନ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ମାନ୍ୟବର ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ।

ମନ୍ତ୍ରୀ ଶ୍ରୀ ନାଏକ ପ୍ରଭାବିତ ବାସିନ୍ଦାମାନଙ୍କୁ ସହାୟତା ଦେବା ପାଇଁ ଥଇଥାନ ପଦକ୍ଷେପର ତ୍ୱରିତ ଏବଂ ଦକ୍ଷ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରସାଦ, ମଣ୍ଡଳ ବନ ଅଧିକାରୀ ଖୁଶୱନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଇହଇସ, ତହସିଲଦାର ଓ ସମ୍ମିଳିତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

# ଯୁବ କଂଗ୍ରେସ ବାଣ୍ଟିଲା ରିଲିଫ

ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଭଦ୍ରକ ଜିଲ୍ଲା ଚନ୍ଦବାଲି ନିର୍ବାଚନମଣ୍ଡଳୀର ଧାମରା ଅଞ୍ଚଳରେ ରିଲିଫ ବଣ୍ଟନ କରିଛନ୍ତି। ଦାନା ଲ୍ୟାଣ୍ଡଫଲ୍ କରିଥିବା ଅଞ୍ଚଳରେ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କ୍ଷୟକ୍ଷତି ସମ୍ପର୍କରେ ବାତ୍ୟା ପ୍ରଭାବିତଙ୍କ ଠାରୁ ଯୁବ କଂଗ୍ରେସ ଟିମ୍ ଅବଗତ ହେବା ସହିତ ତୁରନ୍ତ କ୍ଷତିପୂରଣ ଦେବାପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରନ୍ତୁ ଦାବି କରାଯାଇଛି।

ଚାଷ ଜମି ସଂପୂର୍ଣ୍ଣ ବୁଡ଼ିଯାଇଛି। ପବନ ମାଡ଼ ଯୋଗୁଁ ଧାନଗଛ ଗୁଡ଼ିକରୁ ଆଉ କିଛି ଅମଳ ହେଲାଭଳି ଆଶା ନାହିଁ। ତେଣୁ ସରକାର ହେକ୍ଟରପିଛା ୨୦ ହଜାର ଟଙ୍କା ତୁରନ୍ତ ଦିଅନ୍ତୁ। ବାତ୍ୟା ପ୍ରଭାବିତ ଅଞ୍ଚଳରୁ କୃଷିଋଣକୁ ସଂପୂର୍ଣ୍ଣ ଛାଡ଼, ବାସଗୃହ ଭାଙ୍ଗିଥିବା ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ଘର, ପରିବାଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ଦାବି ହୋଇଛି।

ଯୁବକଂଗ୍ରେସ ପକ୍ଷରୁ କୁହାଯାଇଛି, ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଲେ ଯେ ୨୪ ଘଂଟା ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରାଯିବ। ମାତ୍ର ୬୦ ଘଂଟା ପରେ ବି ବିଦ୍ୟୁତ୍ ସଂଯୋଗ କରାଯାଇନି। ଯୁଦ୍ଧକାଳୀନ ଭିତିରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଲାଗି ଦାବି କରାଯାଇଛି। ମେଡିକାଲ ଟିମ ଏବଂ ରିଲିଫ ଏକ ସପ୍ତାହ ପର୍ଯ୍ୟନ୍ତ ପ୍ରଭାବିତଙ୍କ ପାଇଁ ଉପଲବ୍ଧ କରାଯାଉ। ପ୍ରଭାବିତ ଅଞ୍ଚଳରେ ସ୍କୁଲ ଏବଂ କଲେଜର ଫି ଛାଡ଼ କରାଯିବାକୁ ଦାବି ହୋଇଛି। ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର ଦାସ, ୟାସିର ନୱାଜ, ସୁଦିପ ସାମଲ, ମନୋଜ ବିଶ୍ୱାଳ, ଅଜୟ ସାହୁ, ନିହାର ବେହେରା ପ୍ରମୁଖ ବାତ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ କରିଥିଲେ।



## ପ୍ରଥମ ବିଧାୟକ ମକରଧ୍ୱଜଙ୍କ ପରଲୋକ



ବ୍ରଜରାଜନଗର, ୨୬।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ପ୍ରଥମ ବିଧାୟକ ମକରଧ୍ୱଜ ପ୍ରଧାନଙ୍କର ଆଜି ଝାରସୁଗୁଡ଼ା ଜିଲ୍ଲା ବାଘମୁଣ୍ଡାସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୧୦୨ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଗତ ୨ମାସ ହେଲା ଶଯ୍ୟାଶାୟୀ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ବଡ଼ପୁଅ କମଳ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ୧୯୨୪ ମସିହା ଜାନୁଆରି ୧୪ ତାରିଖରେ ଜନ୍ମଗ୍ରହଣ କରିଥିବା ମକରଧ୍ୱଜ ବିଭିନ୍ନ ଆନ୍ଦୋଳନରେ ସାମିଲ୍ ହୋଇ ପରେ ରାଜନୀତିରେ ପ୍ରବେଶ କରିଥିଲେ। ପ୍ରଜା ସୋସାଲିଷ୍ଟ ଦଳରୁ ପଶ୍ଚିମ ଓଡ଼ିଶାର ଏକମାତ୍ର ପ୍ରଥମ ବିଧାୟକ ଭାବରେ ନିର୍ବାଚିତ ହେବା ତାଙ୍କ ରାଜନୈତିକ ବ୍ୟକ୍ତିତ୍ୱର ବଳିଷ୍ଠ ପରାକାଷ୍ଠା। ୧୯୫୨ ମସିହାରେ ଓଡ଼ିଶାର ପ୍ରଥମ ସାଧାରଣ ନିର୍ବାଚନରେ ମୁରା-ଅମ୍ବାଭୋନା ନିର୍ବାଚନମଣ୍ଡଳୀରୁ ମକରଧ୍ୱଜ ବିଧାୟକ ହୋଇ ୧୯୫୭ ଯାଏ ଗୃହର ସଦସ୍ୟ ଥିଲେ। ୧୯୫୭ରେ ସେ ପୁଣି ଥରେ ଲଢ଼ି ପରାଜିତ ହୋଇଥିଲେ। କୃଷି ଓ କୃଷକର ଚରମ ସପକ୍ଷବାଦୀ ଆନ୍ଦୋଳନର ସେ ପୁରୋଧା ଥିଲେ। ସେ ସମୟରେ ବ୍ରଜରାଜନଗର ଅଞ୍ଚଳ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ରହିଥିବା ବେଳେ ଲଖନପୁର ଅଞ୍ଚଳ ମୁରା ଥାନା ଅଧୀନରେ ଥିଲା। ମକରଧ୍ୱଜଙ୍କ ପୈତୃକ ଘର ରମ୍ଭାଲୁଗା ଓ ବାଘମୁଣ୍ଡାରେ ଥିଲା। ରମ୍ଭାଲୁଗା ଗାଁ ହୀରାକୁଦ ନଦୀବନ୍ଧ ଯୋଗୁଁ ବୁଡ଼ିଯିବାରୁ ଅନ୍ୟମାନଙ୍କ ସେ ଆସି ବାଘମୁଣ୍ଡା ଗାଁରେ ରହିଥିଲେ।

# ଆପାର୍ଟମେଣ୍ଟରେ ଲାଗିବ ଆଇପି କ୍ୟାମେରା

ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ): କଟକ ଓ ଭୁବନେଶ୍ୱରରେ ଥିବା ଆପାର୍ଟମେଣ୍ଟଗୁଡ଼ିକର ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟଗୁଡ଼ିକରେ ଲାଗିବ ଆଇପି ଯୁକ୍ତ କ୍ୟାମେରା। ଏହି କ୍ୟାମେରା ଲଗାଇବା ପାଇଁ ସମସ୍ତ ଆପାର୍ଟମେଣ୍ଟର ବାସିନ୍ଦା କଲ୍ୟାଣ ସଂଘଗୁଡ଼ିକୁ ସୂଚନା ଜାରି କରାଯାଇଥିବା କହିଛନ୍ତି ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ। ଆପାର୍ଟମେଣ୍ଟଗୁଡ଼ିକରେ ଚୋରି ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ରୋକିବାକୁ ଏଭଳି ପଦକ୍ଷେପ ନେଇଛି କଟକ-ଭୁବନେଶ୍ୱର କମିଶନରେଟ ପୁଲିସ୍।



ପୁଲିସ କମିଶନର ଶ୍ରୀ ସିଂହ କହିଛନ୍ତି, ଆପାର୍ଟମେଣ୍ଟରେ ରହୁଥିବା ଲୋକମାନଙ୍କ ପାଇଁ ଆମେ ଏକ ସୂଚନା ଜାରି କରିଛୁ। ସମସ୍ତ ଆପାର୍ଟମେଣ୍ଟର କଲ୍ୟାଣ ସଂଘଗୁଡ଼ିକ ଆପାର୍ଟମେଣ୍ଟର ପ୍ରବେଶ ଓ ପ୍ରସ୍ଥାନ ପଏଣ୍ଟଗୁଡ଼ିକରେ ଆଇପି ଯୁକ୍ତ କ୍ୟାମେରା ଲଗାଇବେ ଏବଂ ତାହାର ତଥ୍ୟ ଆମ କମିଶନରେଟ ପୁଲିସ୍ କଣ୍ଟ୍ରୋଲ ରୁମ୍‌କୁ ଦେବେ। ସେମାନେ ଆଇପି ଯୁକ୍ତ କ୍ୟାମେରାଗୁଡ଼ିକର ସବିଶେଷ ତଥ୍ୟ ଏସିପି କେ.କେ ହରିପ୍ରସାଦଙ୍କୁ ମୋବାଇଲ ନମ୍ବର ୭୬୦୬୦୬୬୭୬୬ରେ ଯୋଗାଇବେ। ଏଥିପାଇଁ ଆମେ ସମସ୍ତଙ୍କ ସହଯୋଗ ଆଶା କରୁଛୁ। ଆମେ ଘଟଣାଗୁଡ଼ିକର ଅନୁସନ୍ଧାନ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରୁଛୁ। ଯଦି କାହା ପାଖରେ କୌଣସି ଅଭିଯୋଗ ବା ସୂଚନା ଅଛି, ତା'ହେଲେ ଦୟାଗର ୭୦୭୭୭୯୮୧୧୧ ନମ୍ବରକୁ ହ୍ୱାଟସଆପ୍ କରିବାକୁ ପୁଲିସ କମିଶନର କହିଛନ୍ତି।

ସେ ଆହୁରି କହିଛନ୍ତି ଯେ୨୦୨୪ ମସିହାରେ ଏପର୍ଯ୍ୟନ୍ତ କଟକ ଓ ଭୁବନେଶ୍ୱରର ବିଭିନ୍ନ ଆପାର୍ଟମେଣ୍ଟରୁ ଚୋରି ହୋଇଥିବା ନେଇ ମୋଟ ୬୫ଟି ମାମଲା ରୁଜୁ ହୋଇଛି। ଏହି ସବୁ ମାମଲାରେ ଆମେ ଏଯାବତ ୨୯ ଜଣଙ୍କୁ ଗିରଫ କରିଛୁ।

# ଶୂନ୍ୟ ମୃତାହତକୁ ସୁନିଶ୍ଚିତ କରିଛି ଟିମ୍ ଅର୍ବାନ୍

ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ): ବାତ୍ୟାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ଟିମ୍ ଅର୍ବାନ୍'ର ପ୍ରଭାବୀ କାର୍ଯ୍ୟକଳାପ ଓ ପ୍ରତିରୋଧୀ ପଦକ୍ଷେପ ଫଳପ୍ରଦ ହୋଇଛି। ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଦିଗ୍‌ଦର୍ଶନରେ 'ଟିମ୍ ଅର୍ବାନ୍' ବିଭିନ୍ନ ପ୍ରସ୍ତୁତିରେ ସଫଳ ହୋଇଥିବାବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ନେତୃତ୍ୱରେ ଶୂନ୍ୟ ମୃତାହତକୁ ସୁନିଶ୍ଚିତ କରିପାରିଛି।



ଭାରତୀୟ ପାଣିପାଗ ସଂସ୍ଥାର ବାତ୍ୟା ସୂଚନା ପାଇବା ପରେ ପରେ ବିଭିନ୍ନ ମ୍ୟୁନିସିପାଲ କମିଶନର ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ନିର୍ବାହୀ ଅଧିକାରୀମାନେ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସମନ୍ୱିତ ଭାବରେ କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଦକ୍ଷତାର ସହିତ ଲୋକମାନଙ୍କ ସୁରକ୍ଷା ତଥା ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଓ ସରକାରୀ ମାର୍ଗଦର୍ଶିକା ଅନୁସାରେ ଅଧିକାରୀମାନେ କାର୍ଯ୍ୟ ପରିଚାଳନା କରିଥିଲେ। ଅଧିକାରୀମାନଙ୍କ ଯୋଗାଯୋଗ କୌଶଳ ଫଳରେ ସ୍ୱଚ୍ଛତାର ସହିତ ପ୍ରଭାବିତ ହେବାକୁଥିବା ଲୋକମାନଙ୍କ ସାଙ୍ଗରେ ସମୟୋପଯୋଗୀ ସଂପର୍କ ସ୍ଥାପନ କରାଯାଇଥିଲା, ସ୍ଥାନାନ୍ତର ଯୋଜନା, ଆଶ୍ରୟସ୍ଥଳ ଓ ସୁରକ୍ଷା ନିର୍ଦ୍ଦେଶାବଳୀ ଉପରେ ରିଅଲ୍ ଟାଇମ୍ ଅପ୍‌ଡେଟ୍ କରାଯାଇଥିବାବେଳେ ଜନସାଧାରଣଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ହ୍ରାସ ପାଇ ବିଶ୍ୱାସ ଉଦ୍ରେକ ହୋଇଥିଲା। ଅଧିକାରୀମାନେ ବୃଦ୍ଧ, ଭିନ୍ନକ୍ଷମ ଓ ପିଲାମାନଙ୍କ ସହିତ ପରିବାର ସମେତ ଅସୁରକ୍ଷିତ ଗୋଷ୍ଠୀର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ନିରାପଦ, ସୁବିଧାଜନକ ସ୍ଥାନାନ୍ତରଣ ମାର୍ଗ ଏବଂ ଆଶ୍ରୟସ୍ଥଳର ଆୟୋଜନ କରିଥିଲେ। ଆଶ୍ରୟସ୍ଥଳଗୁଡ଼ିକରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସାମଗ୍ରୀ ଇତ୍ୟାଦିର ବ୍ୟବସ୍ଥା ଫଳରେ ପ୍ରଭାବିତ ହେବାକୁ ଥିବା ଲୋକମାନଙ୍କର କୌଣସି ସମସ୍ୟା ସୃଷ୍ଟି ହୋଇ ନ ଥିଲା। ପ୍ରଭାବିତ ଅଞ୍ଚଳରେ ନିର୍ବାହୀ ଅଧିକାରୀମାନଙ୍କ ନେତୃତ୍ୱରେ ଡ୍ରେନ୍ ସଫା ଓ ପମ୍ପ ନିୟୋଜନ ଇତ୍ୟାଦି ପାଇଁ ସ୍ଥାନୀୟ ଇଂଜିନିୟରିଂ ଦଳ ସହ ସମନ୍ୱୟ ରକ୍ଷା କରାଯାଇଥିଲା। ଅନୁରୂପ ଭାବରେ ବାତ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସଫେଇ ଅଭିଯାନକୁ ତ୍ୱରାନ୍ୱିତ କରି ମୌଳିକ ସୁବିଧାସୁଯୋଗ ଫେରାଇ ଆଣିଥିଲେ ଏବଂ ଭିତ୍ତିଭୂମିଗତ କ୍ଷୟକ୍ଷତିର ଆକଳନ କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଫେରାଇ ଆଣିବାରେ ସେମାନଙ୍କ ଉଦ୍ୟମ ସଫଳ ହୋଇଥିଲା। ଉପରୋକ୍ତ ପ୍ରୟାସଗୁଡ଼ିକ ମାଧ୍ୟମରେ 'ଟିମ୍ ଅର୍ବାନ୍' କେବଳ ଜୀବନ ରକ୍ଷା କରିବାରେ ନୁହେଁ ମାନବସେବାକୁ ଅଗ୍ରାଧିକାର ଦେଇଥିଲା।



### ● ଉନ୍ନୟନ କମିଶନରଙ୍କ ବନ୍ୟା ସ୍ଥିତି ସମୀକ୍ଷା

## ବନ୍ୟା ନିୟନ୍ତ୍ରଣରେ ସମନ୍ୱୟକୁ ପ୍ରାଧାନ୍ୟ

ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ): ସମ୍ପ୍ରତି ବାତ୍ୟା 'ଦାନା' ର ପ୍ରଭାବ ତଥା ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ପ୍ରଭାବିତ ବିଭିନ୍ନ ଜିଲ୍ଲାର ସ୍ଥିତି ସମ୍ପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ଅନୁ ଗର୍ଗ ଶନିବାର ସକାଳେ ଭୁବନେଶ୍ୱର ସ୍ଥିତ ସେଚ ସଦନର ବନ୍ୟା ନିୟନ୍ତ୍ରଣ କକ୍ଷରେ ଏକ ସମୀକ୍ଷା ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଜଳ ସମ୍ପଦ ବିଭାଗର ଜିଲ୍ଲାସ୍ତରୀୟ ନୋଡାଲ ଅଫିସରମାନେ ପୂର୍ବରୁ ପ୍ରଭାବିତ ଜିଲ୍ଲାମାନଙ୍କରେ ମୁତୟନ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପରିଚାଳନା କରାଯିବାକୁ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜଳ ସମ୍ପଦ ବିଭାଗର ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ।

## ରାସ୍ତାରେ ବୋମାମାଡ଼

ବ୍ରହ୍ମପୁର,୨୬।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବସଷ୍ଟାଣ୍ଡ ନିକଟ ଏକ ଫାଇନାନ୍ସ କମ୍ପାନୀ ନିକଟରେ ବୁଲେଟରେ ଆସି ଦୁଇ ଜଣ ବ୍ୟକ୍ତି ଦୁଇ ଗୋଟି ବୋମା ପକାଇ ଫେରାର ହୋଇ ଯାଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ପ୍ରାୟ ସାତଟାରୁ ସାଢ଼େ ସାତଟା ମଧ୍ୟରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ପହଞ୍ଚି ପୁଲିସ ତନାଘନା କରିଛି। ଫୁଟିଥିବା ବୋମାର ସୁତୁଲିକୁ ପୁଲିସ ରାସ୍ତା ଉପରୁ ଜବତ କରିଛି।

# ଲାଇସେନ୍ସ ଗୋଟିଏ ସ୍ଥାନରେ: ମଦ ଦୋକାନ ଅନ୍ୟ ସ୍ଥାନରେ

ଭୁବନେଶ୍ୱର, ୨୬।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଗୋଟିଏ ସ୍ଥାନରେ ମଦ ଦୋକାନ ବସାଇବା ପାଇଁ ସରକାରଙ୍କ ଠାରୁ ଲାଇସେନ୍ସ ହାତେଇ କେତେକ ମଦ ବେପାରୀ ଅନ୍ୟ ସ୍ଥାନରେ ମଦ ଦୋକାନ କରିଛନ୍ତି। ପୁଲିସ, ପ୍ରଶାସନ, ଅବକାରୀ ବିଭାଗ, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଜ୍ଞାତସାରରେ ଏଭଳି ବେଆଇନ୍ ନିଶା ବେପାର ଚାଲିଥିବା ବେଳେ ଏହା ଉପରେ ଓଡ଼ିଶା ମଦ ମୁକ୍ତି ଅଭିଯାନ ପ୍ରଶ୍ନ ଉଠାଇଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଏଭଳି ଅନେକ ମଦ ଦୋକାନ ଚାଲିଛି। ଏବେ କଳିଙ୍ଗନଗର ଆବାସିକ ଉନ୍ନୟନ ସଂଘ (କେ-୭) ଏଭଳି ଏକ ନମୁନା ରାଜ୍ୟ ସରକାରଙ୍କ ନଜରକୁ ଆଣି ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। କଳିଙ୍ଗନଗରର ଘାଟିକିଆ ନିକଟରେ ଏକ ଘରୋଇ ବାସସ୍ଥାନରେ ଏହି ମଦ ଦୋକାନ ଖୋଲିଛି। ସୁବୁଦ୍ଧିପୁର ଠାରେ ବିଦେଶୀ ମଦ ଦୋକାନ ଖୋଲିବାକୁ ସରକାର ଅନୁମତି ଦେଇଥିବା ବେଳେ କିପରି ଏହା କଳିଙ୍ଗନଗର (କେ-୭)ର ଆବାସିକ ଅଞ୍ଚଳରେ ଖୋଲାଯାଇଛି ତାହାର ତଦନ୍ତ ପାଇଁ ଦାବି ହେଉଛି।

### ପ୍ରଶାସନର ଜ୍ଞାତସାରରେ ବେଆଇନ୍ ନିଶା ବେପାର

ଜନବସତି ମଧ୍ୟରେ ବେଆଇନ୍ ଭାବେ ଏଭଳି ମଦ ଦୋକାନ ଖୋଲାଯାଇଥିବାରୁ ମହିଳା, ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମଦୁଆମାନେ ନିଶାରେ ଚୁର୍ ହୋଇ ବହୁ ଅପ୍ରୀତିକର ଘଟଣା ଘଟାଉଛନ୍ତି। ତୁରନ୍ତ ଏହି ମଦ ଦୋକାନ ବନ୍ଦ କରାନଗଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଆବାସିକ ସଂଘ ପକ୍ଷରୁ କୁହାଯାଇଛି। କେବଳ ରାଜଧାନୀର କଳିଙ୍ଗନଗର ଅଞ୍ଚଳ ନୁହେଁ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ବି ଏଭଳି ମାଳମାଳ ଉଦାହରଣ ରହିଛି।

ଗୋଟିଏ ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପାଇ ଯେଉଁମାନେ ଅନ୍ୟ ସ୍ଥାନରେ ଖୋଲିଛନ୍ତି ସେଗୁଡ଼ିକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି ଜୋରଦାର ହେଉଛି। ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ଜାତୀୟ ରାଜପଥ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ୍, ଆବାସିକ କଲୋନୀ, ହାଟ ବଜାର ଆଦି ଅଞ୍ଚଳରେ ମଦ ଦୋକାନ ଖୋଲିବା ଉପରେ ଯେଉଁ କଟକଣା ରହିଛି ତାହାକୁ ସଂଖ୍ୟାଧିକ ସ୍ଥଳରେ ଉଲ୍ଲଂଘନ କରାଯାଉଛି। ଏହିସବୁ ନିଷିଦ୍ଧାଞ୍ଚଳରେ ମଦ ଦୋକାନ ଖୋଲାଯାଇପାରିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ଚେତାବନୀ ଦେଉଛନ୍ତି। ଏହା ସତ୍ତ୍ୱେ ଏଭଳି ଆପତ୍ତିଜନକ ଅଞ୍ଚଳରେ କେମିତି ମଦ ଦୋକାନ ଚାଲୁଛି ତାହା ଏବେ ବଡ଼ ପ୍ରଶ୍ନବାଚୀ। ମଦ ଦୋକାନ ନିକଟରେ ଚାଖଣା ଦୋକାନ ରହିପାରିବ ନାହିଁ ଏବଂ ମଦୁଆମାନେ ହାଟ ବଜାର ଓ ରାସ୍ତାଘାଟରେ ମଦ ପିଇପାରିବେ ନାହିଁ ବୋଲି ପୂର୍ବରୁ ପୁଲିସ କମିଶନରେଟ୍ ପକ୍ଷରୁ ଏକଦା କଟକଣା ଜାରି କରାଯାଇଥିଲା। ଏମିତିକି ମଦ ଦୋକାନ ବାହାରେ ଦୋକାନୀ ସିସିଟିଭି ଲଗାଇବାକୁ ବି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି ବୋଲି ଖୋଦ୍ ଏମଏଲ୍‌ଏ କଲୋନୀ ଅଞ୍ଚଳରୁ ଅଭିଯୋଗ ଆସୁଛି। ଓଡ଼ିଶା ମଦମୁକ୍ତି ଅଭିଯାନ କହିଛି ଯେ ବିଜେପି କ୍ଷମତାକୁ ଆସିଲେ ରାଜ୍ୟକୁ ନିଶାମୁକ୍ତ କରିବ ବୋଲି ଯେଉଁ ସଂକଳ୍ପପତ୍ରଘୋଷଣା କରିଥିଲା ତୁରନ୍ତ ତାହାର କାର୍ଯ୍ୟକାରୀ କରାଯାଇ ୬ମାସ ଭିତରେ ରାଜ୍ୟ ସରକାର ଏ କ୍ଷେତ୍ରରେ କେତେ ଅଗ୍ରଗତି କରିଛନ୍ତି ଏବଂ ବର୍ଷକ ଭିତରେ କେତେ ଅଗ୍ରଗତି କରିବେ ସେ ସଂକ୍ରାନ୍ତରେ ସ୍ପଷ୍ଟ ଘୋଷଣା କରିବା ଆବଶ୍ୟକ। ରାଜ୍ୟରେ ବଢ଼ି ଚାଲିଥିବା ଚୋରା ନିଶା କାରବାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବା ପାଇଁ ମଧ୍ୟ ଅଭିଯାନ ଦାବିକରିଛି। (ତଥ୍ୟ)



# କ୍ଷୟକ୍ଷତିର ହେବ ଜିଓ ଟ୍ୟାଗିଂ

## ଚାଷୀଙ୍କୁ ଅଧିକାର ଦେବାକୁ ସରକାର ପ୍ରସ୍ତୁତ



ଭୁବନେଶ୍ୱର,୨୬।୧୦ (ସଂଚାର ବ୍ୟୁରୋ): ବର୍ଷା କମିବା ପରେ ଅଫିସରମାନେ ଗ୍ରାଉଣ୍ଡକୁ ଯାଇ କ୍ଷୟକ୍ଷତିର ଜିଓ ଟ୍ୟାଗିଂ ରିପୋର୍ଟ ସରକାର ଓ କୃଷି ବିଭାଗକୁ ପଠାଇବେ। ସେହି ରିପୋର୍ଟକୁ ଆଧାର କରି କୃଷି ବିଭାଗ, ଏସ୍‌ଆର୍‌ସି ନିର୍ଦ୍ଦେଶ ଅନୁଯାୟୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଦ୍ୱାରା ଆବଶ୍ୟକ ନିଷ୍ପତ୍ତି ନିଆଯିବ। ଚାଷୀମାନଙ୍କୁ ସେମାନଙ୍କ ଅଧିକାର ଯୋଗାଇ ଦେବାକୁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଶନିବାର କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ 'ଦାନା'ଜନିତ ଫସଲ କ୍ଷୟକ୍ଷତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବାତ୍ୟା ପ୍ରଭାବରେ ରାଜ୍ୟର ୧୪ ଟି ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ପ୍ରାଥମିକ ଭାବେ ୫ ଟି ଜିଲ୍ଲା କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ ଜିଲ୍ଲାର ଚାଷଜମି ଜଳମଗ୍ନ ହେବା ସହ ଫସଲହାନି ହେବା ଆଶଙ୍କା କରାଯାଇଛି। ଭଦ୍ରକ ଜିଲ୍ଲାର ୭ ଗୋଟି ବ୍ଲକର ୮୮,୫୯୪ ହେକ୍ଟର ଜମି ଜଳମଗ୍ନ ହୋଇଥିବାବେଳେ ୨୪,୮୨୭ ହେକ୍ଟର ଜମିରେ ଫସଲହାନି ଆକଳନ କରାଯାଇଛି। ସେହିପରି, କେନ୍ଦ୍ରାପଡ଼ାର ୮ ଗୋଟି ବ୍ଲକରେ ପ୍ରାୟ ୨୮,୪୨୬ ହେକ୍ଟର ଜମି ପ୍ରଭାବିତ ହୋଇଛି। ବାଲେଶ୍ୱର ଜିଲ୍ଲାର ୧୨ ଗୋଟି ବ୍ଲକର ୪୩୯୬ ହେକ୍ଟର ଜମି ଜଳମଗ୍ନ ଥିବାବେଳେ ୩୧୪୦ ହେକଟର ଜମି ପ୍ରଭାବିତ ହୋଇଛି। ଯାଜପୁର ଜିଲ୍ଲାର ୭ ଗୋଟିଏ ବ୍ଲକର ୧୭,୬୬୬ ହେକ୍ଟର ଓ ୨୧,୭୦୯ ହେକ୍ଟର ଜମି ପ୍ରଭାବିତ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ୧୬ ଗୋଟି ବ୍ଲକରୁ ୧୮୭୨ ହେକ୍ଟର ଜମି ଜଳମଗ୍ନ ଓ ୨୩୮୧ ହେକଟର ଜମି ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଯାହାଙ୍କ ପାଖରେ ୨ ହେକ୍ଟର ପର୍ଯ୍ୟନ୍ତ ଚାଷଜମି ଥିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୩୩ ପ୍ରତିଶତରୁ ଅଧିକ ଫସଲ ହାନି କ୍ଷେତ୍ରରେ ସରକାରଙ୍କ ଧାର୍ଯ୍ୟ ସହାୟତା ମୂଲ୍ୟ ରେନଫେଡ୍ ଏରିଆରେ ହେକ୍ଟର ପିଛା ୮୫୦୦ ଟଙ୍କା, ନିଶ୍ଚିତ ଜଳସେଚନ ଏରିଆରେ ହେକ୍ଟର ପିଛା ୧,୭୦,୦୦୦ ଟଙ୍କା ଏବଂ ଆଗ୍ରୋ ଫରେଷ୍ଟ କିମ୍ବା ପ୍ଲାଣ୍ଟେସନ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ରହିଛି। ସମସ୍ତ ତଥ୍ୟ ମିଳିବା ପରେ ସରକାର ଏ ଦିଗରେ ନିଷ୍ପତ୍ତି ନେବେ ବୋଲି ବିଭାଗୀୟ ସଚିବ ଡ. ପାଢ଼ୀ କହିଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

## ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ସଗୁନ୍ କଲେକ୍ସନ




**କୋଲକାତା,୨୬।୧୦:** ଉତ୍ସବ ଋତୁରେ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ ସଗୁନ୍ କଲେକ୍ସନ ଘୋଷଣା କରାଯାଇଛି। ଏଥିରେ ଥିବା ବ୍ରାଇଡାଲ୍ ଡିଜାଇନ୍ ଦାମ୍ ୧ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। କଲେକ୍ସନରେ ହାଲୁକା ଗହଣାଠାରୁ ଆରମ୍ଭ କରି ପାରମ୍ପରିକ ରାଜକୀୟ ଡିଜାଇନ୍‌ର ଗହଣା ମଧ୍ୟ ରହିଛି। ଏ ସମ୍ପର୍କରେ କମ୍ପାନିର ଡାଇରେକ୍ଟର ଜୋଇତା ସେନ୍ କହିଛନ୍ତି ଯେ ଧନତେରସ୍ ସମୃଦ୍ଧିର ପର୍ବ ହୋଇଥିବା ବେଳେ ଆମେ ପଦ୍ମ କଲେକ୍ସନ ଆଣିଛୁ। ଆଧୁନିକ ମହିଳାମାନଙ୍କୁ ଦୃଷ୍ଟିରେ ରଖି ଗହଣାଗୁଡ଼ିକର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ସେଗୁଡ଼ିକ ହାଲୁକା ହୋଇଥିବା ବେଳେ ପକେଟ୍‌କୁ ସୁହାଇବ ବୋଲି ସେ କହିଛନ୍ତି। ସେହିପରି କମ୍ପାନିର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି ଯେ ଧନ୍‌ତେରସ୍ ପାଇଁ ଚଳିତ ମାସ ୧୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଆମ ସୋ'ରୁମ୍‌ଗୁଡ଼ିକରେ ଆକର୍ଷଣୀୟ ଅଫର ଉପଲବ୍ଧ ରହିଛି। ସୁନା ଗହଣା ଗଢ଼ା ମଜୁରି ଉପରେ ଗ୍ରାମ୍ ପିଛା ୪୫୦ ଟଙ୍କା ପର୍ଯ୍ୟନ୍ତ ରିହାତି, ହୀରା ମୂଲ୍ୟ ଉପରେ ୧୦ ପ୍ରତିଶତ ରିହାତି ଥିବା ବେଳେ ହୀରା ଗହଣା ଗଢ଼ା ମଜୁରି ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଛାଡ଼ ରହିଛି। ପୁରୁଣା ସୁନା ବଦଳ ବେଳେ କୌଣସି ମୂଲ୍ୟ କଟାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ପୋଲ୍‌କି ଗହଣା ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ, ପ୍ଲାଟିନମ୍ ଗହଣାରେ ୧୫ ପ୍ରତିଶତ ପର୍ଯ୍ୟନ୍ତ ଓ ସିଲଭର ସାମଗ୍ରୀର ଗଢ଼ା ମଜୁରି ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ତଥା ଜେମ୍‌ଷ୍ଟୋନ୍ ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଗ୍ରାହକମାନେ ଲକି ଡ୍ର'ରେ ଭାଗ ନେଇ ଇଭି କାର୍ ଓ ୧୫ଟି ଆଇଫୋନ୍ ୧୬ ଜିତିବାର ସୁଯୋଗ ରହିଛି।

## ମହଙ୍ଗା ରିଚାର୍ଜ ପ୍ରଭାବ

# ଗ୍ରାହକ ବିଏସ୍‌ଏନ୍‌ଏଲ୍ ମୁହାଁ

- ଘରୋଇ କମ୍ପାନି ହାତ ଛାଡ଼ିଲେ ଗ୍ରାହକ
- ଓଡ଼ିଶାରୁ କଟିଲେ ୪ ଲକ୍ଷ ୩୦ ହଜାର
- ଦେଶ ହରାଇଲା ୫୭ ଲକ୍ଷ ୭୧ ହଜାର

**କିଏ ଯୋଡ଼ିଲା, କିଏ ହରାଇଲା**

| କମ୍ପାନି | ଗ୍ରାହକ ହ୍ରାସ(-)/ବୃଦ୍ଧି(+) |
|---|---|
| ବିଏସ୍‌ଏନ୍‌ଏଲ୍ | +୬୦,୩୨୯ |
| ଜିଓ | -୩,୪୨,୩୮୮ |
| ଏୟାରଟେଲ୍ | -୧,୫୫,୪୬୬ |
| ଭୋଡା ଆଇଡିଆ | +୭୧୩୭ |

**ଭୁବନେଶ୍ୱର,୨୬।୧୦(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଜୁଲାଇରେ ଦେଶର ତିନି ଘରୋଇ ଟେଲିକମ୍ କମ୍ପାନି ଭାରତୀ ଏୟାରଟେଲ୍, ରିଲାଏନ୍ସ ଜିଓ ଓ ଭୋଡାଫୋନ୍ ଆଇଡିଆ ରିଚାର୍ଜ ଦାମ୍‌ରେ ୨୫% ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ତାହା ଗ୍ରାହକମାନଙ୍କୁ ବାଧିଛି। ଏହାର ପ୍ରତିଫଳନ ଅଗଷ୍ଟ ମାସରେ ସୃଷ୍ଟି ହୋଇଥିବା ନୂଆ ଗ୍ରାହକ ତଥ୍ୟରେ ଦେଖିବାକୁ ମିଳିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଜାରି କରିଥିବା ତଥ୍ୟ ଅନୁସାରେ ବିଏସ୍‌ଏନ୍‌ଏଲ୍ ହେଉଛି ଏକମାତ୍ର କମ୍ପାନି ଯାହା ନୂଆ ଗ୍ରାହକ ଯୋଡ଼ିଛି। ଘରୋଇ କମ୍ପାନିଗୁଡ଼ିକ ପୁରୁଣା ଗ୍ରାହକ ହରାଇଛନ୍ତି। ଜିଓ ୪୦.୧ ଲକ୍ଷ, ଏୟାରଟେଲ୍ ୨୪ ଲକ୍ଷ ଓ ଭୋଡାଫୋନ୍ ଆଇଡିଆ ୧୮ ଲକ୍ଷ ଗ୍ରାହକ ହରାଇଛନ୍ତି। କିନ୍ତୁ ବିଏସ୍‌ଏନ୍‌ଏଲ୍ ୨୫ ଲକ୍ଷ ୩୨ ହଜାର ୮୫୪ ନୂଆ ଗ୍ରାହକ ଯୋଡ଼ିବାରେ ସଫଳ ହୋଇଛି। ଚଳିତ ବର୍ଷ ଅଗଷ୍ଟରେ ଦେଶରେ ୫୭ ଲକ୍ଷ ୭୧ ହଜାର ମୋବାଇଲ୍ ଗ୍ରାହକ କଟିଛନ୍ତି। ଫଳରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧୧୬ କୋଟି ୮୩ ଲକ୍ଷକୁ ହ୍ରାସ ପାଇଛି। ସେହିପରି, ଓଡ଼ିଶାରେ ମଧ୍ୟ ୪ ଲକ୍ଷ ୩୦ ହଜାର ୩୮୮ ମୋବାଇଲ୍ ଗ୍ରାହକ କଟିଛନ୍ତି। ତେଣୁ, ରାଜ୍ୟର ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୩ କୋଟି ୩୯ ଲକ୍ଷ ୪୭ ହଜାର ୧୬୩କୁ ହ୍ରାସ ପାଇଛି। କେବଳ ଦେଶରେ ନୁହେଁ ଓଡ଼ିଶାରେ ମଧ୍ୟ ବିଏସ୍‌ଏନ୍‌ଏଲ୍ ବହୁ ସଂଖ୍ୟାରେ ନୂଆ ଗ୍ରାହକ ଯୋଡ଼ିବାରେ ସଫଳ ହୋଇଛି। ଅଗଷ୍ଟ ମାସରେ ବିଏସ୍‌ଏନ୍‌ଏଲ୍ ଗ୍ରାହକ ସଂଖ୍ୟା ୬୦୩୨୯ ବୃଦ୍ଧି ପାଇ ୫୪ ଲକ୍ଷ ୫୨ ହଜାର ୮୧୧ରେ ପହଞ୍ଚିଛି। ଭୋଡାଫୋନ୍ ଆଇଡିଆ ମଧ୍ୟ ୭୧୩୭ ଗ୍ରାହକ ଯୋଡ଼ିଛି। କିନ୍ତୁ ଦୁଇ ବଡ଼ ଟେଲିକମ୍ କମ୍ପାନି ରିଲାଏନ୍ସ ଜିଓ ଓ ଭାରତୀ ଏୟାରଟେଲ୍ ରାଜ୍ୟରେ ଯଥାକ୍ରମେ ୩,୪୨,୩୮୮ ଓ ୧,୫୫,୪୬୬ ପୁରୁଣା ଗ୍ରାହକଙ୍କୁ ହରାଇଛନ୍ତି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ରାଜ୍ୟର ୧ କୋଟି ୫୬ ଲକ୍ଷ ୭ ହଜାର ୮୬୮ ଗ୍ରାହକ ଜିଓ ପାଖରେ ଥିବା ବେଳେ ୧ କୋଟି ୧୪ ଲକ୍ଷ,୮୨,୧୭୦ ଗ୍ରାହକ ଏୟାରଟେଲ୍ ପାଖରେ ରହିଛନ୍ତି। ଭୋଡାଫୋନ୍ ଆଇଡିଆର ରାଜ୍ୟରେ ୧୪ ଲକ୍ଷ ୪ ହଜାର ୩୧୪ ଜଣ ଗ୍ରାହକ ଅଛନ୍ତି। ଗୋଟିଏ ମାସରେ ଚାରି ଲକ୍ଷରୁ ଅଧିକ ପୁରୁଣା ଗ୍ରାହକ କଟିଯିବା କାରଣରୁ ରାଜ୍ୟର ଟେଲି ସାନ୍ଦ୍ରତା ୭୭.୫୭କୁ ହ୍ରାସ ପାଇଛି ଯାହା ଜାତୀୟ ହାର ୮୫.୪୩ଠାରୁ କମ୍। ଏ ସମ୍ପର୍କରେ ସୂଚନା ପ୍ରଯୁକ୍ତି ବିଶେଷଜ୍ଞ ଲିଙ୍ଗରାଜ ସେଠୀ କହିଛନ୍ତି ଯେ ସୁଲଭତା ହେଉଛି ଏକ ବଡ଼ କାରଣ ଯେଉଁଥିପାଇଁ ମୋବାଇଲ୍ ଗ୍ରାହକ ସଂଖ୍ୟାରେ ହ୍ରାସ ଘଟିଛି। ଦେଶରେ ହଜାରେ ଦେଢ଼ ହଜାର ଟଙ୍କାରେ ମୋବାଇଲ୍ ମିଳିଯାଉଥିବା ବେଳେ ଏବେ କିନ୍ତୁ ଘରୋଇ କମ୍ପାନି ସଂଯୋଗ ନେଲେ ମାସକୁ ସର୍ବନିମ୍ନ ୩୦୦ ଟଙ୍କା ରିଚାର୍ଜ କରିବାକୁ ପଡୁଛି ଯାହା ଗରିବ ଶ୍ରେଣୀର ପରିବାର ପାଇଁ ସହଜ ନୁହେଁ। ଏହା ବ୍ୟତୀତ ଗ୍ରାହକ ସନ୍ତୁଷ୍ଟି, କଲ୍ ଡ୍ରପ୍, ଡାଟା ବ୍ୟବହାର ଏବଂ ଟାୱାରରେ ହେଉଥିବା ଅସ୍ଥିରତା ମଧ୍ୟ ମୋବାଇଲ୍ ଗ୍ରାହକ କମ୍ ହେବା ଲାଗି ଦାୟୀ ବୋଲି ସେ କହିଛନ୍ତି। ଶ୍ରୀ ସେଠୀ ଜଣାଇଛନ୍ତି ଯେ ଘରୋଇ ଟେଲିକମ୍ କମ୍ପାନିଗୁଡ଼ିକ ପୂର୍ବରୁ କେବଳ ଡାଉନ୍‌ଲୋଡ୍‌ରେ ଡାଟା କାଟୁଥିଲେ। ଏବେ କିନ୍ତୁ ବ୍ରାଉଜିଂ ସମୟରେ ମଧ୍ୟ ଡାଟା ବ୍ୟବହାର ହେଉଥିବା ଦର୍ଶାଇ ତାହାକୁ ଦୈନିକ କୋଟାରୁ କାଟି ଦେଉଛନ୍ତି। ଫଳରେ ଗ୍ରାହକମାନେ ପୂର୍ବରୁ ଡାଟାକୁ ଯେତିକି ବ୍ୟବହାର କରିପାରୁଥିଲେ ଏବେ ତାହା କରିପାରୁନାହାନ୍ତି। ତାହା ମଧ୍ୟ ଏକ ନିର୍ଦ୍ଦିଷ୍ଟ ନେଟ୍‌ୱର୍କରୁ ଗ୍ରାହକ ଦୂରେଇ ଯିବାର କାରଣ ହୋଇପାରେ ବୋଲି ସେ କହିଛନ୍ତି।

## ଫକ୍ସୱାଗନ୍ ଭିର୍ଟସ୍ ବିକ୍ରି ୫୦ ହଜାର ଟପିଲା




**ମୁମ୍ବାଇ, ୨୬।୧୦:** ଫକ୍ସୱାଗନ୍ ଇଣ୍ଡିଆ ପକ୍ଷରୁ ଦେଶ ଭିତରେ ୫୦ ହଜାରରୁ ଅଧିକ ଭିର୍ଟସ୍ ବିକ୍ରି କରାଯାଇଥିବା ଘୋଷଣା କରାଯାଇଛି। ବଜାରରେ ପ୍ରବେଶ କରିବାର ୨୮ ମାସ ମଧ୍ୟରେ କମ୍ପାନି ଏହି ପ୍ରିମିୟମ୍ ସେଦାନ୍‌କୁ ନେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଦେଶରେ ଦୈନିକ ହାରାହାରି ୬୦ଟି ଭିର୍ଟସ୍ ବିକ୍ରି ହେଉଛି। କମ୍ପାନି ଚଳିତ ବର୍ଷ ଏହାର ୧୭,୦୦୦ରୁ ଅଧିକ ଗାଡ଼ି ବିକ୍ରି କରିଛି।

ଏହି ଅବସରରେ କମ୍ପାନିର ବ୍ରାଣ୍ଡ୍ ନିର୍ଦ୍ଦେଶକ ଆଶିଷ ଗୁପ୍ତା କହିଛନ୍ତି ଯେ ଫକ୍ସୱାଗନ ଭିର୍ଟସ୍‌କୁ ଭାରତର ଏକ ନମ୍ବର ପ୍ରିମିୟମ୍ ସେଦାନରେ ପରିଣତ କରିଥିବାରୁ ସମସ୍ତ ଗ୍ରାହକଙ୍କୁ ଆମେ କୃତଜ୍ଞତା ଜଣାଉଛୁ। ଏହାର ୫୦ ହଜାର ୟୁନିଟ୍ ବିକ୍ରି ଭାରତୀୟ ବଜାରରେ ଉତ୍ପାଦର ସଫଳତାକୁ ଦର୍ଶାଉଛି। ବଜାରରେ ଅସ୍ଥିରତା ସତ୍ତ୍ୱେ ଏହାର ବିକ୍ରି ଧାରା ବଜାୟ ରହିଥିବା ସେ କହିଛନ୍ତି। ଭାରତରେ କମ୍ପାନି ୬.୫ ଲକ୍ଷ ପାଇକାରୀ ମାଇଲଖୁଣ୍ଟ ମଧ୍ୟ ଅତିକ୍ରମ କରିଛି। କମ୍ପାନିର ଦୁଇ ମଡେଲ୍ ଟାଇଗୁନ୍ ଓ ଭିର୍ଟସ୍ ଜରିଆରେ ଏହା ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି ବୋଲି ସେ କହିଛନ୍ତି।

## ଖିମ୍‌ଜୀ ଜୁଏଲର୍ସର 'ରୌନକ ୱାଲି ଦିୱାଲି'




**ଭୁବନେଶ୍ୱର, ୨୬।୧୦(ସଂଚାର ବ୍ୟୁରୋ):** ଖିମଜୀ ଜୁଏଲର୍ସ ପକ୍ଷରୁ 'ରୌନକ ୱାଲି ଦିୱାଲି' ଅଭିଯାନ ଘୋଷଣା କରାଯାଇଛି। ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ଅଭିନୀତ ବହୁଳ ପ୍ରସାରିତ ବିଜ୍ଞାପନ ଚଳଚ୍ଚିତ୍ରକୁ ନେଇ ଏହି ବ୍ରାଣ୍ଡ୍ ସମ୍ପ୍ରତି ଦୀପାବଳିରେ ଆକର୍ଷଣୀୟ କାରବାରର ଗ୍ୟାରେଣ୍ଟି ଦେଉଛି। ସୁନା ଗହଣା ଗଢା ମଜୁରି ଉପରେ ଫ୍ଲାଟ ୫୦% ଓ ହୀରା ଗହଣା ଗଢା ମଜୁରିରେ ଫ୍ଲାଟ ୨୦% ରିହାତି, ରୂପା ଅଳଙ୍କାର ଗଢା ମଜୁରିରେ ଫ୍ଲାଟ ୨୫% ଛାଡ଼ ଏବଂ ରୂପା ସାମଗ୍ରୀର ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ଫ୍ଲାଟ୍ ୧୫% ଛାଡ ପ୍ରଦାନ କରାଯାଉଛି। ସେହିପରି, ଫେସନ୍ ଅଳଙ୍କାରର ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ଫ୍ଲାଟ ୨୦% ଛାଡ଼ ଏବଂ ୧୮କେ ସିଜେଡ୍ ଅଳଙ୍କାରର ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ଫ୍ଲାଟ୍ ୧୦% ରିହାତି ପ୍ରଦାନ କରାଯାଉଛି। ଲକଜୁରି ଘଡି ବର୍ଗରେ ୭୦% ପର୍ଯ୍ୟନ୍ତ ଅଫର ଘୋଷଣା କରିଛି। ଖିମ୍‌ଜୀର 'ରୌନକ ହେ ତୁମ୍‌ସେ' ଅଭିଯାନ ସମଗ୍ର ରାଜ୍ୟରେ ବିପୁଳ ଚର୍ଚ୍ଚାର ବିଷୟ ହୋଇଛି ଏବଂ ୟୁଟ୍ୟୁବରେ ଏହାକୁ ୧୫ ନିୟୁତରୁ ଅଧିକ ଦର୍ଶକ ଦେଖିସାରିଛନ୍ତି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ ଏହା ଭାରତୀୟ ସମାଜରେ ମହିଳାମାନଙ୍କର ସାମର୍ଥ୍ୟ, ଦୃଢ଼ତା ଏବଂ ଔଜଲ୍ୟ ଉପରେ ଆଲୋକପାତ କରୁଛି। ପ୍ରକୃତି ମିଶ୍ରଙ୍କ ସହିତ ଆମର ସହଯୋଗିତା ଏହି ଅଭିଯାନର ସୌନ୍ଦର୍ଯ୍ୟ, ଯଥାର୍ଥତା ଏବଂ ଉଦ୍ଦେଶ୍ୟକୁ ଉଲ୍ଲେଖନୀୟ ଭାବରେ ପରିବର୍ଦ୍ଧିତ କରିଛି। ଏହି ଅଫରଗୁଡ଼ିକ ଆମ ବ୍ୟାପକ ବର୍ଗର ଅଳଙ୍କାର ସମୂହକୁ ଆକର୍ଷଣୀୟ କରିଛି। ଆମେ ଓଡ଼ିଶା ଏବଂ ରାଜ୍ୟ ବାହାର ଗ୍ରାହକଙ୍କୁ ସେବା ଯୋଗାଇଦେବାର ଆଗ୍ରହ ରଖୁଛୁ ଏବଂ ପ୍ରତ୍ୟେକଙ୍କୁ ଏକ ସୁଖଦ ଓ ସମୃଦ୍ଧିଶାଳୀ ଦୀପାବଳି କାମନା କରୁଛୁ ବୋଲି ସେ କହିଛନ୍ତି। ଏହି ଅଫରଗୁଡ଼ିକ ପାଇଁ ନିକଟତମ ଖିମ୍‌ଜୀ ଜୁଏଲର୍ସ ସୋ'ରୁମ୍‌ରେ ଉପଲବ୍ଧ। ବିସ୍ତୃତ ସୂଚନା ନିମନ୍ତେ ଗ୍ରାହକମାନେ ୧୮୦୦ ୩୧୩୧ ୭୭୭କୁ କଲ୍ କରିପାରିବେ।

## ରତନ ଟାଟାଙ୍କ ୧୦ ହଜାର କୋଟିର ଇଚ୍ଛାପତ୍ର



**ମୁମ୍ବାଇ,୨୬।୧୦:** ବଦାନ୍ୟ ଶିଳ୍ପପତି ରତନ ଟାଟାଙ୍କ ଦେହାନ୍ତ ପରେ ତାଙ୍କ ୧୦ ହଜାର କୋଟି ଟଙ୍କାର ଇଚ୍ଛାପତ୍ରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନିଜ ସମ୍ପତ୍ତି କେଉଁମାନଙ୍କୁ ମିଳିବ ସେଥିରେ ସେ ଉଲ୍ଲେଖ କରିଛନ୍ତି। ତାଙ୍କ ପୋଷା କୁକୁର ଟିଟୋକୁ ଯେଭଳି ଅସୀମିତ ଯତ୍ନ ମିଳିପାରିବ ସେଥିପାଇଁ ସେ ଇଚ୍ଛାପତ୍ରରେ ବ୍ୟବସ୍ଥା କରିଛନ୍ତି। ଛଅ ବର୍ଷ ପୂର୍ବେ ସେ ଏହି ଜର୍ମାନ ସେପର୍ଡ ବ୍ରିଡ୍‌ର କୁକୁରକୁ ଘରକୁ ଆଣିଥିଲେ। ତାଙ୍କ ରୋଷେୟା ରାଜନ ସ' କୁକୁରଟିର ଯତ୍ନ ନେଉଛନ୍ତି। ଏହି ଇଚ୍ଛାପତ୍ରରେ ଟାଟାଙ୍କ ଘନିଷ୍ଠ କୁହାଯାଉଥିବା ଯୁବକ ଶାନ୍ତନୁ ନାଇଡୁଙ୍କ ନାମ ରହିଛି। ତାଙ୍କ ଷ୍ଟାର୍ଟଅପ୍ ପାଇଁ ଦିଆଯାଇଥିବା ଋଣ ଛାଡ଼ କରିବାକୁ ରତନ ଟାଟା ଇଚ୍ଛାପତ୍ରରେ ଲେଖିଛନ୍ତି। ରତନ ଟାଟାଙ୍କ ପ୍ରାୟ ୧୦ ହଜାର କୋଟି ଟଙ୍କା ସମ୍ପତ୍ତିର ରକ୍ଷଣାବେକ୍ଷଣ ରତନ ଟାଟା ଏଣ୍ଡାଓମେଣ୍ଟ ଫାଉଣ୍ଡେସନ କରିବ। ସେ ନିଜ ସମ୍ପତ୍ତିର କିଛି ଅଂଶ ଭାଇ ଜିମି ଟାଟା, ସାବତ ଭଉଣୀ ଶିରିନ ଓ ଡିଆନା ଜିଜିଭୋୟ, ଘରୋଇ ସହାୟକ ଓ ଅନ୍ୟମାନଙ୍କ ନାମରେ କରିଛନ୍ତି। ଟାଟାଙ୍କ ନାମରେ ଅଲିବାଗରେ ୨୦୦୦ ବର୍ଗଫୁଟର ଏକ ବଙ୍ଗଳା, ଜୁହୁରେ ଦୁଇ ମହଲା କୋଠା, ୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଫିକ୍ସଡ୍ ଡିପୋଜିଟ୍ ଓ ଟାଟା ସନ୍ସରେ ୦.୮୩ ପ୍ରତିଶତ ଅଂଶଧନ ରହିଛି। ୨୦୨୨ ସେପ୍ଟେମ୍ବର ୩ରେ ସେ ନିଜ ନାଁରେ ଫାଉଣ୍ଡେସନ ସ୍ଥାପନ କରିଥିଲେ। ତାହା ଅଣଲାଭଜନକ ସଂସ୍ଥା ଭାବେ ପରିଚାଳିତ ହେବ। ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ତାହାର ନେତୃତ୍ୱ ନେବେ। ବିଭିନ୍ନ ଷ୍ଟାର୍ଟଅପ୍‌ରେ ଟାଟା ଯେଉଁ ନିବେଶ କରିଥିଲେ ତାହାକୁ ବିକ୍ରି କରାଯିବ। ସେଥିରୁ ଯେଉଁ ପାଣ୍ଠି ମିଳିବ ତାହା ଫାଉଣ୍ଡେସନକୁ ଦିଆଯିବ। ରତନ ଟାଟାଙ୍କ ୨୦-୩୦ ବିଳାସପୂର୍ଣ୍ଣ କାର୍ ରହିଛି। ଟାଟା ଗ୍ରୁପ୍ ସେଗୁଡ଼ିକୁ ଅଧିଗ୍ରହଣ କରି ପୁନେର ଏକ ସଂଗ୍ରହାଳୟରେ ପ୍ରଦର୍ଶିତ କରିବ ଅନ୍ୟଥା ସେଗୁଡ଼ିକୁ ନିଲାମ କରାଯିବ।

## ନିବେଶକଙ୍କ ୬ ଲକ୍ଷ କୋଟି ଡୁବିଲା

- ସେନ୍‌ସେକ୍ସ ୬୬୩ ପଏଣ୍ଟ ହ୍ରାସ




**ମୁମ୍ବାଇ, ୨୬।୧୦:** ଭାରତୀୟ ଷ୍ଟକ୍ ବଜାର ଏବେ ଖରାପ ସମୟ ଦେଇ ଗତି କରୁଛି। ବିଦେଶୀ ନିବେଶକମାନେ ପାଣ୍ଠି ପ୍ରତ୍ୟାହାର କରୁଥିବା ବେଳେ କମ୍ପାନିଗୁଡ଼ିକର ବ୍ୟବସାୟ ଆଶାନୁରୂପ ନ ରହିବା କାରଣରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସେମାନେ ନିଜ ପାଖରେ ଥିବା ସେୟାର ବିକ୍ରି କରୁଥିବାରୁ ଲଗାତାର ଭାବେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ତଳକୁ ଖସୁଛି। ଶୁକ୍ରବାର ତାହା ୬୬୩ ପଏଣ୍ଟ ହ୍ରାସ ପାଇ ୭୯୪୦୨ ପଏଣ୍ଟରେ ବନ୍ଦ ହୋଇଛି। ଏହାର ନିବେଶକ (ଏଫ୍‌ଆଇଆଇ)ମାନେ ଭାରତୀୟ ଷ୍ଟକ୍ ବଜାରରୁ ୧ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିସାରିଲେଣି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୨୧୮ ପଏଣ୍ଟ ହ୍ରାସ ପାଇ ୨୪,୧୮୦ ପଏଣ୍ଟରେ ବନ୍ଦ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଲାର୍ସନ ଆଣ୍ଡ ଟୁବ୍ରୋ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏନ୍‌ଟିପିସି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ, ଇନ୍‌ଫୋସିସ୍ ଓ ବଜାଜ ଫାଇନାନ୍ସର ସେୟାର ମୂଲ୍ୟ ହ୍ରାସ ପାଇଛି। ପ୍ରଭାବରେ ନିବେଶକମାନଙ୍କ ୬ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ପରିମାଣ ୪୩୭.୭୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। କେବଳ ଚଳିତ ସପ୍ତାହରେ ସେନ୍‌ସେକ୍ସରେ ୧୮୨୨ ପଏଣ୍ଟ ହ୍ରାସ ଘଟିଛି। ସେହି ସମୟରେ ନିଫ୍‌ଟି ୬୭୩ ପଏଣ୍ଟ ହରାଇଛି। ଚଳିତ ମାସରେ ବୈଦେଶିକ ସଂସ୍ଥାଗତ

## ମୁଦ୍ରା ଋଣ ସୀମା ୨୦ ଲକ୍ଷକୁ ବୃଦ୍ଧି




**ନୂଆଦିଲ୍ଲୀ, ୨୬।୧୦:** କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ମୁଦ୍ରା ଋଣ ଯୋଜନାରେ ଋଣର ସୀମାକୁ ୧୦ ଲକ୍ଷ ଟଙ୍କାରୁ ବଢ଼ାଇ ୨୦ ଲକ୍ଷ ଟଙ୍କା କରିଛନ୍ତି। ଏ ସମ୍ପର୍କରେ ଚଳିତ ବର୍ଷ ବଜେଟ୍‌ରେ ଘୋଷଣା ହୋଇଥିଲା। ଏଥିପାଇଁ ମୁଦ୍ରା ଋଣରେ 'ତରୁଣ ପ୍ଲସ୍' ନାମରେ ଏକ ନୂତନ ବର୍ଗ ସାମିଲ କରାଯାଇଛି। ସେଥିରେ ୧୦-୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମଞ୍ଜୁର କରାଯିବ। ଯେଉଁ ଉଦ୍ୟୋଗୀମାନେ ତରୁଣ ବର୍ଗରେ ଋଣ ନେଇ ସଫଳତାର ସହ ତାହାକୁ ପରିଶୋଧ କରିଥିବେ ସେମାନେ ତରୁଣ ପ୍ଲସ୍ ବର୍ଗରେ ଅଧିକ ଋଣ ପାଇପାରିବେ।

୨୦୧୫ ଏପ୍ରିଲ୍ ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଦ୍ରା ଋଣ ଯୋଜନା ଘୋଷଣା କରିଥିଲେ। ଏଥିରେ ଉଭୟ ଦୀର୍ଘକାଳୀନ ଓ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟତା ପୂରଣ କରିବା ଲାଗି ଋଣ ଦିଆଯାଉଛି। ମାନୁଫାକ୍‌ଚରିଂ, ଟ୍ରେଡିଂ, ସେବା, କୁକୁଡ଼ା ପାଳନ, ଦୁଗ୍ଧଚାଷ ଓ ମହୁମାଛି ଚାଷ ଆଦି ପାଇଁ ମୁଦ୍ରା ଋଣ ଦିଆଯାଉଛି।

## ନାଡେଲାଙ୍କ ଦରମା ୬୬୫ କୋଟି



**ନୂଆଦିଲ୍ଲୀ,୨୬।୧୦:** ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲାଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନି ୬୬୫ କୋଟି ଟଙ୍କାର ବେତନ ପ୍ରଦାନ କରିଛି ଯାହା ପୂର୍ବବର୍ଷ ତୁଳନାରେ ୬୩ ପ୍ରତିଶତ ଅଧିକ। ୨୦୨୩ରେ ତାଙ୍କୁ ୪୦୮ କୋଟି ଟଙ୍କାର ବେତନ ମିଳିଥିଲା। ୨୦୧୪ରେ ମାଇକ୍ରୋସଫ୍ଟର ସିଇଓ ହୋଇଥିଲେ ନାଡେଲା। ୨୦୨୧ରେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ଅଧ୍ୟକ୍ଷ ପଦ ପ୍ରଦାନ କରାଯାଇଥିଲା। ୨୦୨୩ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରିଥିଲେ।

## ଆଇଡିବିଆଇର ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୨୬।୧୦:** ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ଓ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ସେହିଭଳି ଏହି ଅବଧି ମଧ୍ୟରେ ବ୍ୟାଙ୍କର ଶୁଦ୍ଧ ଲାଭ ୧୮୬୮କୋଟି ଟଙ୍କା ରହିଛି, ଯାହା ବାର୍ଷିକ ଆଧାରରେ ୩୯%ର ମଜଭୁତ ଅଭିବୃଦ୍ଧି ହାସଲ କରିଛି। ସେହିପରି ପରିଚାଳନାଗତ ଲାଭ ବାର୍ଷିକ ଆଧାରରେ ୪୫% ବୃଦ୍ଧି ହୋଇ ୩୦୦୬ କୋଟି ଟଙ୍କା ରହିଛି। ଏହି ଅବଧି ମଧ୍ୟରେ ଏନ୍‌ଆଇଏମ୍ ୪.୮୭% ରେକର୍ଡ କରାଯାଇଥିଲାବେଳେ ନେଟ୍ ସୁଧ ଆୟ ବାର୍ଷିକ ହାରରେ ୨୬% ବୃଦ୍ଧି ହୋଇ ୩୮୭୫ କୋଟି ଟଙ୍କା ରହିଛି। ଏପରିକି ୨ୟ ତ୍ରୈମାସିକରେ ବ୍ୟାଙ୍କର ଜମା ଖର୍ଚ୍ଚ ୪.୬୬% ରହିଛି, ଯାହା ଗତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୪.୨୨% ରହିଥିଲା। ସେହିପରି ସିଆର୍‌ଏଆର୍ ବାର୍ଷିକ ଆଧାରରେ ୭୨ ବିପିଏସ୍ ବୃଦ୍ଧି ହୋଇ ୨୧.୯୮% ରହିଥିଲାବେଳେ ୨ୟ ତ୍ରୈମାସିକରେ ରିଟର୍ନ ଅନ୍ ଆସେଟ୍‌ସ ବାର୍ଷିକ ଆଧାରରେ ୩୮ ବିପିଏସ୍ ବୃଦ୍ଧି ହୋଇ ୧.୯୭% ରହିଛି ଏବଂ ରିଟର୍ନ ଅନ୍ ଇକ୍ୱିଟି ବାର୍ଷିକ ଆଧାରରେ ୧୩୦ ବିପିଏସ୍ ବୃଦ୍ଧି ହୋଇ ୨୦.୩୫% ରହିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ନେଟ୍ ସୁଧ ଆୟ ୨୬% ବୃଦ୍ଧି ହୋଇ ୩୮୭୫ କୋଟି ଟଙ୍କା ରହିଛି, ଯାହା ଗତ ଆର୍ଥିକ ବର୍ଷର ଏହି ତ୍ରୈମାସିକରେ ୩୦୬୬ କୋଟି ଟଙ୍କା ରହିଥିଲା। ୨୦୨୪-୨୫ର ୨ୟ ତ୍ରୈମାସିକରେ ନେଟ୍ ସୁଧ ମାର୍ଜିନ (ଏନ୍‌ଆଇଏମ୍) ୫୪ ବିପିଏସ୍ ବୃଦ୍ଧି ହୋଇ ୪.୮୭% ରହିଛି, ଯାହା ୨୦୨୩-୨୪ର ୨ୟ ତ୍ରୈମାସିକରେ ୪.୩୩% ଥିଲା। ନେଟ୍ ଏନ୍‌ପିଏ ଅନୁପାତ ଗତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକର ୦.୩୯% ତୁଳନାରେ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୦.୨୦% ରହିଛି। ପିସିଆର୍ ୯୯.୪୨% ରହିଛି ଯାହା ବାର୍ଷିକ ଆଧାରରେ ୩୨ ବିପିଏସ୍ ବୃଦ୍ଧି ପାଇଛି।

## ରୁପା ଦର ହେବ କିଲୋ ପିଛା ୧.୨୫ ଲକ୍ଷ!



**ନୂଆଦିଲ୍ଲୀ,୨୬।୧୦:** ସୁନା ସାଙ୍ଗରେ ତାଳ ଦେଇ ବଢ଼ି ଚାଲିଛି ରୁପା ଦର। ଆଗାମୀ କିଛି ମାସ ମଧ୍ୟରେ ରୁପା ଦରବୃଦ୍ଧି ହାର ସୁନାକୁ ବି ଟପିପାରେ। ଆସନ୍ତା ବର୍ଷ କିମ୍ବା ତାର ତିନିରୁ ଚାରି ମାସ ମଧ୍ୟରେ ସୁନା କିଲୋ ପିଛା ୧ ଲକ୍ଷ ୨୫ ହଜାର ଛୁଇଁବା ନେଇ ରିପୋର୍ଟ ପ୍ରକାଶ ପାଇଛି। ମୋତିଲାଲ ଓସୱାଲ ଫାଇନାନସିଆଲ ସର୍ଭିସେସ୍ ଲିମିଟେଡ୍ ଏହି ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ କୁହାଯାଇଛି ଯେ, ଉପରେ ରୁପା କିଲୋଗ୍ରାମ ପିଛା ୧,୨୫,୦୦୦ ଟଙ୍କାରେ ପହଞ୍ଚିବାର ସମ୍ଭାବନା ରହିଛି। ଆହୁରି ଆକଳନ କରିଛି ଯେ, ଆଗକୁ ସୁନା ଦର ୧୦ ଗ୍ରାମ ପ୍ରତି ୮୧,୦୦୦ ଟଙ୍କା ହୋଇପାରେ। ଏହି ଦର କିଛି ଦିନ ପାଇଁ ରହିବ। ଏହାପରେ ଦୀର୍ଘ ମିଆଦି ପର୍ଯ୍ୟନ୍ତ ସୁନା ଦର ୮୬,୦୦୦ ଟଙ୍କା ରହିପାରେ। କମୋଡିଟି ରିସର୍ଚ୍ଚର ମାନବ ମୋଦି କହିଛନ୍ତି, 'ବଜାରରେ ଅନିଶ୍ଚିତତା, ରେଟ୍ ହ୍ରାସ, ଚାହିଦା ବୃଦ୍ଧି ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା କାରଣରୁ ୨୦୨୪ରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନର କିଛି ମାସ ପରେ ସୁନା ଦର ଆହୁରି ବୃଦ୍ଧି ପାଇବ।' ସୁନା ଓ ରୁପାର ଅହେତୁକ ମୂଲ୍ୟ ବୃଦ୍ଧିର ଅନ୍ୟ କାରଣ ହେଉଛି ଫେଡେରାଲ ରିଜର୍ଭର ହାର ହ୍ରାସ ଏବଂ ଭୌଗୋଳିକ-ରାଜନୈତିକ ତିକ୍ତତା। ବିଶେଷ କରି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏହାର ମୁଖ୍ୟ କାରଣ ବୋଲି ମାନବ ମୋଦି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମୋଟାମୋଟି ଭାବେ ଏହି ଦୀପାବଳିରେ ମୂଲ୍ୟ ସକରାତ୍ମକ ରହିବ ବୋଲି ଆଶା କରାଯାଉଛି।

## ମୁଦ୍ରାସ୍ଫୀତିକୁ ନେଇ ଆରବିଆଇ ଗଭର୍ନର ଦେଲେ ବଡ଼ ସୂଚନା

**ନୂଆଦିଲ୍ଲୀ,୨୬।୧୦:** ଭାରତୀୟ ଅର୍ଥନୀତିରେ ଉତ୍ଥାନପତନ ଜାରି ରହିଛି। ଏଫ୍‌ଆଇଆଇ ଦେଶ ଛାଡୁଛନ୍ତି। ଏହି କାରଣରୁ ଗତ କିଛିଦିନ ହେବ ଷ୍ଟକ୍ ମାର୍କେଟରେ ମଧ୍ୟ ଏକ ବିରାଟ ହ୍ରାସ ଦେଖିବାକୁ ମିଳୁଛି। ମୁଦ୍ରାସ୍ଫୀତି ଆକଳନ ମଧ୍ୟ ଉପରକୁ ଯାଉଛି। ତେବେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରାଯାଇପାରିବ ବୋଲି ଆରବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ନିଶ୍ଚିତ ଅଛନ୍ତି। ସେ କହିଛନ୍ତି, ଦୁନିଆରେ ଅନେକ ସମସ୍ୟା ଚାଲିଥିବାରୁ ମୁଦ୍ରାସ୍ଫୀତି ଉପରେ ଚାପ ରହିଛି। କିନ୍ତୁ ଦେଶରେ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ମଧ୍ୟରେ ସମନ୍ୱୟ ଅଛି। ଭାରତୀୟ ଅର୍ଥନୀତି ଏକ ଦୃଢ଼ ସ୍ଥିତିରେ ଅଛି। ଚଳିତ ଆର୍ଥିକ ବର୍ଷର ଚତୁର୍ଥ ମାସ ଦ୍ୱାରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ହେବ। ଶକ୍ତିକାନ୍ତଙ୍କ କହିବାନୁଯାୟୀ, ପାଣିପାଗ ଅନିଶ୍ଚିତତା ଏବଂ ଭୌଗୋଳିକ ସମସ୍ୟା ହେତୁ ମୁଦ୍ରାସ୍ଫୀତି ଆକଳନ ୪% ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ହୋଇଛି। ଜାନୁଆରୀ-ମାର୍ଚ୍ଚ ତ୍ରୈମାସରେ ଏଥିରେ ଉନ୍ନତି ହେବ। ମୁମ୍ବାଇରେ ଆୟୋଜିତ ମାକ୍ରୋ ସପ୍ତାହ ୨୦୨୪କୁ ସମ୍ବୋଧିତ କରି ସେ କହିଛନ୍ତି, ଭାରତୀୟ ଅର୍ଥନୀତିର ସ୍ଥିରତା ଏବଂ ଶକ୍ତି ମୁଦ୍ରା ନୀତି କମିଟିକୁ ସୁଧ ହାର ବ୍ୟତୀତ ମୁଦ୍ରାସ୍ଫୀତି ଉପରେ ଧ୍ୟାନ ଦେବାର ସୁଯୋଗ ଦେଇଛି। କରୋନାର ଖରାପ ପ୍ରଭାବ ସତ୍ତ୍ୱେ ଆମେ ଗତ ତିନି ଆର୍ଥିକ ବର୍ଷ ପାଇଁ ପ୍ରାୟ ୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ବଜାୟ ରଖିଛୁ। ୨୦୨୫ ଆର୍ଥିକ ବର୍ଷରେ ମଧ୍ୟ ଏହା ପ୍ରାୟ ୭.୨ ପ୍ରତିଶତ ହେବ ବୋଲି ଆଶା କରାଯାଉଛି।

## ପ୍ରିମିୟମ ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୨୬।୧୦:** ବର୍ତ୍ତମାନ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପରିକି ଆମାଜନ୍.ଇନ୍‌ରେ ଭଲ ଅଫର, ବଡ଼ ସଞ୍ଚୟ, ବ୍ଲକ୍ ବଷ୍ଟର ମନୋରଞ୍ଜନ ଏବଂ ଆକର୍ଷଣୀୟ ପ୍ରଡକ୍ଟ ଲଞ୍ଚ ସହିତ ଏହି ପାର୍ବଣ ଋତୁକୁ ଗ୍ରାହକ ଉତ୍ସାହର ସହିତ ପାଳନ କରୁଥିଲାବେଳେ ସାମ୍‌ସଙ୍ଗ୍, ରେଡମି, ୱାନ୍‌ପ୍ଲସ୍, ଆଇକ୍ୟୁଓଓ, ସୋନି ପ୍ଲେ ଷ୍ଟେଶନ, ଫେରେରୋ ରୋଚର, ଫିଲିପ୍ସ, ଆପଲ, ଡେଲ୍, ଆଇଏଫ୍‌ବି ଆପ୍ଲାଏନ୍ସ, ଟମି ହିଲ୍‌ଫିଗର, ୟୁଏସ୍ ପୋଲୋ ଏଏସ୍‌ଏସ୍‌ଏନ, ବଜାଜ ଆପ୍ଲାଏନ୍ସ, ବୋଟ୍ ଆଦି ପ୍ରିମିୟମ ବ୍ରାଣ୍ଡ ଉପରେ ଆକର୍ଷଣୀୟ ଅଫରର ଲାଭ ଉଠାଇପାରିବେ। ସେହିଭଳି ଗ୍ରାହକମାନେ ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ, ବିଓବି କାର୍ଡ ଏବଂ ଏଚ୍‌ଏସ୍‌ବିସି କାର୍ଡ ଉପରେ ୧୦% ତୁରନ୍ତ ରିହାତି ପାଇପାରିବେ ଏବଂ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବା ପାଇଁ ସେମାନଙ୍କର ୧ମ, ୫ମ, ୧୦ମ ଏବଂ ୧୫ତମ ୟୁପିଆଇ କାରବାର ଉପରେ ଆମାଜନ୍ ପେ ରିୱାର୍ଡକୁ ଅନ୍‌ଲକ୍ କରିପାରିବେ।

# ବିପଦସଙ୍କୁଳ ଅବସ୍ଥାରେ ମୁଖ୍ୟ କେନାଲ ପୋଲ

**କଳାହାଣ୍ଡି, ୨୬।୧୦ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମତୁଆଲଗୁଡାର ବାମ ମୁଖ୍ୟ କେନାଳ ପୋଲ ଏବେ ସ୍ଥାୟୀତ୍ୱ ହରାଇବାରେ ରହିଛି । ଏହି ପୋଲ ଦେଇ ଡୋକରି ଡଙ୍ଗର ପାହାଡ଼ ସଂଯୁକ୍ତ ହୋଇଥିବାରୁ ଉକ୍ତ ଗାଁରେ ଅବସ୍ଥାପିତ କ୍ରସର ମାଲିକ ବା ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ଯାହାଫଳରେ ପଥର ମାଫିଆମାନେ ଅନବରତ ଭାରିଜାନ ଏହି ପୋଲଦେଇ ଯାତାୟତ କରୁଥିବାରୁ ପୋଲ ଏବେ ସ୍ଥାୟିତ୍ୱ ହରାଇ ଭାଙ୍ଗିବାର ରୂପ ନେଲାଣି। ଏ ନେଇ ଜଣେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କୁସୁମଖୁଣ୍ଟି ବାମ କେନାଳ ଡିବିଜନ ଠାରେ ତା ୧୧/୦୯/୨୦୨୪ ରିଖ ଦିନ ଅଭିଯୋଗ କରିଛନ୍ତି ଯେ ଉକ୍ତ ପୋଲକୁ ଭଙ୍ଗାପୋଲ ଘୋଷଣା କରିବା ସହିତ ବାର ଲଗାଇ ଭାରିଯାନ ଚଲା ଚଳ ନିଷେଧ ପାଇଁ । କିନ୍ତୁ କୁସୁମଖୁଣ୍ଟି ବାମ କେନାଳ ଡିଭିଜନରେ ଥିବା ଅଧିକ୍ଷଣ ଯନ୍ତ୍ରୀ ତୁପ କୁମାର ପାତ୍ରଙ୍କୁ ଏହି ପୋଲ ବିଷୟ ନେଇ ଅନେକ ଅଭିଯୋଗ କରିଥିଲେ ହେଁ ସ୍ଥାନୀୟ କ୍ରସର ମାଲିକମାନଙ୍କ ଗୁଲାମ ସାଜି ଲୋକ ଦେଖାଣିଆ ଭାବରେ ଗୋଟିଏ ନୋଟିସ



କରି ଯାହାର ଲେଟର ନମ୍ବର (2204W/E ତା-୧୭/୦୯ ୨୦୨୪) କରି ଛୋଟ ଛୁଆଙ୍କୁ ଲଳିପପ ଦେଇ ସନ୍ତୋଷ ସଦୃଶ କଲା ଭଳି ଅପର ପକ୍ଷରେ ଅଭିଯୋଗକୁ ଫୁ କରି ନାଲି ଫିତା ତଳେ ଚାପିଦେଇଛନ୍ତି। ବୋଧେ କ୍ରସର ମାଲିକ ଓ ଅଧିକ୍ଷଣ ଯନ୍ତ୍ରୀ ଭିତିରି କାରବାର ଥିବା। ଏନେଇ ଯନ୍ତ୍ରୀ ଚୁପ ବସି ଥିବା ନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଛି।

ସୂଚନାରୁ ପ୍ରକାଶ ଯେ ଉକ୍ତ ପୋଲ କୁ ଅଞ୍ଚଳର ଚାଷୀ, ଗାଈଗୋରୁ ଚରାଲି, ଜାଳିଣି

## ପଥର ମାଫିଆଙ୍କ କବଜାରେ କୁସୁମଖୁଣ୍ଟି ଡିଭିଜନ

କାଠ ସଂଗ୍ରହ କାରି ସହ ଏହି ପାହାଡ଼ ଶୀର୍ଷରେ ଥିବା ମା ଡୋକରୀ ଦେବୀଙ୍କ ଦର୍ଶନ ପାଇଁ ଏହି ପୋଲ ମୁଖ୍ୟ ହୋଇଥିବାରୁ ଏହା ଅଞ୍ଚଳର ସାହାରା ପଥ ଅଟେ। ବିଗତ ଦିନରେ ତ ଖୋଦ କୁସୁମଖୁଣ୍ଟି କେନାଳ ଡିଭିଜନ ପକ୍ଷରୁ ଭଙ୍ଗା ପୋଲ ସାବଧାନ ଯାନ ଚାଲଚଳ ନିଷେଧର ବୋର୍ଡ ମାରିବା ସହିତ ନାଲି ଫିତା ଦେଇ ଗାଡି ଚଲା ଚଳ ପ୍ରତି ନିଷେଧ କରି ଥିଲେ। ବର୍ତ୍ତମାନ କେଉଁ ସ୍ୱାର୍ଥ ସାଧନ ପାଇଁ ଅନବରତ ଭାରିଯାନ ଚଲା ଚଳ ପ୍ରତି ଅଙ୍କୁଶ ଲଗାଉ ନାହାନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମିଳିଥିବା ସୂଚନାରୁ ପ୍ରକାଶ ଯେ ୨୪/୦୫/୨୦୨୪ରିଖରେ ଉକ୍ତ ପୋଲ ଭାଙ୍ଗି ଯିବାନେଇ ତତ୍କାଳୀନ ଜେଇ ଶ୍ରୀ କଳାକାର ବାଗ ଭଙ୍ଗା ପୋଲ ଘୋଷଣା କରିଥିଲେ ପରେ କୁସୁମଖୁଣ୍ଟି ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ କୁ ନିର୍ଦ୍ଦିଷ୍ଟ କ୍ରସର ମାଲିକ ଅନୁପ କୁମାର ଅଗ୍ରୱାଲ ସଲା ସୁତୁରା କରି ଥିବାରୁ ଚିଠି ନଂ୨୪୨୨/ ତା -୧୭/୧୦/୨୦୨୪ରେ ଦର୍ଶାଇ ଛନ୍ତିଯେ ଏହି ବ୍ରିଜ ବା ପୋଲ ସମ୍ପୂର୍ଣ୍ଣ ଠିକ ଅଛି ବୋଲି ଦର୍ଶାଇଛନ୍ତି । ଏହି ବ୍ରିଜ କ୍ରସରର ଭାରିଯାନ ଚାଲିବା ପାଇଁ ନା ଚାଷୀ ମାନଙ୍କ ସୁବିଧା ପାଇଁ କରିଯାଇଛି ତାହା ଏବେ ଜନସାଧରଣରେ ଚର୍ଚ୍ଚା ଜୋର ଧରିଛି । କେନାଳ ବିଭାଗ ପକ୍ଷରୁ ଯଦି ଏହାର ସୁବିଚାର କରାନଗଲେ ଆଗାମୀ ଦିନରେ ଅଞ୍ଚଳ ବାସୀ, ଚାଷୀ ସମୁହଁ, ସ୍ୱେଚ୍ଛାସେବୀ ସଂଗଠନ ସମ୍ପୃକ୍ତ ଅଫିସ ଘେରାଉ କରିବା ସହିତ ଅଖ ଚକ ବନ୍ଦ କରିବା ଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ ଓ ସଙ୍ଘ ପକ୍ଷରୁ ଚେତାବନୀ ଦେଇଛନ୍ତି ।



## ନକଲି କିନ୍ନର ଚିହ୍ନଟ କରାଯାଉ

**ନୂଆପଡ଼ା, ୨୬।୧୦ (ସଂଚାର ବ୍ୟୁରୋ) :** ନୂଆପଡା ଜିଲ୍ଲା ଖଡ଼ିଆଳ ସହରରେ ବୁଲୁଥିବା ନକଲି କିନ୍ନର ଚିହ୍ନଟ ପାଇଁ ଦାବି ହୋଇଛି। କଣ୍ଟାବାଞ୍ଜିରୁ ଆସିଥିବା ପ୍ରାୟ ୭ଜଣ କିନ୍ନର ଖଡ଼ିଆଳ ସହରରେ ବୁଲୁଥିବା କିଛି କିନ୍ନରଙ୍କୁ ନକଲି କିନ୍ନର କହି ଖଡ଼ିଆଳ ଥାନାକୁ ନେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ କିଛିଲୋକ ପରିବାର ପ୍ରତିପୋଷଣ କରିବା ନାମରେ କିନ୍ନର ବେଶଧରି ବୁଲୁଛନ୍ତି। ଏପରିକି ଲୋକଙ୍କୁ ଠକିଛନ୍ତି। ଫଳରେ ପ୍ରକୃତ୍ କିନ୍ନରମାନେ ବଦନାମ ହେଉଛନ୍ତି। କିଛିଦିନ ତଳେ ତୁକୁଲା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେକିଛି ନକଲି କିନ୍ନର ଯାଇଝଡ଼ାଫୁଙ୍କା କରିବା ନାମରେ ସୁନଚେନ୍ ଚୋରି କରିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା । ଫଳାରେ ପ୍ରକୃତ କିନ୍ନରମାନେ ବଦନାମ ହୋଇ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତେଣୁ ନକଲି କିନ୍ନରଙ୍କୁ ଚିହ୍ନଟ କରିବାକୁ ଥାନାରେ ନିବେଦନ କରିଥିଲେ। ଏନେଇ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ ଧରୁଆ ପଚାରିବାରୁ ସେମାନଙ୍କ ମଧ୍ୟରେ ଅପୋଷ ବୁଝାମଣା ହୋଇଥିବା ପ୍ରକାଶ କରିଥିଲେ।




## ଜୟ କିଷାନ ପାଠାଗାର ପ୍ରତିଷ୍ଠା ଉତ୍ସବରେ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ

**ବରଗଡ଼, ୨୬।୧୦ (ସଂଚାର ବ୍ୟୁରୋ) :** ମଶାଲ ଶୋଭାଯାତ୍ରାକୁ ବରଗଡ଼ ଗାନ୍ଧୀ ଛକ ଠାରେ ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଜୟ କିଷାନ ପାଠାଗାର ପ୍ରତିଷ୍ଠା ଅବସରରେ ଅନୁଷ୍ଠାନ ର ସଦସ୍ୟ ମାନେ ଏକ ମଶାଲ ଶୋଭାଯାତ୍ରା ରେ ବୀର ମାଟି ଘେଁସ ରୁ ବାହାରି ବରଗଡ ଜିଲ୍ଲା ଅତାବିରା ବ୍ଲକ ଦେଓ୍ୱାହାଲ ଗାଁ ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରଖିଥିଲେ। ଶିକ୍ଷା କୁ ପ୍ରାଧାନ୍ୟ ଦେଇ ଯୁବପିଢ଼ି କୁ ସଠିକ ମାର୍ଗ ରେ ଚାଲିବା ଓ ଉତ୍ତମ ନାଗରିକ ପ୍ରସ୍ତୁତ କରିବା ଲକ୍ଷ୍ୟ ରେ ଏହି ପାଠାଗାର ନିର୍ମାଣ କରଯାଇ ଥିବା କୁହାଯାଉଛି ସେହିପରି ଜୟ ଯବାନ ଜୟ କିଷାନ ଓ ଦେଶ ପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟ ରେ ଏହି ଶୋଭାଯାତ୍ରା ଅଯୋଜନ କରାଯାଇ ଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ରହିଛି। ଏଥିରେ କୃଷକ ସଂଗଠନ ର ରମେଶ ମହାପାତ୍ର, ବାବୁ ବାହାନ ସାହୁ,ସମାଜସେବୀ ଦିବାକର ମାଝୀ, ପବିତ୍ର ଦେହେରି, ବଳିଷ୍ଠ ଦୁର୍ଗା,ଆମ୍ ଆଦମୀ ପାର୍ଟି ର ଭବାନୀ ସାହୁ, ଅସିତ ସାହୁ, ଅବିନାଶ ବାଗ,ସୁବଳ କହଁରା, ସଂକଳ୍ପ ପରିବାର ପକ୍ଷରୁ ବିକାଶ ଅଗ୍ରୱାଲ, ବାସ୍ମତୀ ବନଛୋର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ବିଜ୍ଞାନ ମେଳା ଓ ମୀନାବଜାର

**କଟକ, ୨୬।୧୦ (ସଂଚାର ବ୍ୟୁରୋ) :** ଚାନ୍ଦିନୀଚୌକ ବନ୍ଧବାଶେଳୀସ୍ଥ ଶ୍ରୀଭାରତୀ ସ୍କୁଲରେ ବିଜ୍ଞାନ ମେଳା ଓ ମୀନାବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ କାର୍ଯ୍ୟକାରୀ କମିଟିର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଉଦ୍‌ଘାଟନ କରିବା ସହ ସଭାପତିତ୍ୱ କରି ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଜିବଜାର ସରକାରୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ରତ୍ନପ୍ରଭା ତ୍ରିପାଠୀ ଓ ବାଲୁବଜାର ସରସ୍ୱତୀ ଶିଶୁ ମନ୍ଦିରର ବିଜ୍ଞାନ ଶିକ୍ଷକ ଶ୍ରୀ ଅଶୋକ ମିଶ୍ର ଅତିଥି ରୂପେ ଯୋଗ ଦେଇ ପିଲାମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ପ୍ରଦାନ କରିବା ସହ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଜୟନ୍ତୀ ସିଂହ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଜ୍ଞାନ ମେଳା ଓ ମୀନା ବଜାରକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବାଶିଷ ସିହ୍ନା ସଭା କାର୍ଯ୍ୟ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



## 'ଦାନା' ପ୍ରଭାବିତ ଅଞ୍ଚଳରେ ସ୍କାଉଟସ୍ ଏବଂ ଗାଇଡସ୍‌ର ସେବା

**ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ) :** ଗତ ୨୪ ତାରିଖ ଦିନ ପ୍ରଳୟଙ୍କାରୀ ଘୂର୍ଣ୍ଣିବାତ୍ୟା"ଦାନା"ର ପ୍ରଭାବରେ କ୍ଷତିଗ୍ରସ୍ତଜିଲ୍ଲାମାନଙ୍କରେ ରାଜ୍ୟ ମୁଖ୍ୟକମିଶନର ଡଃ.କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେଓଡ଼ିଶାସ୍କାଉଟ ଓ ଗାଇଡ୍ ସଂସ୍ଥାର ଶତାଧିକ ରୋଭର ଓ ରେଞ୍ଜର ବିଭିନ୍ନ ଜିଲ୍ଲାରେ ସେମାନଙ୍କର ସେବାକାର୍ଯ୍ୟ ଜାରି ରଖିଛନ୍ତି। ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଏବଂ ଯାଜପୁର ଜିଲ୍ଲାରେ ରୋଭର ଓ ରେଞ୍ଜରମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଅନ୍ଧାର ଏବଂ ଅନାହାରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ରନ୍ଧାଖାଦ୍ୟ ପରିବେଷଣକରିଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର "ଦାନା" ପ୍ରଭାବରେ ବହୁତ କ୍ଷତିଗ୍ରସ୍ତ ହୋଇଥିବା ବଗପାଟିଆ ଗ୍ରାମରେ କେନ୍ଦ୍ରାପଡ଼ା ଜିଲ୍ଲାର ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜରମାନେ ଉକ୍ତ ଅଞ୍ଚଳରେଘରକୁ ଘର ବୁଲିଚୁଡା, ଗୁଡ, ବିସ୍କୁଟ, ମହମବତୀଏବଂ ଦିଆସିଲି ଆଦି ଅତ୍ୟାବଶ୍ୟକସାମଗ୍ରୀଲୋକମାନଙ୍କୁ ବଣ୍ଟନ କରିଥିଲେ। ଏତଦ୍ ବ୍ୟତୀତ ବାତ୍ୟା ପ୍ରଭାବରେ ରାସ୍ତା ଅବରୋଧ କରୁଥିବା ଭଙ୍ଗା ଗଛ ଡାଳ, ବିଦ୍ୟୁତ ଖୁଣ୍ଟ ଆଦିକୁ ଉଠାଇ ରାସ୍ତା ପରିଷ୍କାର କରିବା କାର୍ଯ୍ୟରେ ଜିଲ୍ଲା ପ୍ରଶାସନକୁ ସହାୟତା ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ବାତ୍ୟା ପ୍ରଭାବିତ ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ସ୍କାଉଟ ଓ ଗାଇଡ୍‌ମାନେ ନିଜ ନିଜ ଅଞ୍ଚଳରେ ଅନୁରୂପ କାର୍ଯ୍ୟରେ ନିୟୋଜିତହୋଇ ରହିଛନ୍ତି।

## ପୁଆ ପାକ୍ସ ମହାଦୁର୍ନୀତି

## ବଳି ପଡ଼ିଲେ ତଳିଆ କର୍ମଚାରୀ

### ସହ ସଂପାଦକ ଓ ହିସାବ ରକ୍ଷକ ନିଲମ୍ବିତ

**ସୁବର୍ଣ୍ଣପୁର, ୨୬।୧୦ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପୁଆ ପାକ୍ସର ମହା ଦୁର୍ନୀତି ରେ ସହ ସଂପାଦକ ଓ ହିସାବ ରକ୍ଷକଙ୍କୁ ନିଲମ୍ବିତ କରି କାମ ସାରିଦେଲା ବିଭାଗ। ବହୁ ବାଦବିବାଦ ପରେ ବାଧ୍ୟ ହୋଇ ସୋନପୁର ସର୍କଲ ର ସହକାରୀ ନିବନ୍ଧକ ପାଣୁ ଚରଣ ସାହୁ ଗତ ୨୨ ତାରିଖ ପାକ୍ସକୁ ତଦନ୍ତରେ ଯାଇ ସହ-ସମ୍ପାଦକ ବାସୁଦେବ ପାତ୍ର ଓ ହିସାବ-ରକ୍ଷକ ସିଦ୍ଧେଶ୍ୱର ନାଏକଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି। କିନ୍ତୁ ଏହାକୁ ଚାଷୀ ମାନେ ହଜମ କରି ପାରିନାହାନ୍ତି। ତଦନ୍ତକାରୀ ଅଫିସର ସହକାରୀ ନିବନ୍ଧକ ପାଣୁ ଚରଣ ସାହୁ ନିଜେ ଜଣେ ସ୍ୱଚ୍ଛ ଅଧିକାରୀ ନୁହେଁ ଓ ପୂର୍ବରୁ ସେ କାର୍ଯ୍ୟ କରିଥିବା ଜିଲ୍ଲାରେ ତାଙ୍କ ନାମରେ ଦୁର୍ନୀତି ମାଳ ମାଳ ଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ସମବାୟ ସମିତି ର ସଭାପତି ଓ ସଂପାଦକ ମୁଖ୍ୟ ଆସାମୀ ହୋଇଥିବା ବେଳେ ତଳିଆ କର୍ମଚାରୀ ଙ୍କୁ ନିଲମ୍ବିତ କରି ବିଭାଗ ନେଇ ଥିବା ପଦକ୍ଷେପ କୁ ନାପସନ୍ଦ କରିଛନ୍ତି। ଯେଉଁ ପର୍ଯ୍ୟନ୍ତ ସଭାପତି ଓ ସଂପାଦକ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ପଇସା ଫେରସ୍ତ ନ ହେବ ଆନ୍ଦୋଳନ ଚାଲୁ ରଖିବା ସହ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ଠାରେ ତାଙ୍କ ଦାବୀ ଉପସ୍ଥାପନ କରିବା ନେଇ ମିଡିଆ ସାମାନାରେ କହିଛନ୍ତି ଚାଷୀ।

ସୂଚନା ଅନୁସାରେ ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ଅନ୍ତର୍ଗତ ପୁଆ ପ୍ରାଥମିକ କୃଷି ସମବାୟ ସମିତିର ଚାଷୀ ମାନେ ସମିତିରେ ଘୋର୍ ଦୁର୍ନୀତି ହୋଇଥିବା ବିଷୟ ଗତ ୩ ତାରିଖ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଡିଆରସିଏସ ଙ୍କୁ ଅଭିଯୋଗ କରିଥିଲେ। ପୁଆ ସମବାୟ ସମିତିର ସଭାପତି ପ୍ରଭୂଦତ୍ତ ତାଙ୍ଗଙ୍କ ଆଦେଶ କ୍ରମେ ଦୀର୍ଘ ବର୍ଷରୁ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିବା ଲିଖିତ ଅଭିଯୋଗ ସେମାନେ କରିଥିଲେ। ସଭାପତିଙ୍କ ଆଦେଶ କ୍ରମେ ଚାଷୀମାନଙ୍କ ଅଜ୍ଞାତରେ ଜାଲ ଦସ୍ତଖତ କରି ଚାଷୀମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ



କରି ଟଙ୍କା ହରିଲୁଟ କରିଛନ୍ତି। ଏପରିକି ଦିବ୍ୟାଙ୍ଗ ଚାଷୀ ଓ ମୃତ ଚାଷୀ ଙ୍କ ନାମରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି ସମିତିର କର୍ମଚାରୀ। ସଭାପତି ଙ୍କୁ ଏଆରସିଏସ୍ ଙ୍କ ପତ୍ରସଂଖ୍ୟା ୬୨୭ ତା. ୧୮.୦୬.୨୪ ଅନୁଯାୟୀ ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରି ନାହାନ୍ତି। ଏ ନେଇ ଅଭିଯୋଗ ପରେ ବିଜେପି କୃଷକ ମୋର୍ଚ୍ଚା ସଭାପତି ପୁଆ ପାକ୍ସ ପରିଦର୍ଶନ ସହ ସ୍ଥାନୀୟ ଚାଷୀ ମାନଙ୍କ ସହ ଆଲୋଚନା ପରେ ସୋନପୁର ସର୍କିଟ ହାଉସ ଠାରେ ପୁଆ ପାକ୍ସରେ ମହାଦୁର୍ନୀତି ହୋଇଥିବା ବିଷୟ ମିଡିଆ ଆଗରେ କହିବା ସହ ମୋହନ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ବିଷୟ କହିଥିଲେ।

## ଜିଲ୍ଲାସ୍ତରୀୟ ସିପକ ଟାକ୍ରୋ ଚୟନ ପ୍ରତିଯୋଗିତା

**ସୁନ୍ଦରଗଡ, ୨୬।୧୦ (ସଂଚାର ବ୍ୟୁରୋ) :** ଶନିବାର ସକାଳ ୮ ସମୟରୁ ସୁନ୍ଦରଗଡ ଜିଲ୍ଲା ସ୍ତରୀୟ ସିପକ ଟାକ୍ରୋ ଚୟନ ପ୍ରତିଯୋଗିତା ଯୋଗୀମାଲ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗୀମାଲ ସରପଞ୍ଚ ସୌଦାମିନୀ ଭୋଇ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜେ ବି ଏନ୍ ଏମ ପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲର ଅଧ୍ୟକ୍ଷ କିଶୋର କୁମାର ରାଉତ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ସିନିଅର ଏବଂ ସବ ଜୁନିଅର ବିଭାଗରେ ଉଭୟ ବାଳକ ଓ ବାଳିକା ଖେଳାଳି ମାନଙ୍କୁ ଚୟନ କରାଯାଇଥିଲା ।

ଜିଲ୍ଲାର ବିଭିନ୍ନ ଗ୍ରାମ,ସ୍କୁଲ ଓ କଲେଜରୁ ୩୦ ଜଣ ଝିଅ ଓ ୫୦ ଜଣ ପୁଅ ଖେଳାଳି ଭାଗ ନେଇଥିଲେ। ଯେଉଁ ସିନିଅର ଖେଳାଳି ମାନେ ଚୟନ ହୋଇଛନ୍ତି ଆସନ୍ତା ନଭେମ୍ବର ମାସ ୨ ଓ ୩ ତାରିଖରେ ପୁରୀରେ ହେବାକୁ ଥିବା



ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ଏବଂ ସବ ଜୁନିଅର ଖେଳାଳୀ ମାନେ ଆସନ୍ତା ନଭେମ୍ବର ମାସ ୯ ଓ ୧୦ ତାରିଖରେ ସୁନ୍ଦରଗଡରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଜାତୀୟ ରେଫରୀ ରମେଶ ଚନ୍ଦ୍ର ନାଏକ ଖେଳ ପରିଚାଳନାର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଖେଳ ଶିକ୍ଷକ ଜୟନ୍ତ କୁମାର ନାଏକ, ରଜନୀ କାନ୍ତ ପଟେଲ ଓ ହେମସାଗର ପଟେଲ ସହଯୋଗ କରିଥିଲେ। ସୁନ୍ଦରଗଡ ଜିଲ୍ଲା ସିପକ ଟାକ୍ରୋ ସଂଘ ଆୟୋଜନ କରିଥିବା ବେଳେ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲ ସହଯୋଗ କରିଥିଲେ। ଜନ ସେବା ସମିତି ଯୋଗୀମାଲ ଅନୁଷ୍ଠାନର ସାଧାରଣ ସମ୍ପାଦକ ଲିପ୍ସା ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରତିଯୋଗିତା ସଫଳ ହୋଇଥିଲା । ସମସ୍ତ ଖେଳାଳି ମାନଙ୍କୁ ସଦର ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, ସୁନ୍ଦରଗଡ ଜିଲ୍ଲା ସିପକ ଟାକ୍ରୋ ସଂଘ ଓ ଜନ ସେବା ସମିତି ଯୋଗୀମାଲ ଅନୁଷ୍ଠାନର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

## ପୁରୁଣା ରିଲିଫ୍ କୋଡ୍ ଚାଷୀଙ୍କ ପାଇଁ କାଳ

### ତୁରନ୍ତ ସଂଶୋଧନ ପାଇଁ ନବନିର୍ମାଣର ଆହ୍ୱାନ

**ଭୁବନେଶ୍ୱର, ୨୬।୧୦ (ସଂଚାର ବ୍ୟୁରୋ) :** ବିଭିନ୍ନ ସମୟ ପ୍ରାକୃତିକ ବିପର୍ଯ୍ୟୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀମାନେ। କିନ୍ତୁ ବନ୍ୟାବାତ୍ୟ ପରେ ସରକାର ଆଦୌ କ୍ଷତି ହୋଇନଥିବା ଗୃହ ପୂର୍ତ୍ତ ଓ ପଞ୍ଚାୟତ ରାଜ୍ ବିଭାଗରେ କୋଟିକୋଟି ଟଙ୍କା ଅଜାଡ଼ି ଦେଉଛନ୍ତି। ଆଦୌ କ୍ଷୟକ୍ଷତି ହୋଇନଥିବା କୋଠା ବାଡ଼ିର ମରାମତି ପାଇଁ ଅର୍ଥ ମଞ୍ଜୁରୀ ହୋଇଛି। ମାତ୍ର ହେକ୍ଟର ପିଛା ୫୦ ରୁ ୬୦ ହଜାର ଧାନ ଚାଷରେ ଖର୍ଚ୍ଚ କରୁଥିବା ଚାଷୀଙ୍କ ପାଇଁ ରାଜ୍ୟ ସରକାର ଜଳ ସେଚିତ ପାଇଁ ୧୩, ୫୦୦ ଓ ଅଣଜଳସେଚିତ ପାଇଁ ୬, ୮୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହି ଆଇନ୍ ନବଦଳିବା ଅତ୍ୟନ୍ତ ବିଷମକର ଓ ଲଜ୍ୟାଜନକ। ସରକାର ବର୍ଷ ବର୍ଷ ଧରି କର୍ମଚାରୀଙ୍କୁ ବର୍ଦ୍ଧିତ ହାତରେ ବେତନ ଦେବା ଓ ସେମାନଙ୍କ ଦାବୀ ଶୁଣୁଥିବା ବେଳେ ଅନ୍ନ ଦାତା ଚାଷୀମାନଙ୍କୁ ଏଭଳି ଅଯୋକ୍ତିକ ଓ କ୍ଷତିକାରକ ଦରରେ ରିଲିଫ୍ କୋର୍ଡ ଥିବାରୁ ବିପର୍ଯ୍ୟୟ ପରେ ତାହା ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଦେଉଛି। ତେଣୁ ସରକାର ତୁରନ୍ତ କ୍ୟାବିନେଟ୍ ବୈଠକ ଡକାଇ ରିଲିଫ କୋର୍ଡ ବୃଦ୍ଧି ସଂକ୍ରମାନ୍ତରେ ତ୍ୱରିତ ନିଷ୍ପତି ନେବାକୁ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସରକାରଙ୍କୁ ଆହ୍ୱାନ ଜଣାଇଛନ୍ତି। ରିଲିଫ କୋର୍ଡ ସଂଶୋଧନ ହେଲେ ଖର୍ଚ୍ଚ ଅନୁଯାୟୀ ଚାଷୀମାନେ କ୍ଷତିପୂରଣ ପାଇଲେ ସେମାନେ ଚାଷ ପ୍ରତି ବିମୁଖ ହେବେ ନାହିଁ କିମ୍ବା ଦାଦନ ମୁହାଁ ହେବେନାହିଁ। ଚାଷରୁ କ୍ଷତିର ବୋଝ କମିଲେ ଯୁବ ପିଢ଼ୀ କୃଷି କ୍ଷେତ୍ରକୁ ଓହ୍ଲାଇବେ। ଏଣୁ ବିପର୍ଯ୍ୟୟ ପାଇଁ ଯେତିକି ଅର୍ଥର ବରାଦ କରାଯାଇଛି ତାର ବ୍ୟୟ ବରାଦ ପାଇଁ ଶ୍ରୀ ନନ୍ଦ ଦାବୀ କରିଛନ୍ତି।

## ବିଏମ୍‌ସିର ଦାୟିତ୍ୱହୀନତା

## ନଷ୍ଟ ହେଉଛି ପେଭର ବ୍ଲକ

### ରାସ୍ତା ନିର୍ମାଣ ବେଳେ ଯନ୍ତ୍ରୀ କରୁନାହାନ୍ତି ତଦାରଖ

**ବ୍ରହ୍ମପୁର, ୨୬।୧୦ (ସଂଚାର ବ୍ୟୁରୋ) :** ଭୂତଳ ଜଳ ସ୍ତର ବୃଦ୍ଧି ଏବଂ ସହରକୁ ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ସ୍ୱରୂପ ପେଭର ବ୍ଲକ ପକାଇବାକୁ ଗୁରୁତ୍ୱ ଦିଆଯାଉଛି। ବ୍ରହ୍ମପୁର ମହାନଗର ନିଗମ ତରଫରୁ ସହରର ବିଭିନ୍ନ ସ୍ଥାନରେ ପେଭର ବ୍ଲକ ପକାଯାଉଛି। ରାସ୍ତା ଏବଂ ରାସ୍ତା କଡ଼ରେ ପଡୁଛି। ହେଲେ ପେଭର ବ୍ଲକ ପକାଇବା କାର୍ଯ୍ୟରେ ବ୍ୟାପକ ତୃଟି ଦେଖିବାକୁ ମିଳୁଛି। ଫଳରେ ଅଳ୍ପ ଦିନ ଭିତରେ ସେଗୁଡ଼ିକ ନଷ୍ଟ ହୋଇଯାଉଛି। କେଉଁଠି ରାସ୍ତା ଉପରୁ ବ୍ଲକ ବାହାରି ଯାଇଥିବା ବେଳେ ଆଉ କେଉଁଠି ଭାଙ୍ଗିରୁଜି ଯାଉଛି। ତଥାପି ସେଗୁଡ଼ିକର ସ୍ଥାୟୀତ୍ୱ ଦିଗରେ ମହାନଗର ନିଗମ ତରଫରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ବ୍ରହ୍ମପୁର ସହରରେ ପୂର୍ବରୁ ପିଚୁ ଏବଂ କଂକ୍ରିଟ ରାସ୍ତା ପଡୁଥିଲା। କେବଳ ମୁଖ୍ୟ ରାସ୍ତା ନୁହଁ, ଗାଳିକନ୍ଦିର ରାସ୍ତା ପାଇଁ ମଧ୍ୟ ଏହି ଦୁଇ ପ୍ରକାରରେ କାମ ହେଉଥିଲା। ହେଲେ ସାମାନ୍ୟ ବର୍ଷା ହେବା ପରେ ମଧ୍ୟ ରାସ୍ତାରୁ ପିଚୁ ଉଠିପଡୁଥିଲା। ରାସ୍ତା ଖରାପ ହୋଇଯାଉଥିଲା। ଫଳରେ ପିଚୁ ବଦଳରେ କାଳକ୍ରମେ କଂକ୍ରିଟ ରାସ୍ତା କାମ ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ବର୍ଷା ମାଡ଼ ସତ୍ତ୍ୱେ ରାସ୍ତା ଆଉ ଖରାପ ହେଲା ନାହିଁ। କିନ୍ତୁ ଆଉ ଏକ ନୂତନ ସମସ୍ୟା ସୃଷ୍ଟି ହେଲା। ତାହା ହେଲା କଂକ୍ରିଟ ପଡ଼ିବା ପରେ ଭୂତଳ



ଜଳ ସ୍ତର ହ୍ରାସ ପାଇବା ରେ ଲାଗିଲା। ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଲା। ଯାହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରିବେଶକୁ ସୁରକ୍ଷା ଦେବା ଓ ଭୂତଳ ଜଳ ବୃଦ୍ଧି କରିବା ପାଇଁ ପେଭର ବ୍ଲକ ପକାଇବାକୁ ନିର୍ଦ୍ଦେଶ ରହିଲା। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମ ତରଫରୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଗଲା। ମହାନଗର ନିଗମ ପକ୍ଷରୁ ସହରରେ ପ୍ରାୟ ୮ ହଜାର ମିଟରରୁ ଅଧିକ ପେଭର ବ୍ଲକ ରାସ୍ତା ନିର୍ମାଣ ହେଲାଣି। ବିଭିନ୍ନ ସାହି ସମେତ ମୁଖ୍ୟ ରାସ୍ତା ଗୁଡିକରେ ମଧ୍ୟ ପେଭର ବ୍ଲକ ପଡ଼ିଛି। ତେବେ ଏଥିରେ ବ୍ୟାପକ ତୃଟିକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି।

ପୂର୍ବରୁ ରାସ୍ତା ଉପରେ ଯେଉଁ କଂକ୍ରିଟ ପଡ଼ିଥିଲା, ତାହାକୁ ବାହାର କରାଯାଉ ନାହିଁ। ବରଂ କଂକ୍ରିଟ ଉପରେ ହିଁ ପେଭର ବ୍ଲକ ପକାଯାଉଛି। ସେହିଭଳି ମାଟି ରାସ୍ତା ଉପରେ ବାଲି ପକାଇବା ବଦଳରେ ପଥର ଗୁଣ୍ଡ ପକାଇ ତା ଉପରେ ପେଭର ବ୍ଲକ ପଡୁଛି। ଫଳରେ ଅନେକ ପେଭର ରାସ୍ତା ବର୍ତ୍ତମାନ ଦବି ଯିବା ସହ ଖାଲ ଖମା ହେଲାଣି। ରାସ୍ତା ଉପରେ ପାଣି ଜମୁଛି। ନିଷ୍କାସନ ହୋଇପାରୁ ନାହିଁ। ଅନେକ ଦିନ ପର୍ଯ୍ୟନ୍ତ ପାଣି ଜମି ରହୁଥିବା ଯୋଗୁ ସେଗୁଡ଼ିକ କାଳକ୍ରମେ ନଷ୍ଟ ହୋଇପଡୁଛି। ରାସ୍ତା ତିଆରି ହେବାର ଅଳ୍ପ କିଛି ଦିନ ଭିତରେ ହିଁ ଖରାପ ହୋଇଯାଉଛି। ପୁଣି ଥରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି। ଅପରପକ୍ଷେ ଯେଉଁ ରାସ୍ତାରେ ପେଭର ପଡୁଛି, ସେହି ରାସ୍ତାରେ ପୁଣି ପାଣି ପାଇପ୍ ପକାଇବା ପାଇଁ ଖୋଳି ଦିଆଯାଉଛି। ରାସ୍ତାର ଅବସ୍ଥା ପୂର୍ବାବସ୍ଥାକୁ ଫେରି ଯାଉଛି। ଯେଉଁ ଉଦ୍ଦେଶ୍ୟ ଦେଇ ପେଭର ବ୍ଲକକୁ ଗୁରୁତ୍ୱ ଦିଆଯାଉଛି, ବ୍ରହ୍ମପୁରରେ ସେହି ଉଦ୍ଦେଶ୍ୟ ପୂରଣ ହୋଇପାରୁନଥିବା ଆଲୋଚନା ହେଉଛି।

ଅନ୍ୟପଟେ ଯନ୍ତ୍ରୀମାନଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଉଥିଲେ ମଧ୍ୟ ଏଥିରେ ଉଲଂଘନ ହେଉଛି। ରାସ୍ତା ନିର୍ମାଣ ବେଳେ କାର୍ଯ୍ୟକୁ ତଦାରଖ କରୁନାହାନ୍ତି ଯନ୍ତ୍ରୀ। ଯାହା ଫଳରେ ନିର୍ମାଣ କାର୍ଯ୍ୟ ଅଳ୍ପ କିଛି ଦିନ ପରେ ନଷ୍ଟ ହୋଇପଡୁଛି। ଏଣୁ ପେଭର ବ୍ଲକ ପକାଇବା ପୂର୍ବରୁ କଂକ୍ରିଟକୁ ବାହାର କରିବା ସହିତ ମହାନଗର ନିଗମ ତରଫରୁ ନିର୍ମାଣ ସମୟରେ ଉପଯୁକ୍ତ ତଦାରଖ କରିବାକୁ ଦାବି ହୋଇଛି।

## ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତି ଅବିଚାର

**ବେତନଟୀ, ୨୬।୧୦ (ସଂଚାର ବ୍ୟୁରୋ) :** ଆଗାମୀ ନଭେମ୍ବର ୫ ତାରିଖରେ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ୭ମଶ୍ରେଣୀର ଓ ୫ମ ଶ୍ରେଣୀର ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବାକୁ ମାଧ୍ୟମିକ ଶିକ୍ଷାବୋର୍ଡ ବିଜ୍ଞପ୍ତି ଜାରି କରିଛନ୍ତି।ଅକୋବର ୨୩ରେ ୭ମ ଓ ୨୫ ତାରିଖରେ ୫ମ ବୃତ୍ତି ପରୀକ୍ଷା କରାଯିବାକୁ ସ୍ଥିର ହୋଇଥିଲା, ଯାହାକି ସମ୍ଭାବ୍ୟ ବାତ୍ୟା ପାଇଁ ଘୁଞ୍ଚିଥିଲା। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ଏହି ଦୁଇ ବୃତ୍ତି ପରୀକ୍ଷା ଗତ୨୦୨୩-୨୪ ଶିକ୍ଷାବର୍ଷର ଏବଂ ୨୦୨୪-୨୫ ଶିକ୍ଷାବର୍ଷର ଷାଣ୍ମାସିକ ପରୀକ୍ଷା ଗତ ଅକୋବର ତୃତୀୟ ସପ୍ତାହରେ ସମାପ୍ତ ହେବାପରେ ବିଗତ ବର୍ଷର ପାଠ୍ୟକ୍ରମକୁ ନେଇ ପରୀକ୍ଷା କରାଯାଉଛି। ଯାହାକି କୋମଳମତି ଓ ମେଧାବୀ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅଭିଭାବକମାନ ଙ୍କୁ ମାନସିକ ଯନ୍ତ୍ରଣା ଦେଇଛି। ଏହା କେବଳ ଚଳିତ ବର୍ଷ ନୁହେଁ, ମାଧ୍ୟମିକ ଶିକ୍ଷାବୋର୍ଡର ପ୍ରତ୍ୟେକ ବର୍ଷ ଏକ ଅଭ୍ୟାସରେ ପରିଣତ ହୋଇଛି। ସରକାର ଯେପରି ଉଚ୍ଚବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଓ ସେମାନଙ୍କୁ ଉଚ୍ଚ ହାରରେ ଦରମା ଦିଅନ୍ତି, କିନ୍ତୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତିରେ ଅହେତୁକ ବିଳମ୍ବ ଓ ଚୁକ୍ତିଭିତ୍ତିକ ଦରମା ଦେଇଚାଲିଛନ୍ତି ଠିକ୍ ମାଧ୍ୟମିକ ଶିକ୍ଷାବୋର୍ଡ ମଧ୍ୟ ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀଙ୍କ ପ୍ରତି ସେଭଳି ଅବିଚାର କରିଚାଲିଛନ୍ତି।

ପ୍ରଶ୍ନ ଆସେ ଯେ, ଚଳିତବର୍ଷର ପାଠ୍ୟକ୍ରମ ପଢି ନିଜକୁ ପ୍ରସ୍ତୁତ କରୁଥିବା ମେଧାବୀ ଛାତ୍ରଛାତ୍ରୀଗଣ ବର୍ଷ ମଝିରେ ବିଗତବର୍ଷର ପାଠ ପଢି ପୁଣି ବୃତ୍ତି ପରୀକ୍ଷା ଦେବେ, ଏହା କିପରି ବ୍ୟବସ୍ଥା। ସେହିଭଳି ଜିଲ୍ଲା ଶିକ୍ଷାଧିକାରୀମାନଙ୍କଦ୍ୱାରା ପରିଚାଳିତ ତୃତୀୟ ଶ୍ରେଣୀର ବୃତ୍ତି ପରୀକ୍ଷା ଅଧିକାଂଶ ଜିଲ୍ଲାରେ ଏଯାବତ୍ କରାଯାଇନାହିଁ। ଉଚ୍ଚସ୍ତରରେ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତି ବିରୁଦ୍ଧରେ ସେମାନଙ୍କ ଉପରେ ଦଣ୍ଡବିଧାନ କରାଯାଉନାହିଁ କାହିଁକି ବୋଲି ରାଜ୍ୟସ୍ତରୀୟ ନିମ୍ନମାଧ୍ୟମିକ ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି ଏଠାରେ ଦୃଢ଼ ଦାବି ଜଣାଇଛନ୍ତି ।